- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ♦VOLUME- 44 ♦ISSUE-125 ♦FRIDAY ♦30 OCTOBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୧୨୫ ♦ଶୁକ୍ରବାର ♦୩୦ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଆଣ୍ଡାମାନରେ ସୃଷ୍ଟି ହେଲା ଆଉ ଏକ ଲଘୁଚାପ

୩୧ରେ ଅବପାତ ରୂପ ନେଇ ଆହୁରି ଘନୀଭୂତ ହେବ

ସଦୃଶ ଲଘୁଚାପରେ ପରିଣତ ହେଲା 'ଅର୍ଣ୍ଣବ'

ଆଜିଠୁ ରାଜ୍ୟରେ ବଦଳିବ ପାଗ; ୨ରୁ ପୁଣି ବର୍ଷା

■ ଭୁବନେଶ୍ୱର, ୨୯।୧୦ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଏହି ଲଘୁଚାପ ସୃଷ୍ଟି ହୋଇଛି। ଏବେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଥିବା ବେଳେ ଆସନ୍ତା ୩୧ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଆଣ୍ଡାମାନ ସାଗର ଅଞ୍ଚଳରେ ଏହା ଅବପାତରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଏହି ଅବପାତଟି ଆହୁରି ଅଧିକ ଘନୀଭୂତ ହେବା ସହ ୨ ଦିନ ଧରି ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଅବପାତ ସମ୍ପର୍କରେ ଆଇଏମ୍‌ଡି ପକ୍ଷରୁ ସୂଚନା ▶ପୃଷ୍ଠା-୭



ବାତ୍ୟା ବିପତ୍ତି: ଗଞ୍ଜାମ, ଗଜପତି ବେହାଲ୍

ଋଷିକୁଲ୍ୟାରେ ମହାବନ୍ୟା, ଭୂସ୍ଖଳନରେ ଘାଟୀ ରାସ୍ତା ବନ୍ଦ

୨୪ ଘଣ୍ଟାରେ ରାଜ୍ୟରେ ୫୫୪୩% ଅଧିକ ବର୍ଷା

ବିପଦ ସଙ୍କେତର ୩ ମିଟର ଉପରେ ଋଷିକୁଲ୍ୟା

ଗଞ୍ଜାମ ଜିଲ୍ଲାରେ ୩୦୦ରୁ ଊର୍ଦ୍ଧ୍ୱ ଗାଁ ଜଳବନ୍ଦୀ

ବନ୍ୟା ସୁଅରେ ଭାସିଗଲେ ଯୁବକ

■ ଭୁବନେଶ୍ୱର/ବ୍ରହ୍ମପୁର, ୨୯।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ବନ୍ୟା ବିପତ୍ତି ଭୟଙ୍କର ରୂପ ନେଇଛି। ବିଶେଷକରି ଗଞ୍ଜାମ ଜିଲ୍ଲାରେ ସ୍ଥିତି ସଂଗୀନ ହୋଇପଡ଼ିଛି। ଜିଲ୍ଲାର ପ୍ରାୟ ୩୦୦ଟି ଗାଁ ଜଳବନ୍ଦୀ ହୋଇଥିବାବେଳେ ଅନେକ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଲଗାଣ ବର୍ଷା ଓ ନଦୀରେ ବଢ଼ୁଥିବା ଜଳସ୍ତର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବନ୍ୟାଜଳରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ରାଜ୍ୟ ସରକାର କୋଷ୍ଟଗାର୍ଡ ହେଲିକପ୍ଟର ମାଧ୍ୟମରେ ଆକାଶମାର୍ଗରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି।

ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମର ପାତ୍ରପୁର ଓ ସୋରଡ଼ା ଅଞ୍ଚଳରେ ପରିସ୍ଥିତି ସବୁଠୁ ଅଧିକ ଗମ୍ଭୀର ହୋଇଛି। ଏହି ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୫୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହୋଇଛି। ବନ୍ୟା ପାଣି ଦେଖିବାକୁ ଯାଇଥିବାବେଳେ ସୁଅର ଭାସିଯାଇ ସୋରଡ଼ା ବ୍ଲକ ବରାଡ଼ି ଗ୍ରାମର ପାଣ୍ଡା ନାୟକ(୩୬)ଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କ ସୂଚନାକ୍ରମେ ଅଗ୍ନିଶମ ବାହିନୀ ତାଙ୍କୁ ଏକ ଗଛରୁ ଉଦ୍ଧାର କରି ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ରାଜ୍ୟରେ ମାତ୍ରାଧିକ ବର୍ଷା ଅନୁଭୂତ ହୋଇଛି। ଏହି ସମୟରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୫୫୪୩ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଗଞ୍ଜାମରେ ସ୍ୱାଭାବିକଠାରୁ ୧୧୪୩୨ ମିମି ଅଧିକ ବର୍ଷା ହୋଇଥିବା ବେଳେ ଗଜପତିରେ ୧୭୭୦୬ ମିମି ଅଧିକ ବର୍ଷା ରେକର୍ଡ ହୋଇଛି। ବ୍ୟାପକ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ବନ୍ୟାଜଳ ପଶିବା ସହ ଗ୍ରାମାଞ୍ଚଳରେ ଯାତାୟାତ ଓ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। ପୁରୁଷୋତ୍ତମପୁର ନିକଟରେ ଋଷିକୁଲ୍ୟା ନଦୀର ଜଳସ୍ତର ବିପଦ ସଙ୍କେତ ୧୬.୮ ମିଟରକୁ ଅତିକ୍ରମ କରି ପ୍ରାୟ ୧୯ ମିଟରରେ ପହଞ୍ଚିଛି। ଏହା ଫଳରେ ନଦୀକୂଳବର୍ତ୍ତୀ ଓ ତଳିଆ ▶ପୃଷ୍ଠା-୭

ଶାହା ଦେଲେ ସହାୟତା ପ୍ରତିଶ୍ରୁତି

■ ଭୁବନେଶ୍ୱର, ୨୯।୧୦ (ସମିସ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇଛନ୍ତି। 'ଏକ୍ସ' ପ୍ଲାଟଫର୍ମରେ ଏକ ପୋଷ୍ଟରେ ଶାହ କହିଛନ୍ତି ଯେ ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ସମସ୍ତ ସହାୟତା ପାଇଁ ଆଶ୍ୱାସନା ଦେଇଛି। ଏନ୍‌ଡିଆରଏଫ ଏବଂ ଏସଡିଆରଏଫ ଦଳ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି। ଏହାର ପ୍ରଭାବ ଏବଂ ଆବଶ୍ୟକ ସହାୟତା ଆକଳନ କରିବା ପାଇଁ ଖୁବ୍ ଶୀଘ୍ର ଆଇଏମ୍‌ସିଟି ଗୁଡ଼ିକୁ ପଠାଯିବ। ଭାରତ ସରକାର ଦୃଢ଼ ପ୍ରତିବଦ୍ଧତାର ସହ ଲୋକଙ୍କ ନିକଟରେ ଠିଆ ହୋଇଛନ୍ତି ବୋଲି ଗୃହମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ ଗୃହମନ୍ତ୍ରୀଙ୍କ ସହ କଥା ହେବା ପରେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସରେ ଏନେଇ ଉଲ୍ଲେଖ କରି କହିଛନ୍ତି ଯେ ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ' ପରେ ଓଡ଼ିଶାକୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିବାରୁ ଗୃହମନ୍ତ୍ରୀ ଅମିତ ▶ପୃଷ୍ଠା-୭

'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ'ରେ ନବୀନଙ୍କ ପୋଷ୍ଟ

ବିପର୍ଯ୍ୟୟ ପରିଚାଳନାରେ ନେତୃତ୍ୱର ଦ୍ରୁତ ଅବକ୍ଷୟ ରାଜ୍ୟ ପାଇଁ ସତର୍କ ଘଣ୍ଟି



■ ଭୁବନେଶ୍ୱର, ୨୯।୧୦ (ସମିସ): 'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ'ରେ ୧୯୯୯ ମସିହାର ମହାବାତ୍ୟା ଓ ଏହା ପରର ବିପର୍ଯ୍ୟୟ ମୁକାବିଲା କଥା ମନେ ପକାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗୁରୁବାର ରାଜ୍ୟ 'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ'ରେ ନବୀନ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି, ୧୯୯୯ ମସିହା ପରଠାରୁ ଓଡ଼ିଶା ସାହାସ, ଦୃଢ଼ ଆତ୍ମବିଶ୍ୱାସ ଓ ସଂକଳ୍ପର ସହ ପ୍ରକୃତିର ରୁଦ୍ରରୂପର ମୁକାବିଲା କରିଆସୁଛି। ଏହି ଯାତ୍ରାରେ ଆମର ଗୋଟିଏ ଅଟଳ ନୀତି ରହିଆସିଛି, 'ପ୍ରତ୍ୟେକ ଜୀବନ ମୂଲ୍ୟବାନ'। ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ସହନଶୀଳତା ଓ ଗୋଷ୍ଠୀ ସହଭାଗିତା ଉପରେ ଆଧାରିତ ଆମର 'ଶୂନ୍ୟ ଜୀବନହାନି ମଡେଲ୍' ମାଧ୍ୟମରେ ଆମେ ପ୍ରକୃତିର ସବୁଠାରୁ ଭୟଙ୍କର ଆହ୍ୱାନଗୁଡ଼ିକର ମୁକାବିଲା କରିଛୁ। ଏହି ମଡେଲ୍ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଆଦର୍ଶରେ ପରିଣତ କରିଥିଲା। କିନ୍ତୁ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱର ଦ୍ରୁତ ଅବକ୍ଷୟ ଏକ ସତର୍କ ଘଣ୍ଟି, ଯାହାକୁ ଅଣଦେଖା କରିବା ଆମ ପାଇଁ ଭାରି ପଡ଼ିପାରେ ବୋଲି ନବୀନ ଚେତାଇ ଦେଇଛନ୍ତି। ଓଡ଼ିଶା ଭବିଷ୍ୟତରେ ମଧ୍ୟ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ, ଦୀର୍ଘ ସଂଘର୍ଷ ଓ ଅନୁଭବରୁ ହାସଲ କରାଯାଇଥିବା ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥାରେ ଯେକୌଣସି ଦୁର୍ବଳତା ଆମଲୋକଙ୍କ ସୁରକ୍ଷା ଏବଂ ଆମର ▶ପୃଷ୍ଠା-୭

ରାଜ୍ୟସଭା ନିର୍ବାଚନ କ୍ରସ୍‌ଭୋଟିଂ ମାମଲା

୫ ବିଧାୟକଙ୍କୁ ହାଇକୋର୍ଟ ନୋଟିସ

- ◆ ନଭେମ୍ବର ୪ ତାରିଖ ସୁଦ୍ଧା ଜବାବ ଦାଖଲ ନିର୍ଦ୍ଦେଶ
- ◆ ଜାନୁଆରୀ ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି
- ◆ ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ସୁଯୋଗ

■ କଟକ, ୨୯ ।୧୦ (ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗରେ ଦାୟର ହୋଇଥିବା ମୋଟ ୮ଟି ମାମଲାରୁ ୫ଟି ମାମଲାରେ ବିଜେଡିରୁ ନିଲମ୍ବିତ ୫ ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମାନ୍ୟବର ବିଚାରପତି ମୃଗାଙ୍କ ଶେଖର ସାହୁ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅପରପକ୍ଷରେ ଏହି ମାମଲାରେ ପୂର୍ବରୁ ବାଚସ୍ପତିଙ୍କୁ ହାଇକୋର୍ଟ ▶ପୃଷ୍ଠା-୭

୩,୮୫୫ କୋଟିର ୨୨ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

■ ଭୁବନେଶ୍ୱର, ୨୯।୧୦ (ସମିସ): ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ଆହୁରି ବଢ଼ାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୨୨ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୧ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ମିଳିଥିବା ବେଳେ ଏଥିରେ ମୋଟ ୩,୮୫୫.୩୮ କୋଟି ଟଙ୍କା ପୁଞ୍ଜିନିବେଶ ହେବ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ପ୍ରାୟ ୭,୭୬୫ ଜଣଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ରାଜ୍ୟର ୧୨ଟି ଜିଲ୍ଲାରେ ପ୍ରତିଷ୍ଠା ହେବ। ଏଥିରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ▶ପୃଷ୍ଠା-୭

ଜ୍ଞାନେଶଙ୍କ ବିରୋଧରେ 'ଜନ ମହାଭିଯୋଗ' ଆଜି

■ ନୂଆଦିଲ୍ଲୀ, ୨୯ ।୧୦ (ଏଜେନ୍ସି): ଭୋଟ ଚୋରି ଅଭିଯୋଗରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ବିରୋଧୀ ଦଳ ଚଳାଇଥିବା ଅଭିଯାନ ଆସନ୍ତାଲି ନୂଆ ମୋଡ଼ ନେବାକୁ ଯାଉଛି। ତାଙ୍କ ବିରୋଧରେ ଜନମହାଭିଯୋଗ (ପବ୍ଲିକ ଇମ୍ପିଚ୍‌ମେଣ୍ଟ) ଆଣିବା ଲାଗି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଇଣ୍ଡିଆ ମେଣ୍ଟ ନେତାମାନଙ୍କର ବୈଠକ ଅନୁଷ୍ଠିତ ହେବ। ଏଥିରେ ମେଣ୍ଟର ସମସ୍ତ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ନଭେମ୍ବର ପହିଲାରେ ରାମଲୀଳା ମଇଦାନରେ ମହାସମାବେଶ ହେବାକୁ ଯାଉଥିବା ବେଳେ ଆସନ୍ତାକାଲିର ବୈଠକରେ ଜ୍ଞାନେଶଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବ।

ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତୀକାତ୍ମକ ଭାବେ ମହାଭିଯୋଗ ଆଣିବା ଲାଗି ଆସନ୍ତାକାଲି ଖଡ଼ଗେଙ୍କ ବାସଭବନରେ ମକ୍ ପାର୍ଲାମେଣ୍ଟ ବସି। ଅପରାହ୍ଣ ୩ଟା ୩୦ରେ ଖଡ଼ଗେଙ୍କ ୧୦, ରାଜାଜୀ ମାର୍ଗସ୍ଥିତ ବାସଭବନରେ ଏହା ଅନୁଷ୍ଠିତ ହେବ। ଇଣ୍ଡିଆ ମେଣ୍ଟର ପ୍ରତ୍ୟେକ ଦଳରୁ ଜଣେ ଲେଖାଏଁ ନେତା କିମ୍ବା ତାଙ୍କ ମନୋନୀତ ପ୍ରତିନିଧି

ଖଡ଼ଗେଙ୍କ ଘରେ ବସିବ ଇଣ୍ଡିଆ ମେଣ୍ଟ ବୈଠକ

ପ୍ରକ୍ରିୟାର ଅଧ୍ୟକ୍ଷତା କରିବେ ମୀରା କୁମାର

ବୈଠକରେ ମତ ରଖିବେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରସ୍ତାବ ଆଗତ କରିବେ ଏବଂ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ଅଧ୍ୟକ୍ଷତା କରିବେ। ଶେଷରେ ରାହୁଲ ଗାନ୍ଧୀ ଉଦ୍‌ଯାପନୀ ଅଭିଭାଷଣ ଦେବେ ବୋଲି ଜଣାପଡ଼ିଛି। ଲୋକସଭାର ▶ପୃଷ୍ଠା-୭

ଓଲଟ ପାଲଟ

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ
ରହିଛି ଗାଆଁ ବଉଳା
ଅନେକ ଦିନରୁ ରହିଛି ସେଠାରେ
ପୁରାତନ ପାଠଶାଳା
ସରକାରୀ ସ୍କୁଲ ସରକାରଙ୍କର
ନାହିଁ ସେଠାକୁ ନଜର
ନଅ ଶ୍ରେଣୀ ପିଲା ତିନି କୋଠରିରେ
ପାଠପଢ଼ା କି ପ୍ରକାର
ଗୁରୁଜୀ ମୋହନ ନିଜ ଜିଲ୍ଲା ପ୍ରତି
ହୁଅ ସମ୍ବେଦନଶୀଳ
ପିଲାମାନେ ଯଦି ଅପାଠୁଆ ହେବେ
ମିଳିବ କିବା ସୁଫଳ ?

- ଯାଯାବର

ପୁଲିସ ଡଷ୍ଟବିନ୍‌ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ରାଜ୍ୟର ଥାନା ଓ ଫାଣ୍ଡିରେ ୮୧୯ ସିସିଟିଭି ଅଚଳ

■ ଭୁବନେଶ୍ୱର, ୨୯।୧୦ (ସମିସ): ରାଜ୍ୟରେ ପୁଲିସ ଅତ୍ୟାଚାର ବଢ଼ୁଛି। ହାଜତ ହିଂସା ଅଣାୟତ୍ତ, ଲୋକଙ୍କୁ ବେଆଇନ ଅଟକ ସହ ପୁଲିସ କ୍ଷମତାର ଅପବ୍ୟବହାର ଅଭିଯୋଗ ହେଉଛି। ବିଭିନ୍ନ ଜିଲ୍ଲାରୁ ହାଜତ ନିର୍ଯାତନା, ଥାର୍ଡ ଡିଗ୍ରୀର ମାଳ ମାଳ ଅଭିଯୋଗ ପୁଲିସର ଭୂମିକାକୁ ସନ୍ଦେହାଚ୍ଛନ୍ନ କରିଛି। ଏହି ପ୍ରସଙ୍ଗରେ ଓଡ଼ିଶା ଜାତୀୟସ୍ତରରେ ନିନ୍ଦିତ ହେଉଛି; ସାମାଜିକ ସଂଗଠନ, ମାନବାଧିକାର କର୍ମୀମାନେ ଚିନ୍ତା ପ୍ରକଟ କରୁଛନ୍ତି। ଏହାମଧ୍ୟରେ ଆସିଛି ଆଉ ଏକ ସାଂଘାତିକ ତଥ୍ୟ। ଥାନା ଓ ଫାଣ୍ଡିଗୁଡ଼ିକରେ ପୁଲିସ କାର୍ଯ୍ୟକଳାପ, ସାଧାରଣ ଲୋକଙ୍କ ସହ ପୁଲିସର ବ୍ୟବହାରକୁ ଅନୁଧ୍ୟାନ ପାଇଁ ଲଗାଯାଇଥିବା ସିସିଟିଭିଗୁଡ଼ିକ କାମ କରୁନାହିଁ। ଗୋଟିଏ ଯୋଡ଼ିଏ ବା ପଚାଶ ଶହେ ନୁହେଁ, ରାଜ୍ୟର ଥାନା ଓ ଫାଣ୍ଡିଗୁଡ଼ିକରେ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟରୁ ୮୧୯ଟି କାମ କରୁ ନ ଥିବା ସୂଚନା ମିଳିଛି। କୌତୂହଳର ବିଷୟ ହେଉଛି ୧୭ ଥାନାର ସବୁ ସିସିଟିଭି ପୁରା ଅଫ୍‌ଲାଇନ୍ ମୋଡ଼ରେ ରହିଛି। ଫଳରେ ଏହି ଥାନା ଓ ଫାଣ୍ଡିଗୁଡ଼ିକରେ ପୁଲିସ ଲୋକଙ୍କ ସହ କି ବ୍ୟବହାର କରୁଛି ତାହା ଯାଞ୍ଚ କରିବା ସମ୍ଭବପର ହେଉନାହିଁ। ଅନ୍ୟପକ୍ଷରେ ଏହି ଥାନା ଗୁଡ଼ିକ ଲୋକଙ୍କ ମାନବାଧିକାର ଉଲଙ୍ଘନ ଆଶଙ୍କା ବୃଦ୍ଧି ପାଇଛି। ପ୍ରତ୍ୟେକ ଥାନାରେ ଏବଂ ଫାଣ୍ଡି ଗୁଡ଼ିକରେ ସିସିଟିଭି ଲଗାଇବା ପାଇଁ ସୁପ୍ରିମ୍‌କୋର୍ଟଙ୍କ କଡା ନିର୍ଦ୍ଦେଶ ରହିଛି। ଯାହାଫଳରେ ଥାନାରେ ଘଟୁଥିବା ପ୍ରତ୍ୟେକ ଘଟଣା ରେକର୍ଡ କରାଯାଇ ପାରିବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହାଜତ ନିର୍ଯ୍ୟାତନା, ଥାର୍ଡ ଡିଗ୍ରୀ, କ୍ଷମତାର ଅପବ୍ୟବହାର ଭଳି ଅଭିଯୋଗ ବଢୁଥିଲା ବେଳେ ଥାନା ଗୁଡ଼ିକରେ ଅଚଳ ସିସିଟିଭି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ କରିଛି।

ରାଜ୍ୟର ମୋଟ୍ ଥାନା ସଂଖ୍ୟା ୬୪୫। ଏଥିରୁ ୬୨୮ଟି ଥାନା ଅନ୍‌ଲାଇନ୍ ପୁଲିସ ଷ୍ଟେସନ୍ ହୋଇଥିଲା ବେଳେ ୧୭ଥାନା ଅଫ୍‌ଲାଇନ୍‌ରେ ଚାଲିଛି। ମାତ୍ର ସିସିଟିଭି ଅଚଳ ଯୋଗୁଁ ଥାନା ଗୁଡ଼ିକରେ କେଉଁ ପୁଲିସ କର୍ମଚାରୀ କଣ କରୁଛନ୍ତି କେହି ଜାଣି ପାରୁ ନାହାନ୍ତି। ଏଠାରେ ପୁଲିସ ଅଭିଯୋଗକାରୀ, ଅଭିଯୁକ୍ତ ଓ ଥାନାକୁ ଆସୁଥିବା ଲୋକଙ୍କୁ ନିର୍ଯାତନା ଦେଉଛି କି ଭଲ ବ୍ୟବହାର କରୁଛି ତାହା ବି ସ୍ପଷ୍ଟ ନୁହେଁ। ରାଜ୍ୟର ▶ପୃଷ୍ଠା-୭

ଡିଜିଟାଲ୍ ଠକେଇରେ ବ୍ୟାଙ୍କ ଦେବ କ୍ଷତିପୂରଣ: ସୁପ୍ରିମକୋର୍ଟ

ଜମାକାରୀଙ୍କ ଆକାଉଣ୍ଟ ସୁରକ୍ଷାର ଦାୟିତ୍ୱ ବ୍ୟାଙ୍କ ନେବା ଆବଶ୍ୟକ

ଚଳିତ ବର୍ଷ ସାଇବର ଠକେଇରେ ଗଲାଣି ୮୦୦ କୋଟି

■ ନୂଆଦିଲ୍ଲୀ, ୨୯।୧୦ (ଏଜେନ୍ସି): ବ୍ୟାପକ ସଚେତନତା ସତ୍ତ୍ୱେ ଦେଶରେ ଡିଜିଟାଲ ଠକେଇ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସୁପ୍ରିମ କୋର୍ଟ ଚିନ୍ତା ପ୍ରକଟ କରିବା ସହିତ କହିଛନ୍ତି ଯେ ଡିଜିଟାଲ୍ ଠକେଇର ଶିକାର ହୋଇ ଟଙ୍କା ହରାଉଥିବା ଗ୍ରାହକଙ୍କୁ କ୍ଷତିପୂରଣ ଦେବେ ବ୍ୟାଙ୍କ। ଜାଲିଆତି ରୋକିବାରେ ବ୍ୟବସ୍ଥା ବିଫଳ ହେଲେ ଏଥିପାଇଁ ବ୍ୟାଙ୍କ ଦାୟୀ ରହିବେ। ତଦନ୍ତରେ ଏହା ପ୍ରମାଣିତ ହେଲେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ବ୍ୟାଙ୍କ ବାଧ୍ୟ। କ୍ଷତିଗ୍ରସ୍ତ ଆକାଉଣ୍ଟଧାରୀ ଯେତେ ହରାଇଥିବେ, ଅତିକମରେ ସେତିକି ପରିମାଣର ରାଶି ସେମାନଙ୍କୁ ବ୍ୟାଙ୍କ ଦେବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ଏସଂପକ୍ରାନ୍ତ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ▶ପୃଷ୍ଠା-୭

ହସିନାଙ୍କୁ ହଟାଇବାର ଦୁଇ ଦିନ ପୂର୍ବରୁ ଷଡ଼ଯନ୍ତ୍ର ହୋଇଥିଲା

ଢାକା,୨୯ ।୧୦(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସରକାରର ପତନ ପୂର୍ବରୁ ହିଁ କ୍ଷମତା ପରିବର୍ତ୍ତନର ଯୋଜନା ପ୍ରସ୍ତୁତ ହୋଇଥିଲା । ହସିନା ଦେଶ ଛାଡ଼ିବାର ଦୁଇ ଦିନ ପୂର୍ବରୁ ଛାତ୍ର ଆନ୍ଦୋଳନର ନେତାମାନେ ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ନେତୃତ୍ୱ ନେବାକୁ ଆମନ୍ତ୍ରଣ କରିଥିଲେ । ୟୁନୁସ୍‌ଙ୍କ ପୂର୍ବତନ ପ୍ରେସ୍ ସଚିବ ଶଫିକୁଲ୍ ଆଲମ୍ ସୋସିଆଲ୍ ମିଡିଆରେ ଏଭଳି ଦାବି କରିଛନ୍ତି । ଆଲମ୍‌ଙ୍କ କହିବା ଅନୁଯାୟୀ, ଛାତ୍ର ନେତାମାନେ ୟୁନୁସ୍‌ଙ୍କ ସହ ଯୋଗାଯୋଗ କରିବା ପାଇଁ ଏଏଫ୍‌ପି ସମ୍ବାଦ ସଂସ୍ଥାର ଢାକାସ୍ଥିତ ତଥ୍ୟ ଯାଞ୍ଚ ଦଳର ତତ୍କାଳୀନ ସମ୍ପାଦକ କାଦରୁଦ୍ଦିନ୍ ଶିଶିରଙ୍କ ସହାୟତା ନେଇଥିଲେ । ଏହି ଯୋଗାଯୋଗ ଅତ୍ୟନ୍ତ ଗୋପନୀୟ ଭାବେ ହୋଇଥିଲା ଏବଂ ଶିଶିର ଉଭୟ ପକ୍ଷ ମଧ୍ୟରେ ପ୍ରାରମ୍ଭିକ ଆଲୋଚନାର ସେତୁ ସାଜିଥିଲେ ବୋଲି ଆଲମ୍ ଦାବି କରିଛନ୍ତି । ୨୦୨୪ ଅଗଷ୍ଟ ୫ରେ ହସିନା ଦେଶ ଛାଡ଼ିବା ପରେ ଅଗଷ୍ଟ ୮ରେ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠିତ ହୋଇଥିଲା ।

ଅନ୍ୟପକ୍ଷରେ, ହସିନା ୟୁନୁସ୍ ପ୍ରଶାସନ ଉପରେ ରାଜନୈତିକ ଉଦ୍ଦେଶ୍ୟରେ ଆୱାମୀ ଲିଗ୍ ନେତା ଓ କର୍ମୀଙ୍କ ବିରୋଧରେ ମାମଲା କରାଯାଉଥିବା ଏବଂ ହିଂସାରେ ସମ୍ପୃକ୍ତ ଲୋକଙ୍କୁ ଦାୟୀ କରାଯାଉ ନଥିବା ଅଭିଯୋଗ କରିଛନ୍ତି । ସମ୍ପ୍ରତି ଆମେରିକା ଗସ୍ତ ସମୟରେ ନ୍ୟୁୟର୍କର ଜେଏଫ୍‌କେ ବିମାନବନ୍ଦରରେ ୟୁନୁସ୍‌ଙ୍କୁ ଆୱାମୀ ଲିଗ୍‌ର ସମର୍ଥକ ବୋଲି କୁହାଯାଉଥିବା କିଛି ଲୋକ ବିରୋଧ କରିଥିଲେ । ସୂଚନାଯୋଗ୍ୟ ଯେ ହସିନାଙ୍କ କେତେକ ନୀତିର ବିରୋଧରେ ହୋଇଥିବା ଆନ୍ଦୋଳନକୁ ଦମନ କରିବା ଲାଗି ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୧୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଏହାପରେ ବାଂଲାଦେଶରେ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଥିଲା । ଶେଷରେ ୨୦୨୪ ଅଗଷ୍ଟ ମାସରେ ହସିନା ଦେଶ ଛାଡ଼ି ପଳାଇଥିଲେ । ଏବେ ସେ ଭାରତରେ ଆଶ୍ରୟ ନେଇଛନ୍ତି ।

ୟୁକ୍ରେନ୍ ରେଳ ଷ୍ଟେସନ୍‌ରେ ଡ୍ରୋନ୍ ଆକ୍ରମଣ; ୧୩ ମୃତ

କିଭ୍,୨୯ ।୧୦(ଏଜେନ୍ସି): ୟୁକ୍ରେନ୍‌ର ଡ୍ନିପ୍ରୋ ରେଳ ଷ୍ଟେସନ୍‌ରେ ଗୁରୁବାର ସକାଳେ ରୁଷୀୟ ଡ୍ରୋନ୍ ଆକ୍ରମଣରେ ଅତିକମ୍‌ରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ ୧୦ ଜଣ ଆହତ ହୋଇଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଷ୍ଟେସନ୍‌ରେ ଟ୍ରେନ୍ ଅଟକି ରହିଥିବାବେଳେ ଏହି ଆକ୍ରମଣ ହୋଇଥିଲା । ୟୁକ୍ରେନ୍‌ର ରାଷ୍ଟ୍ରାୟତ୍ତ ରେଳ ସଂସ୍ଥା ଟେଲିଗ୍ରାମ୍‌ରେ କହିଛି ଯେ, ଜାପୋରିଝିଆ ଅଭିମୁଖେ ଯାତ୍ରା କରିବାକୁ ଥିବା ୮୬୬ ନମ୍ବର ଟ୍ରେନ୍ ଡ୍ନିପ୍ରୋ ଷ୍ଟେସନ୍‌ର ଏକ ପ୍ଲାଟଫର୍ମରେ ରହିଥିଲା । ଏହି ସମୟରେ ରୁଷ୍ ପକ୍ଷରୁ ଜେଟ୍‌ଚାଳିତ ମାନବବିହୀନ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା । ଆକ୍ରମଣ ପୂର୍ବରୁ ଅଞ୍ଚଳରେ ଅଧିକ ବିପଦ ସମ୍ପର୍କରେ ସତର୍କ ସୂଚନା ଜାରି ହୋଇଥିଲା । ତଥାପି ପ୍ଲାଟଫର୍ମରେ ଯାତ୍ରୀ ଉପସ୍ଥିତ ଥିଲେ । ଡ୍ନିପ୍ରୋର ମେୟର ବୋରିସ୍ ଫିଲାଟୋଭ୍ ଏହି ଘଟଣାକୁ ଏକ ଦୁଃଖଦ ଦୁର୍ଘଟଣା ବୋଲି କହିବା ସହ ଏକ ନାଗରିକ ବିଦ୍ୟୁତ୍‌ଚାଳିତ ଟ୍ରେନ୍‌କୁ ଡ୍ରୋନ୍ ଆଘାତ କରିଥିବା ଉଲ୍ଲେଖ କରିଛନ୍ତି । ଏହି ଆକ୍ରମଣକୁ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ ଦାବି କରିଛନ୍ତି । ରୁଷ୍‌ର କେତେକ ଧନୀ ଉଦ୍ୟୋଗପତି ଓ ଶକ୍ତି କ୍ଷେତ୍ର ଉପରୁ କଟକଣା କୋହଳ କରାଯିବା ପରେ ମଧ୍ୟ ଆକ୍ରମଣ ବନ୍ଦ ହୋଇନଥିବା ସେ ସୋସିଆଲ୍ ମିଡିଆରେ ପ୍ରଶ୍ନ ଉଠାଇଛନ୍ତି । ୟୁକ୍ରେନ୍‌ର ରେଳ ଭିତ୍ତିଭୂମି ଉପରେ ରୁଷ୍‌ର ଆକ୍ରମଣ ବଢ଼ୁଥିବା ଅଭିଯୋଗ ହୋଇଛି । ରେଳ ସଂସ୍ଥାର ସୂଚନା ଅନୁଯାୟୀ, ୨୦୨୬ରେ ଏଯାଏଁ ୧,୭୦୦ରୁ ଅଧିକ ରେଳ ସମ୍ପତ୍ତି ଆକ୍ରମଣର ଶିକାର ହୋଇଛି । ଏଥିରେ ଷ୍ଟେସନ୍, ରେଳ ଇଞ୍ଜିନ୍ ଓ ଯାତ୍ରୀବାହୀ ଡବା ଅନ୍ତର୍ଭୁକ୍ତ । ଏହି ଘଟଣା ୟୁକ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ପରିବହନ ବ୍ୟବସ୍ଥାର ସୁରକ୍ଷାକୁ ନେଇ ପୁଣି ଚିନ୍ତା ବଢ଼ାଇଛି ।

ବିଶେଷ ଟିପ୍ପଣୀ



"ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ । ଦେଶରେ ଭୋଟ୍ ଚୋରି ହେଉଛି । ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ କରିବା ପାଇଁ କାଗଜ ବାଲଟ୍‌ରେ ନିର୍ବାଚନ କରାଯାଉ ।"

- ସଞ୍ଜୟ ସିଂହ (ବରିଷ୍ଠ ଆପ୍ ନେତା)

"ଜ୍ଞାନେଶ କୁମାର ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଉଦ୍ୟମ କରିଛନ୍ତି । ସେ ବିଜେପି ଓ ତା'ର ଶୀର୍ଷ ନେତୃତ୍ୱଙ୍କ ଇଙ୍ଗିତରେ କାମ କରୁଥିବା ଆମର ଅଭିଯୋଗ । ଏହାର ଜବାବ ଦେବାକୁ ପଡ଼ିବ ।"

- ତେଜସ୍ୱୀ ଯାଦବ (ଆରଜେଡ଼ି ନେତା)

ଜେନ୍ Z

"ଭୋଟ୍ ଚୋରି ବିରୋଧରେ ପ୍ରତିବାଦ ଜାରି ରହିବ । ଯଦି ବିଜେପି ନିଜ ବିଜୟକୁ ନେଇ ଆତ୍ମବିଶ୍ୱାସୀ, ତେବେ ସଂସଦ ଭାଙ୍ଗି ବାଲଟ୍ ପେପର୍‌ରେ ନିର୍ବାଚନକୁ ସାମ୍ନା କରୁ ।"

-ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ @kharge

ତାଣ୍ଡବ ରଚାଇବ ଏଲ୍ ନିନୋ

ଭାରତରେ ମାର୍ଚ୍ଚ ସୁଦ୍ଧା ୫୫ ହଜାର ମୃତ୍ୟୁ ଆଶଙ୍କା

ନୂଆଦିଲ୍ଲୀ,୨୯ ।୧୦(ଏଜେନ୍ସି): ଚଳିତ ବର୍ଷ ଏଲ୍ ନିନୋର ପ୍ରଭାବ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଭୟଙ୍କର ଗ୍ରୀଷ୍ମପ୍ରବାହ ସୃଷ୍ଟି କରିପାରେ । କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍‌ର ଏକ ନୂଆ ଆକଳନ ଅନୁଯାୟୀ, ଆସନ୍ତା ଛଅ ମାସରେ ବିଶ୍ୱରେ ଅତିରିକ୍ତ ୩ ଲକ୍ଷ ୭୩ ହଜାରରୁ ଅଧିକ ଲୋକଙ୍କ ତାପଜନିତ ମୃତ୍ୟୁ ହୋଇପାରେ । ଏଥିରେ ଭାରତରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ପ୍ରାୟ ୫୫ ହଜାର ମୃତ୍ୟୁ ହେବାର ଆଶଙ୍କା କରାଯାଇଛି ।

ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ସମୁଦ୍ରପୃଷ୍ଠର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବାର ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା । ଏହା ବିଶ୍ୱର ପବନ, ବାୟୁଚାପ ଓ ବର୍ଷାର ଧାରାକୁ ପ୍ରଭାବିତ କରେ । ଫଳରେ କେତେକ ଅଞ୍ଚଳରେ ମରୁଡ଼ି, ଅନ୍ୟ କେତେକ ସ୍ଥାନରେ ବନ୍ୟା ଏବଂ ପ୍ରବଳ ଗ୍ରୀଷ୍ମପ୍ରବାହ ଦେଖାଦେଇପାରେ । ଟ୍ରାକର୍‌ର ଆକଳନ ଅନୁସାରେ, ନାଇଜେରିଆରେ ପ୍ରାୟ ୫୬ ହଜାର ତାପଜନିତ ମୃତ୍ୟୁ ହୋଇପାରେ । ଇଣ୍ଡୋନେସିଆରେ ୨୯ ହଜାର ଓ ବ୍ରାଜିଲ୍‌ରେ ୧୯ ହଜାର ମୃତ୍ୟୁ ଆଶଙ୍କା କରାଯାଇଛି । ବିଶ୍ୱ ପାଣିପାଗ ସଂଗଠନ ଚଳିତ ବର୍ଷର ଏଲ୍ ନିନୋ ୧୯୫୦ ପରଠାରୁ ସବୁଠାରୁ ଶକ୍ତିଶାଳୀ ହୋଇପାରେ ବୋଲି ସତର୍କ କରିଛି । ଡିସେମ୍ବରରେ ଏହା ଶୀର୍ଷରେ ପହଞ୍ଚିବା ଆଶଙ୍କା ରହିଛି ଏବଂ ଏହାର ପ୍ରଭାବ ୨୦୨୭ ଆରମ୍ଭ ପର୍ଯ୍ୟନ୍ତ ରହିପାରେ । ଏହା ଆଗାମୀ ଦିନରେ କେବଳ ଭାରତ ନୁହେଁ ସାରା ବିଶ୍ୱ ପାଇଁ ବିପଜ୍ଜନକ ସ୍ଥିତି ସୃଷ୍ଟି କରିବ । ପ୍ରକୃତିର ଏହି ରୋଶ କାରଣରୁ ବିଭିନ୍ନ ଦେଶରେ ମରୁଡ଼ି, ଅକାଳ ଭଳି ସ୍ଥିତି ଦେଖିବାକୁ ମିଳିବ । ଏପରିକି ଖାଦ୍ୟ ଅଭାବନରୁ ପ୍ରାଣହାନୀ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପରେ । ଏବେ ମଧ୍ୟ ସାଉଥ ସୁଦାନ ଭଳି ଆଫ୍ରିକୀୟ ଦେଶରେ ଏହି ସ୍ଥିତି ସୃଷ୍ଟି ହୋଇଛି ଓ ଏହା ଅନ୍ୟ ଦେଶକୁ ବ୍ୟାପୀବ ବୋଲି ଆଶଙ୍କା କରାଯାଉଛି । ତେବେ ଏହି ସଂଖ୍ୟାଗୁଡ଼ିକ ଆକଳନ ମାତ୍ର, ପ୍ରକୃତ ମୃତ୍ୟୁସଂଖ୍ୟା ପାଣିପାଗ, ସ୍ଥାନୀୟ ପରିସ୍ଥିତି ଓ ପ୍ରତିରୋଧମୂଳକ ପଦକ୍ଷେପ ଉପରେ ନିର୍ଭର କରିବ ।

ବିଜେପିକୁ ଖଡ଼ଗେଙ୍କ ଆହ୍ୱାନ

ପାର୍ଲାମେଣ୍ଟ ଭାଙ୍ଗି ବାଲଟ୍ ପେପର୍‌ରେ ନିର୍ବାଚନ କର

ବେଙ୍ଗାଲୁରୁ,୨୯।୧୦(ଏଜେନ୍ସି): ନିର୍ବାଚନରେ ଭୋଟ୍ ଚୋରି ଅଭିଯୋଗକୁ ନେଇ କଂଗ୍ରେସର ଆନ୍ଦୋଳନ ଜାରି ରହିବ । ଏଥିସହ ସଂସଦ ଭଙ୍ଗ କରି ବାଲଟ୍ ପେପର୍ ମାଧ୍ୟମରେ ପୁନର୍ବାର ନିର୍ବାଚନ କରିବାକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଗୁରୁବାର ବିଜେପିକୁ ଆହ୍ୱାନ ଦେଇଛନ୍ତି । ନିର୍ବାଚନୀ ଅନିୟମିତତା ଓ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବା ଅଭିଯୋଗକୁ ନେଇ ଦଳ ଦେଶବ୍ୟାପୀ ସଚେତନତା ଅଭିଯାନ ଜାରି ରଖିବ ବୋଲି ସେ କହିଛନ୍ତି । ବେଙ୍ଗାଲୁରୁରେ ସାମ୍ବାଦିକମାନଙ୍କୁ ଖଡ଼ଗେ କହିଛନ୍ତି, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ମଧ୍ୟ ଦଳର ପ୍ରତିବାଦ ଜାରି ରହିବ । ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମଇଦାନରେ କଂଗ୍ରେସ ଏକ ବଡ଼ ରାଲି କରିବାକୁ ଯୋଜନା କରିଛି । ଏହା ପୂର୍ବରୁ ଶୁକ୍ରବାର ଏକ ପ୍ରତୀକାତ୍ମକ ସଂସଦ ଅଧିବେଶନ ଆୟୋଜନ କରାଯିବ । ଖଡ଼ଗେ କହିଛନ୍ତି, ଗଣତନ୍ତ୍ରରେ ଲୋକଙ୍କୁ ସଚେତନ କରିବାକୁ ହେଲେ ସଂଘର୍ଷ କରିବା ଆବଶ୍ୟକ । ଭୋଟର ତାଲିକାରୁ ସଂଖ୍ୟାଲଘୁ ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକଙ୍କ ନାମ ବାଦ୍ ଦିଆଯାଉଥିବା କଂଗ୍ରେସ ଅଭିଯୋଗ କରିଛି । କର୍ଣ୍ଣାଟକ ବିଧାନ ପରିଷଦ ନିର୍ବାଚନରେ ବାଲଟ୍ ପେପର୍ ବ୍ୟବହାର ସତ୍ତ୍ୱେ ବିଜେପି ଓ ଜେଡିଏସ୍ ଚାରିଟି ଯାକ ଆସନ ଜିତିଥିବା ପ୍ରସଙ୍ଗରେ ଖଡ଼ଗେ କହିଛନ୍ତି, ଏହାଦ୍ୱାରା ବାଲଟ୍ ପେପର୍‌ରେ ନିର୍ବାଚନ କରିବା ଦାବିରୁ କଂଗ୍ରେସ ଓହରିବ ନାହିଁ । ସେ କହିଛନ୍ତି, ଅତୀତରେ ବାଲଟ୍ ପେପର୍‌ରେ ନିର୍ବାଚନ ହେବା ସମୟରେ ବିଜେପି ମାତ୍ର ଦୁଇଟି ଲୋକସଭା ଆସନ ଜିତିଥିଲା । ତେଣୁ ନିର୍ବାଚନୀ ସଫଳତାକୁ ନେଇ କୌଣସି ଦଳ ଅହଂକାରୀ ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି । 'ଯଦି ଆତ୍ମବିଶ୍ୱାସ ଅଛି, ସଂସଦ ଭଙ୍ଗ କରି ବାଲଟ୍ ପେପର୍‌ରେ ନିର୍ବାଚନ କରାଯାଉ' ବୋଲି ଖଡ଼ଗେ ଆହ୍ୱାନ ଦେଇଛନ୍ତି ।

ନକଲି ମଦ ମୃତ୍ୟୁ ମାମଲା: ନେତାଙ୍କ ପୁଅ ଗିରଫ

ଇନ୍ଦୋର,୨୯।୧୦(ଏଜେନ୍ସି): ମଧ୍ୟପ୍ରଦେଶର ଦେୱାସ ଜିଲ୍ଲାରେ ନକଲି ମଦ ପିଇ ଅନ୍ତତଃ ୧୩ ଜଣଙ୍କ ମୃତ୍ୟୁ ଅଭିଯୋଗ ମାମଲାରେ କଂଗ୍ରେସ ନେତା ଆନନ୍ଦ ଜୈନ କସଲିୱାଲଙ୍କ ପୁଅ ଅମନ କସଲିୱାଲ (୨୭) ଗିରଫ ହୋଇଛନ୍ତି । ମୁଖ୍ୟ ଅଭିଯୁକ୍ତ ଅଜୟ ରାଠୋରଙ୍କୁ ରାସାୟନିକ ପଦାର୍ଥ ଯୋଗାଇଥିବା ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଛି । ପୁଲିସ ଅନୁଯାୟୀ, ଘରେ ନକଲି ମଦ ପ୍ରସ୍ତୁତ କରି ବ୍ରାଣ୍ଡେଡ୍ ବୋତଲରେ ଭର୍ତ୍ତି କରି ବିକ୍ରି କରାଯାଉଥିଲା । ଏହି ମାମଲାରେ ଏଯାଏଁ ୧୧ ଜଣ ଗିରଫ ହୋଇଛନ୍ତି । ଅମନଙ୍କ ବିରୋଧରେ ଅବକାରୀ ଆଇନରେ ମାମଲା ରୁଜୁ ହୋଇଛି । ଯୋଗାଣ ହୋଇଥିବା ରାସାୟନିକ ପଦାର୍ଥର ପରିଚୟ ପରୀକ୍ଷାଗାର ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ତେବେ ଅମନଙ୍କ ବାପା ତାଙ୍କ ପୁଅ ନିର୍ଦ୍ଦୋଷ ବୋଲି ଦାବି କରିଛନ୍ତି । ତାଙ୍କ କହିବା ଅନୁଯାୟୀ, ଅକ୍ଟୋବର ୧ରେ ତାଙ୍କ ପରିବାରର ସଂସ୍ଥା ଜଣେ ଗ୍ରାହକଙ୍କୁ ୨୨୦ ଲିଟର ପେଣ୍ଟ୍ ଥିନର୍ ଯୋଗାଇଥିଲା । ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୬ ମଧ୍ୟରେ ନକଲି ମଦ ପିଇ ମୃତ୍ୟୁ ଓ ଦୃଷ୍ଟିଶକ୍ତି ନଷ୍ଟ ଅଭିଯୋଗର ତଦନ୍ତ ଜାରି ରହିଛି ।

ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜରେ ୫.୦ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ,୨୯ ।୧୦(ଏଜେନ୍ସି):ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଗୁରୁବାର ୫.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇଥିବାର ତତ୍କାଳ ସୂଚନା ମିଳିନାହିଁ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ବାମ୍ପୁ ଫ୍ଲାଟ୍‌ଠାରୁ ୨୧୮ କିଲୋମିଟର ଉତ୍ତର-ଉତ୍ତରପଶ୍ଚିମରେ ରହିଥିଲା । ଭୂକମ୍ପ ପରେ ସ୍ଥାନୀୟ ଅଞ୍ଚଳର ସ୍ଥିତି ଉପରେ ନଜର ରଖାଯାଇଛି । ଏହା ପୂର୍ବରୁ ୨୦୨୫ ଜୁଲାଇରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ନିକଟ ବଙ୍ଗୋପସାଗରରେ ୬.୩ ତୀବ୍ରତାର ଭୂକମ୍ପ ହୋଇଥିଲା । ସେତେବେଳେ ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଥିଲା । ଅନ୍ୟପକ୍ଷରେ, ଗୁରୁବାର ପାପୁଆ ନ୍ୟୁଗିନିର ନ୍ୟୁ ଗିନି ଅଞ୍ଚଳରେ ମଧ୍ୟ ୫.୮୨ ତୀବ୍ରତାର ଭୂକମ୍ପ ହୋଇଥିବା ରିପୋର୍ଟ ହୋଇଛି ।

ଗୋଆରେ ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୧୦୦ରୁ ଅଧିକ ଦୋକାନ

ପଣଜୀ,୨୯ ।୧୦(ଏଜେନ୍ସି): ଗୋଆର ଦକ୍ଷିଣ ଭାଗରେ ଥିବା ଭାସ୍କୋ-ଡା-ଗାମାର ସାପ୍ତାହିକ ବଜାରରେ ବୁଧବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଶହେରୁ ଅଧିକ ଦୋକାନ ଜଳିଯାଇଛି । ତେବେ ଏହି ଘଟଣାରେ କୌଣସି ଜୀବନହାନି ହୋଇନାହିଁ । ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ । ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟା ୩୦ରେ ତିଳକ ମୈଦାନ ନିକଟ ବଜାରରେ ନିଆଁ ଲାଗିଥିଲା । ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ପ୍ରଥମେ ଏକ କାର୍ ଆସେସୋରିଜ୍ ଦୋକାନକୁ ନିଆଁ ବ୍ୟାପିବା ପରେ ପୋଷାକ ଓ ଆସବାବପତ୍ର ବିକ୍ରି କରୁଥିବା ଦୋକାନଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତାର ଆଶ୍ୱାସନା ଦେଇଛନ୍ତି ।

ନେତନ୍ୟାହୁଙ୍କୁ ଅଡୁଆରେ ପକାଇଲା ନିର୍ବାଚନ ଫଳ

- ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଆରବ ଦଳ
- ଅନିୟମିତତା ଅଭିଯୋଗ ଆଣିଲେ ପ୍ରଧାନମନ୍ତ୍ରୀ
- ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଉପରେ ନଜର

ତେଲ୍ ଆଭିଭ୍,୨୯ ।୧୦(ଏଜେନ୍ସି): ଇସ୍ରାଏଲ ସଂସଦ ନିର୍ବାଚନରେ ପରାଜିତ ହେବାପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବ୍ୟସ୍ତବିବ୍ରତ ହୋଇପଡ଼ିଛନ୍ତି । ପରାଜୟ ସତ୍ତ୍ୱେ କ୍ଷମତା ଛାଡ଼ିବାକୁ ପ୍ରସ୍ତୁତ ନଥିବା ନେତନ୍ୟାହୁ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି । ୧୯ଟି ଆସନ ସହିତ କିଙ୍ଗମେକର ପାଲଟିଥିବା ଆରବ ଦଳକୁ ବିଦେଶରୁ ଅର୍ଥ ମିଳିଥିବା ଅଭିଯୋଗ କରିବା ସହିତ ଏହାର ଯାଞ୍ଚ କରିବାକୁ ଦାବି କରିଛନ୍ତି ।

ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଲିକୁଡ୍ ଦଳ ନେତୃତ୍ୱାଧୀନ ମେଣ୍ଟକୁ ୧୨୦ ସଦସ୍ୟ ବିଶିଷ୍ଟ ସଂସଦରେ ୫୩ଟି ଆସନ ମିଳିଥିବା ବେଳେ ପୂର୍ବତନ ସେନାମୁଖ୍ୟ ଗାଦି ଆଇଜେନକୋଟ୍‌ଙ୍କ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ୪୮ଟି ଆସନ ପାଇଛି । ଆରବ ନେତୃତ୍ୱାଧୀନ ଦଳଗୁଡ଼ିକ ୧୯ଟି ଆସନ ଜିତିପାରନ୍ତି ବୋଲି ଆକଳନ କରାଯାଇଛି । ସରକାର ଗଠନ ପାଇଁ ଅତିକମ୍‌ରେ ୬୧ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ । ତେଣୁ କୌଣସି ମେଣ୍ଟ ଏବେ ଏକାକୀ ବହୁମତ ହାସଲ କରିବା ସ୍ଥିତିରେ ନାହିଁ । ଫଳରେ ନୂଆ ସରକାର ଗଠନ ପାଇଁ ଦଳଗୁଡ଼ିକ ମଧ୍ୟରେ ଆଲୋଚନା ଓ ରାଜନୈତିକ ବୁଝାମଣା ଗୁରୁତ୍ୱପୂର୍ଣ୍ଣ ହେବ ।

ନିର୍ବାଚନରେ ଆରବ ନେତୃତ୍ୱାଧୀନ ଦଳଗୁଡ଼ିକର ପ୍ରଦର୍ଶନ ବିଶେଷ ଚର୍ଚ୍ଚାରେ ରହିଛି । ମନସୁର ଆବାସଙ୍କ ନେତୃତ୍ୱାଧୀନ ୟୁନାଇଟେଡ୍ ଆରବ ଲିଷ୍ଟ୍ ୧୯ଟି ଆସନ ପାଇପାରନ୍ତି । ଏହି ସଂଖ୍ୟା ନୂଆ ସରକାର ଗଠନରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଇପାରେ । ଇସ୍ରାଏଲର ମୋଟ ଜନସଂଖ୍ୟାର ପ୍ରାୟ ଏକ-ପଞ୍ଚମାଂଶ ଆରବ ନାଗରିକ । ଦୀର୍ଘଦିନ ଧରି କମ୍ ମତଦାନ, ଦଳଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଏବଂ ଇହୁଦୀ ନେତୃତ୍ୱାଧୀନ ଦଳଗୁଡ଼ିକର ଅନିଚ୍ଛା ଯୋଗୁଁ ସେମାନଙ୍କ ରାଜନୈତିକ ପ୍ରଭାବ ସୀମିତ ରହିଥିଲା । ଏଥର ଫଳାଫଳ ସେମାନଙ୍କ ଦାବିକୁ ଅଧିକ ଗୁରୁତ୍ୱ ଦେଇଛି । ତେବେ ଆରବ ଦଳଗୁଡ଼ିକର ସମର୍ଥନ ନେବା ନେଇ ବିରୋଧୀ ମେଣ୍ଟ ମଧ୍ୟରେ ଏକମତ ନାହିଁ । ଆଇଜେନକୋଟ୍ ନିଜକୁ ଜାତୀୟତାବାଦୀ ନେତା ଭାବେ ଉପସ୍ଥାପନ କରିଥିବାବେଳେ କିଛି ବିରୋଧୀ ନେତା ଆରବ ଦଳଗୁଡ଼ିକ ସହ ଔପଚାରିକ ମେଣ୍ଟକୁ ନେଇ ଦ୍ୱିଧାରେ ଅଛନ୍ତି । ଅନ୍ୟପକ୍ଷରେ, କେନ୍ଦ୍ର-ବାମପନ୍ଥୀ ଡେମୋକ୍ରାଟ୍ସ ଦଳର ନେତା ୟାଇର୍ ଗୋଲାନ୍ ଆରବ ଦଳଗୁଡ଼ିକୁ ରାଜନୈତିକ ପ୍ରକ୍ରିୟାରେ ସାମିଲ କରିବା ସପକ୍ଷରେ ମତ ଦେଇଛନ୍ତି । ଏଭଳି ପରିସ୍ଥିତିରେ ସମସ୍ତଙ୍କର ନଜର ରାଷ୍ଟ୍ରପତିଙ୍କ ଉପରେ ରହିଛି ।

ସ୍ପେନ୍‌ରେ ରେଳ ଦୁର୍ଘଟଣା ପରେ ତେଜିଲା ଆନ୍ଦୋଳନ

ମାଦ୍ରିଦ୍,୨୮ ।୧୦(ଏଜେନ୍ସି): ସ୍ପେନ୍‌ରେ ଭୟାବହ ରେଳ ଦୁର୍ଘଟଣାରେ ୬୮ ଜଣଙ୍କ ମୃତ୍ୟୁ ପରେ ସରକାର ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଛି । ଦୁର୍ଘଟଣାର ମୁକାବିଲା ଓ ରେଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇ ହଜାର ହଜାର ଲୋକ ପ୍ରଧାନମନ୍ତ୍ରୀ ପେଦ୍‌ରୋ ସାଞ୍ଚେଜ୍ ଓ ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେଙ୍କ ଇସ୍ତଫା ଦାବି କରିଛନ୍ତି । ରାଜଧାନୀ ମାଦ୍ରିଦ୍‌ରେ ପରିବହନ ମନ୍ତ୍ରଣାଳୟ ବାହାରେ ପ୍ରାୟ ୧୫୦୦ ଲୋକ ବିକ୍ଷୋଭ କରିଥିଲେ । କେତେକ ପ୍ରଦର୍ଶନକାରୀ ପୁଲିସ ଉପରକୁ ବୋତଲ ଓ ଅଗ୍ନିବାଣ ଫିଙ୍ଗିବା ପରେ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା । ତେବେ ଏହି ଘଟଣାରେ ଆହତ କିମ୍ବା ଗିରଫ ହେବାର ଖବର ମିଳିନାହିଁ । ଚଳିତ ବର୍ଷ ଜାନୁଆରୀରେ ମଧ୍ୟ ଏକ ରେଳ ଦୁର୍ଘଟଣାରେ ୪୬ ଜଣଙ୍କ ମୃତ୍ୟୁ ହୋଇଥିଲା । ଲଗାତାର ଦୁର୍ଘଟଣା ଦେଶର ଦ୍ରୁତଗାମୀ ରେଳ ବ୍ୟବସ୍ଥାର ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି । ପ୍ରଧାନମନ୍ତ୍ରୀ ସାଞ୍ଚେଜ୍ ତଦନ୍ତ ଓ ସୁରକ୍ଷା ସୁଧାରର ପ୍ରତିଶ୍ରୁତି ଦେଇଛନ୍ତି । ସରକାର ତିନି ଦିନିଆ ଶୋକ ଘୋଷଣା କରିଛନ୍ତି ।

ଆୱାମୀ ଲିଗ୍ ନେତା ହନିଫ୍‌ଙ୍କୁ ମୃତ୍ୟୁଦଣ୍ଡ

ଢାକା,୨୯ ।୧୦(ଏଜେନ୍ସି): ବାଂଲାଦେଶରେ ୨୦୨୪ ଜୁଲାଇରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ୬ ଜଣଙ୍କ ହତ୍ୟା ମାମଲାରେ ଆୱାମୀ ଲିଗ୍‌ର ଯୁଗ୍ମ ମହାସଚିବ ମହବୁବୁଲ ଆଲମ ହନିଫ୍‌ଙ୍କୁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଗୁରୁବାର ଏହି ରାୟ ପ୍ରକାଶ ପାଇଛି । ହନିଫ୍‌ଙ୍କ ସମେତ ଚାରି ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ବିଚାର କରାଯାଇ ଦଣ୍ଡାଦେଶ ଦିଆଯାଇଛି । ବିଚାରପତି ନଜରୁଲ ଇସ୍‌ଲାମ ଚୌଧୁରୀଙ୍କ ନେତୃତ୍ୱରେ ତିନିଜଣିଆ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ମାମଲାରେ ଆୱାମୀ ଲିଗ୍‌ର ଅନ୍ୟ ତିନି ଜଣ ଜିଲ୍ଲାସ୍ତରୀୟ ନେତାଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି । ଚାରି ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କ ସମ୍ପତ୍ତିର ଅଧା ଜବତ କରିବାକୁ ମଧ୍ୟ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୪ର ଛାତ୍ର ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ ଅଗଷ୍ଟ ୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସରକାରର ପତନ ଘଟିଥିଲା । ପରେ ହସିନା ଭାରତ ଚାଲିଆସିଥିଲେ । ପିଟିଆଇ ରିପୋର୍ଟ ଅନୁଯାୟୀ, ହସିନାଙ୍କ ସରକାର ପତନ ପରେ ଆୱାମୀ ଲିଗ୍‌ର ୨୩ ଜଣ ନେତାଙ୍କୁ ମୃତ୍ୟୁଦଣ୍ଡ ମିଳିଛି । ତେବେ ହସିନା ଓ ତାଙ୍କ ଦଳର ନେତାମାନେ ଟ୍ରିବ୍ୟୁନାଲ୍‌ର ବିଚାର ପ୍ରକ୍ରିୟାକୁ ପକ୍ଷପାତପୂର୍ଣ୍ଣ ବୋଲି ଅଭିଯୋଗ କରିଛନ୍ତି ।



ବିଧାନ ପରିଷଦ ନିର୍ବାଚନ

କର୍ଣ୍ଣାଟକରେ କଂଗ୍ରେସକୁ; ମହାରାଷ୍ଟ୍ରରେ ବିଜେପିକୁ ଝଟକା

ନୂଆଦିଲ୍ଲୀ,୨୯ ।୧୦(ଏଜେନ୍ସି): ଚାରିଟି ରାଜ୍ୟରେ ବିଧାନ ପରିଷଦର ୨୮ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୧୬ଟି ଆସନ ଜିତିଛି । କଂଗ୍ରେସ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିବାବେଳେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ସପା) ଉଲ୍ଲେଖନୀୟ ସଫଳତା ପାଇଛି । ତେବେ ଏହି ନିର୍ବାଚନରେ କଂଗ୍ରେସକୁ କର୍ଣ୍ଣାଟକରେ ଝଟକା ମିଳିଥିବା ବେଳେ ମହାରାଷ୍ଟ୍ରରେ କ୍ଷମତାସୀନ ବିଜେପିକୁ ମଧ୍ୟ ଝଟକା ଖାଇବାକୁ ପଡ଼ିଛି । କର୍ଣ୍ଣାଟକରେ କଂଗ୍ରେସ କ୍ଷମତାରେ ଥିବା ଏଠାରେ ସମସ୍ତ ୪ଟି ଆସନକୁ ପୋଛି ନେଇଛି ଏନଡିଏ । ସେହିଭଳି ମହାରାଷ୍ଟ୍ରରେ କଂଗ୍ରେସକୁ ଗୋଟିଏ ମାତ୍ର ଆସନ ମିଳିଥିଲେ ମଧ୍ୟ ବିଜେପି ପାଇଁ ବଡ଼ ଧରଣର ଝଟକା ହୋଇଛି । କାରଣ ରାଜ୍ୟରେ ୫ଟି ଆସନରେ ନିର୍ବାଚନ ହୋଇଥିବା ବେଳେ ତିନିଟିରେ ବିରୋଧୀ ଦଳ ବିଜୟୀ ହୋଇଥିବା ବେଳେ ଶାସକ ମେଣ୍ଟକୁ ମାତ୍ର ଦୁଇଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଆରଏସଏସର ଗଡ଼ କୁହାଯାଉଥିବା ନାଗପୁର ସ୍ନାତକ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଅଭିଜିତ ୱାଞ୍ଜାରୀ ବିଜୟୀ ହୋଇଛନ୍ତି । ସେ ବିଜେପିର ସୁଧାକର କୋହଲେଙ୍କୁ ୩,୨୭୧ ଭୋଟ୍‌ରେ ପରାସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ଓ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ଗୃହନଗରୀରେ ବିଜେପିର ପରାଜୟ ଦଳ ପାଇଁ ବଡ଼ ଝଟ୍‌କା ହୋଇଛି । ସେହିଭଳି ପୁନେ ଆସନରେ ମଧ୍ୟ ବିରୋଧୀ ଦଳ କବଜା କରିଛନ୍ତି । ଏଭଳି ଫଳାଫଳକୁ ନେଇ ଶାସକ ବିଜେପି ଓ ଶିବ ସେନା ପରସ୍ପରକୁ ଦୋଷ ଦେବା ଆରମ୍ଭ କରିଦେଇଛନ୍ତି । ଉତ୍ତରପ୍ରଦେଶର ୧୧ଟି ଆସନ ମଧ୍ୟରୁ ବିଜେପି ଛଅଟି ଓ ସପା ତିନୋଟି ଜିତିଛନ୍ତି । ଅନ୍ୟ ଆସନଗୁଡ଼ିକରେ ମଧ୍ୟ ସପାର ପ୍ରଦର୍ଶନ ଚର୍ଚ୍ଚାରେ ରହିଛି । ଗୋରଖପୁର-ଫୈଜାବାଦ ଶିକ୍ଷକ ଆସନରେ ବିଜେପି ପ୍ରାର୍ଥୀ ଧ୍ରୁବ ତ୍ରିପାଠୀ ସ୍ୱାଧୀନ ପ୍ରାର୍ଥୀ ରାଜୀବ ଯାଦବଙ୍କୁ ମାତ୍ର ୩୦୭ ଭୋଟ୍‌ରେ ହରାଇଛନ୍ତି । ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଫଳାଫଳକୁ ବିଜେପି ଓ ସପା ମଧ୍ୟରେ ପ୍ରତିଷ୍ଠାର ଲଢ଼େଇ ଭାବେ ଦେଖାଯାଉଛି । ତେବେ ସବୁଠାରୁ ଚର୍ଚ୍ଚିତ ଫଳାଫଳ ବାରଣାସୀରୁ ଆସିଛି । ଏଠାର ଦୁଇଟି ଯାକ ଆସନ ସପା ଖାତାକୁ ଯାଇଛି । ବାରଣାସୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକସଭା ନିର୍ବାଚନମଣ୍ଡଳୀ ହୋଇଥିବାରୁ ଏଠାରେ ବିରୋଧୀଙ୍କ ବିଜୟ ଯୋଗୀ ସରକାରଙ୍କ ପାଇଁ ଝଟକା ହୋଇଛି । ଏହାକୁ ନେଇ ବିରୋଧୀ କଟାକ୍ଷ କରିଛନ୍ତି ।

କର୍ଣ୍ଣାଟକର ଚାରିଟି ଆସନରେ କଂଗ୍ରେସ ପରାଜିତ ହୋଇଛି । ବିଜେପି ତିନୋଟି ଆସନ ବଜାୟ ରଖିଥିବା ବେଳେ ଏହାର ସହଯୋଗୀ ଜେଡିଏସ୍ ବେଙ୍ଗାଲୁରୁ ଶିକ୍ଷକ ଆସନ କଂଗ୍ରେସଠାରୁ ଛଡ଼ାଇ ନେଇଛି । ଏହା ବିଜେପି-ଜେଡିଏସ୍ ମେଣ୍ଟ ପାଇଁ ଉତ୍ସାହଜନକ ଫଳାଫଳ ହୋଇଛି । ସେହିଭଳି ବିହାରର ଆଠଟି ଆସନ ମଧ୍ୟରୁ ବିଜେପି ତିନୋଟି, ସ୍ୱାଧୀନ ପ୍ରାର୍ଥୀ ଦୁଇଟି ଏବଂ ଆର୍‌ଜେଡି, ଜନ ସୁରାଜ ଓ ଜେଡିୟୁ ଗୋଟିଏ ଲେଖାଏଁ ଆସନ ଜିତିଛନ୍ତି । ପାଟନା ଶିକ୍ଷକ ଆସନରେ ଆର୍‌ଜେଡିର ସଞ୍ଜୀବ କୁମାର ବିଜେପିର ନୱଲ କିଶୋର ଯାଦବଙ୍କୁ ପରାସ୍ତ କରିଛନ୍ତି । ଅନ୍ୟପକ୍ଷରେ ଦରଭଙ୍ଗା ଶିକ୍ଷକ ଆସନରେ ଜନ ସୁରାଜ ପ୍ରାର୍ଥୀ ସୁରେଶ ପ୍ରସାଦ ରାୟ ବିଜୟୀ ହୋଇଛନ୍ତି । କଂଗ୍ରେସ ପାଞ୍ଚଟି ଆସନରେ ଲଢ଼ି ଗୋଟିଏରେ ମଧ୍ୟ ଜିତିପାରିନାହିଁ ।

ଜଳେଶ୍ୱରରେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣା

ବିଜେପି ନେତାଙ୍କ ଚାପରେ ପୁଲିସ ଚେପା: ବିଜେଡି

ଭୁବନେଶ୍ୱର,୨୯।୧୦(ସମିସ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ୧୪ ବର୍ଷୀୟା ସ୍କୁଲ ଛାତ୍ରୀଙ୍କ ସହ ହୋଇଥିବା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛି ବିଜେଡି। ବାଲେଶ୍ୱର ଜିଲ୍ଲା ପୁଲିସ ପ୍ରଶାସନ ବିଜେପିର ହାତବାରିସି ସାଜିଛି। ନାବାଳିକାଙ୍କ ସନ୍ଧାନ ମିଳିବା ପୂର୍ବରୁ ପୁଲିସ ବିଜେପି ନେତାଙ୍କ ଚାପରେ ଚେପା ହୋଇ ଅଭିଯୁକ୍ତଙ୍କୁ ଛାଡ଼ି ଦେଇଥିବା ଅଭିଯୋଗ କରିଛି ବିଜେଡି। ଘଟଣାର ସତ୍ୟ ଉନ୍ମୋଚନ କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସିବିଆଇ ତଦନ୍ତ କରାଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ତଥା ଜାତୀୟ ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର ଏବଂ ବିଧାୟକ ଅଶ୍ୱିନୀ ପାତ୍ର ଘଟଣାକୁ ନେଇ କଡ଼ା ଉଦବେଗ ପ୍ରକାଶ କରିଥିଲେ। ଡ. ସାମନ୍ତସିଂହାର କହିଥିଲେ ଯେ ଗତ ଅକ୍ଟୋବର ୧୫ ତାରିଖରେ ବର୍ତ୍ତନା ଗ୍ରାମପଞ୍ଚାୟତ ଅଞ୍ଚଳରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଥିଲା । ଜଣେ ୧୪ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଓ ପରେ ହତ୍ୟା କରାଯାଇଥିଲା। ନାବାଳିକା ନିଖୋଜ ଥିବା ସତ୍ତ୍ୱେ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନା ଓରଫ କାହ୍ନୁଙ୍କୁ ପୁଲିସ କେଉଁ ପରିସ୍ଥିତିରେ ଅଟକ ରଖିଥିଲା ଏବଂ ପରେ ଛାଡ଼ି ଦେଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଜଣେ ସ୍ଥାନୀୟ ବିଜେପି ନେତା

ଅଭିଯୁକ୍ତଙ୍କୁ ଛାଡ଼ିବା ପାଇଁ ପୁଲିସ ଉପରେ ଚାପ ପକାଇଥିବାର ଅଭିଯୋଗ ରହିଛି। ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କରି ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ତୁରନ୍ତ ଗିରଫ କରୁ । ଏଠାରେ ଅଭିଯୁକ୍ତ ଅକ୍ଟୋବର ୨୧ ତାରିଖରେ ଅପରାଧ ସମ୍ପର୍କରେ ସୂଚନା ଦେବା ପରେ ପୀଡ଼ିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ମୃତଦେହରେ ଗଭୀର କ୍ଷତ ଚିହ୍ନ ରହିଥିବା ବେଳେ ପ୍ରମାଣ ନଷ୍ଟ କରିବା ପାଇଁ ଏସିଡ୍ ବ୍ୟବହାର କରାଯାଇଥିଲା। ମୃତ୍ୟୁର କାରଣ ଓ ପ୍ରମାଣ ନଷ୍ଟ ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଫରେନସିକ୍ ତଦନ୍ତ କରାଯାଉ। ଜଳେଶ୍ୱର ଅଞ୍ଚଳରେ ଘଟିଥିବା ଦୁଷ୍କର୍ମ ଭଳି ସମ୍ବେଦନଶୀଳ

- ଦୁଷ୍କର୍ମ ଓ ହତ୍ୟା ଘଟଣାର ହେଉ ସିବିଆଇ ତଦନ୍ତ
- ସମ୍ବେଦନଶୀଳ ଘଟଣାରେ ରାଜନୈତିକ ହସ୍ତକ୍ଷେପ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ

ଘଟଣାରେ ନାଫୋ ପୁଲିସ ଫାଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ କରଣ ମାରାଣ୍ଡିଙ୍କୁ ନିଲମ୍ବନ ଏବଂ ଜଳେଶ୍ୱର ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଜ ଅଶୋକ ବାରିକଙ୍କୁ ବଦଳି କରିଦେଇ ସରକାର ଚୁପ୍ ବସିଲେ ହେବ ନାହିଁ । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ପୀଡ଼ିତାଙ୍କ ପରିବାରକୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ। ଅଶ୍ୱିନୀ ପାତ୍ର କହିଥିଲେ ଯେ ୧୪ ବର୍ଷୀୟା ନାବାଳିକାଙ୍କୁ ଚାଉମିନ୍ କିଣିଦେବାର ପ୍ରଲୋଭନ ଦେଖାଇ ଗଣଦୁଷ୍କର୍ମ କରିବା ଓ ପରେ ହତ୍ୟା ଘଟଣା ଜଳେଶ୍ୱର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ପୀଡ଼ିତାଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, ଜଣେ ମହିଳାଙ୍କ ସମେତ ଅନ୍ୟ କେହି ଏହି ଘଟଣାରେ ସାମିଲେ ଥିଲେ କି ନାହିଁ, ତାହାର ତଦନ୍ତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ । ଫରେନସିକ୍ ପ୍ରମାଣ, ସିସିଟିଭି ଫୁଟେଜ୍, କଲ୍ ଡିଟେଲ୍ ରେକର୍ଡ ଓ ଅନ୍ୟାନ୍ୟ ତଥ୍ୟର ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହା ସହିତ ପୀଡ଼ିତାଙ୍କ ପରିବାରକୁ ଆର୍ଥିକ ସହାୟତା ଓ ଆଇନଗତ ସହଯୋଗ ପ୍ରଦାନ କରାଯାଉ। ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ସିବିଆଇ ତଦନ୍ତ କରାଯାଉ ବୋଲଲି ସେ ଦାବି କରିଛନ୍ତି।

୫ ବିଧାୟକଙ୍କୁ ନୋଟିସ୍ ମାମଲା

ହାଇକୋର୍ଟଙ୍କ ହସ୍ତକ୍ଷେପକୁ ବିଜେଡିର ସ୍ୱାଗତ

ଭୁବନେଶ୍ୱର,୨୯।୧୦(ସମିସ): ରାଜ୍ୟସଭାରେ ନିର୍ବାଚନରେ କ୍ରସ ଭୋଟିଂ ମାମଲାରେ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି କରି ବିଜଡେି ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ଏହି ମାମଲାରେ ହାଇକୋର୍ଟ ୫ ବିଧାୟକଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନ ହେବ, ସେନେଇ ନିଜ ପକ୍ଷ ରଖିବାକୁ କହିଛନ୍ତି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ କରିଛି ବିଜେଡି। ଗୁରୁବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ବିରୋଧୀ ଦଳ

- ବିଜେଡିର ଅଭିଯୋଗ ଗ୍ରହଣୀୟ ହୋଇଛି
- ଆଡଭୋକେଟ୍ ଜେନେରାଲଙ୍କ ରାଜନୈତିକ ବୟାନକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ହାଇକୋର୍ଟଙ୍କ ହସ୍ତକ୍ଷେପକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ କ୍ରସ ଭୋଟିଂ ଅଭିଯୋଗରେ ବିଜେଡି ପୂର୍ବରୁ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ନିକଟରେ ବିଜେଡିର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ନିୟମ ଅନୁଯାୟୀ ଆବେଦନ କରିଥିଲା । କିନ୍ତୁ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ବାଚସ୍ପତି ଏହାକୁ ଗ୍ରହଣ ନ କରି ଖାମଖିଆଲ ଭାବରେ ରାଜନୈତିକ ଉଦ୍ଦେଶ୍ୟ ରଖି ଖାରଜ କରିଥିଲେ । ଏହାକୁ ନେଇ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଗତ ୧ ମାସ ତଳେ ହାଇକୋର୍ଟ ଏହାକୁ ଗ୍ରହଣ କରି ବାଚସ୍ପତିଙ୍କୁ ନୋଟିସ୍ ଜାରି କରିଥିଲା ବେଳେ ବାଚସ୍ପତି ଜବାବ ଦାଖଲ ପାଇଁ ସମୟ ନେଇଛନ୍ତି। ଆଜି ପ୍ରଥମ ପର୍ଯ୍ୟାୟରେ ହାଇକୋର୍ଟ ୫ ବିଧାୟକଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନ ହେବ, ସେନେଇ ନୋଟିସ୍ ଜାରି କରି ନିଜ ପକ୍ଷ ରଖିବାକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆଡଭୋକେଟ୍ ଜେନେରାଲ ଆଜି ଗଣମାଧ୍ୟମକୁ ଦେଇଥିବା ତାଙ୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଯେଉଁ ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ, ତାଙ୍କ ସଭ୍ୟ ପଦ ରଦ୍ଦ ଉପରେ ମତାମତ ନ ରଖି ବିଜେଡି ବାଚସ୍ପତିଙ୍କ ପାଖରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ନେଇ କରିଥିବା ଆବେଦନ ଉପରେ ଆଡଭୋକେଟ୍ ଜେନେରାଲ ମନ୍ତବ୍ୟ ରଖିବା ନିନ୍ଦନୀୟ। ଶ୍ରୀମତୀ ମଲ୍ଲିକ ଆହୁରି କହିଥିଲେ ଯେ ନ୍ୟାୟିକ ପ୍ରକ୍ରିୟା ଉପରେ ଆସ୍ଥା ପ୍ରକଟ କରିବା ସହ ଏହି ମାମଲା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ହେବ ବୋଲି ଦଳ ଆଶା ରଖିଛି । ସାମ୍ବିଧାନିକ ଓ ଆଇନଗତ ପ୍ରସଙ୍ଗଗୁଡ଼ିକୁ ଉପଯୁକ୍ତ ମର୍ଯ୍ୟାଦା ରକ୍ଷା କରି ଏବଂ ପ୍ରତିଷ୍ଠିତ ଆଇନଗତ ନୀତି ଅନୁଯାୟୀ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

ବିଲ୍ ପାଇଁ ଲକ୍ଷେ ଟଙ୍କା ଡିଲ୍ ଅଭିଯୋଗ

ଫୁଲନଖରା ବନଖଣ୍ଡ ଡେପୁଟୀ ରେଞ୍ଜର ଗିରଫ

କଟକ, ୨୯।୧୦(ସମିସ): ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଫୁଲନଖରା ସିଟି ଫରେଷ୍ଟ ଡିଭିଜନର ଡେପୁଟି ରେଞ୍ଜର ମୌସୁମୀ ବେହେରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଫୁଲନଖରା ରେଞ୍ଜ ଅଧୀନରେ ଥିବା ୩ଟି ବୃକ୍ଷରୋପଣ ସ୍ଥଳର ରକ୍ଷଣାବେକ୍ଷଣ ବାବଦକୁ ଗତ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଲ୍ ମଞ୍ଜୁର କରାଇଦେବା ପାଇଁ ଶ୍ରୀମତୀ ବେହେରା ନିଜ ବିଭାଗର ଜଣେ କର୍ମଚାରୀଙ୍କଠାରୁ

୧ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଦାବି ମୁତାବକ ୧ ଲକ୍ଷ ଟଙ୍କା ନ ଦେଲେ ଆଗାମୀ ମାସଗୁଡ଼ିକର ବିଲ୍ ମଧ୍ୟ ବନ୍ଦ କରିଦେବାକୁ ସେ ଧମକ ଦେଇଥିଲେ। ବାଧହୋଇ ସମ୍ପୃକ୍ତ କର୍ମଚାରୀ ତଥା ଅଭିଯୋଗକାରୀ ଜଣକ ଏନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଆଜି ଭିଜିଲାନ୍ସ ଟିମ୍ ପୂର୍ବରୁ ପ୍ରସ୍ତୁତ ରହିଥିଲା। ଡେପୁଟି ରେଞ୍ଜର ଶ୍ରୀମତୀ ବେହେରା ନିଜ ସରକାରୀ ବାସଭବନରେ ଅଭିଯୋଗକାରୀଙ୍କଠାରୁ ଦାବି ମୁତାବକ ୧ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ହାବୁଡରେ ପଡିଥିଲେ। ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ପାଖରୁ ସମ୍ପୂର୍ଣ୍ଣ ଲାଞ୍ଚ ଅର୍ଥ ୧ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଗିରଫ ପରେ ଭିଜିଲାନ୍ସ ପକ୍ଷରୁ କଟକସ୍ଥିତ ତାଙ୍କ ସରକାରୀ ବାସଭବନ ଏବଂ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ ଜାରି ରହିଛି। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଅଭିଯୁକ୍ତ ଡେପୁଟି ରେଞ୍ଜରଙ୍କୁ ଗିରଫ କରାଯାଇ ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉକି, ଶ୍ରୀମତି ବେହେରା ୨୦୧୧ରେ ଫରେଷ୍ଟର ଭାବେ ଚାକିରିରେ ଯୋଗଦେଇଥିବା ବେଳେ ୨୦୧୫ ସେପ୍ଟେମ୍ବର ୨୮ରେ ତାଙ୍କ ଚାକିରି ନିୟମିତ ହୋଇଥିଲା।

କୋଟିଆ ପାଇଁ ସର୍ବଦଳୀୟ ବୈଠକ

ଆନ୍ଧ୍ରର ନିର୍ବାଚନ କରାଇ ନ ଦେବାକୁ ସହମତି

କୋରାପୁଟ,୨୯।୧୦(ସମିସ): ଓଡ଼ିଶାର ବିବାଦୀୟ କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ପକ୍ଷରୁ ଆସନ୍ତା ୫ ତାରିଖରେ ହେବାକୁ ଥିବା ନିର୍ବାଚନକୁ ନେଇ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ, ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, ବିଜେଡି ଜିଲ୍ଲା ସଭାପତି ଝିନ ହିକକା, କଂଗ୍ରେସ ସଭାପତି ରୂପକ ତୁରୁକ,ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଓ ନିମାଇଁ ସରକାର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖଙ୍କ ସହ ବହୁ ନେତା ଓ ଅଧିକାରୀ ଉପସ୍ଥିତ ଥିଲେ। ଆନ୍ଧ୍ର ନିର୍ବାଚନରେ ଯେଉଁ ମାନେ ଭୋଟ ଦେବେ ସେମାନେ ଆନ୍ଧ୍ର ଚାଲି ଯାଆନ୍ତୁ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ। ଓଡ଼ିଶା ମା' ଓ

ମାଟି ପାଇଁ ଆମ୍ଭେ ସମସ୍ତେ ଏକଜୁଟ ହୋଇ ଆନ୍ଧ୍ର ନିର୍ବାଚନ କରାଇ ଦେବୁନାହିଁ, ସେଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଥିଲେ। କୋଟିଆର ବିକାଶ ସର୍ବାଗ୍ରେ ରହିବ ବୋଲି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। ଆନ୍ଧ୍ର ନିର୍ବାଚନ ପାଇଁ ସମସ୍ତ ସୀମାନ୍ତ ଅଞ୍ଚଳରେ ଫାଟକ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ କହିଛନ୍ତି। କୋଟିଆ ଓଡ଼ିଶାର ଏବଂ ଓଡିଶାର ହୋଇ ରହିବ ବୋଲି ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକ୍‌କା କହିଛନ୍ତି। କୋଟିଆ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏବଂ ଆନ୍ଧ୍ରର ବେଆଇନ ଅନୁପ୍ରବେଶକୁ ରୋକିବା ପାଇଁ ୧୬୩ ଧାରା ଲାଗୁ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ଏହାସହ ବିଭିନ୍ନ ସ୍ଥାନରେ ପୁଲିସର ଅସ୍ଥାୟୀ କ୍ୟାମ୍ପ ସ୍ଥାପନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସୀମାନ୍ତ ଗ୍ରାମଗୁଡ଼ିକରେ କୌଣସି ପ୍ରକାରର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାକୁ ଦିଆଯିବ ନାହିଁ। ଯେଉଁମାନେ ସ୍ଥାନୀୟ ଲୋକଙ୍କୁ ପ୍ରଲୋଭିତ କରିବାକୁ କିମ୍ବା ବେଆଇନ ଭାବେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆବଶ୍ୟକ ପଡ଼ିଲେ ଗିରଫ ମଧ୍ୟ କରାଯିବ ବୋଲି ସେ କହିଛନ୍ତି। ସର୍ବଦଳୀୟ ପ୍ରତିନିଧି ଦଳର କୋଟିଆ ଗସ୍ତ ଏବଂ ସେମାନଙ୍କ ଗ୍ରାଉଣ୍ଡ ଜିରୋ ରିପୋର୍ଟକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ପ୍ରଶାସନିକ ଅଧିକାରୀମାନେ ଏପର୍ଯ୍ୟନ୍ତ କେତେ କାମ କରିଛନ୍ତି, ଆଗକୁ କେଉଁ ସବୁ ନୂଆ କାର୍ଯ୍ୟ ହାତକୁ ନିଆଯିବ, ସେ ନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି।

ପଦୋନ୍ନତି ସମ୍ପର୍କିତ ସର୍କୁଲାର ରଦ୍ଦ ମାମଲାରେ ପୂର୍ଣ୍ଣଚ୍ଛେଦ

ସମସ୍ତ ମାମଲାର ପୁନର୍ବିଚାର କରିବେ ଜଣିକିଆ ଖଣ୍ଡପୀଠ

କଟକ,୨୯ ।୧୦(ସମିସ): ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସରକାରୀ କର୍ମଚାରୀଙ୍କ ପଦୋନ୍ନତି ପ୍ରସଂଗ ନେଇ ଜାରି ସର୍କୁଲାରକୁ ଜଣିକିଆ ବିଚାରପତି ରଦ୍ଦ କରିବାକୁ ବିରୋଧ କରି ପ୍ରଭାବିତ କର୍ମଚାରୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଗତ ୨୦୧୯ ଜୁନ୨୬ରେ ପ୍ରସ୍ତୁତ (ସରକାରୀ ସେବାରେ ଅପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ଏବଂ ପ୍ରଶାସନିକ ଦକ୍ଷତା ସମ୍ବନ୍ଧୀୟ ତଥ୍ୟ) ଜଣିକିଆ ପୀଠଙ୍କ ବିଚାରକୁ ଆସିପାରି ନଥିବାରୁ, ଏହି ସମସ୍ତ ମାମଲାଗୁଡ଼ିକୁ ପୁନର୍ବିଚାର ପାଇଁ ପୁଣିଥରେ ଜଣିକିଆ ବିଚାରପତିଙ୍କ ନିକଟକୁ ଫେରାଇଛନ୍ତି ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ। ମାମଲା ଗୁଡ଼ିକର ପୁନଃ ଶୁଣାଣି ସମୟରେ ଆବେଦନକାରୀ ଏବଂ ପ୍ରତିପକ୍ଷ ମାନେ ସ୍ୱାଧୀନ ଭାବେ ନିଜର ପକ୍ଷ ରଖିପାରିବେ। ଆବଶ୍ୟକୀୟ ତଥ୍ୟ, କାଗଜପତ୍ର



ଦାଖଲ କରି ଉଭୟ ପକ୍ଷ ନିଜର ଯୁକ୍ତି ଉପସ୍ଥାପନ କରିବା ପାଇଁ ହାଇକୋର୍ଟ ସ୍ୱାଧୀନତା ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗତ ୨୦୨୪ ସେପ୍ଟେମ୍ବର ୧୧ର ଉପରୋକ୍ତ ସର୍କୁଲାରରେ କୁହାଯାଇଥିଲା ଯେ ସରକାରୀ କର୍ମଚାରୀଙ୍କ ପଦୋନ୍ନତି କାଳରେ ସଂରକ୍ଷଣ ସୁବିଧା ହାସଲ କରି ଚାକିରିରେ ନିଯୁକ୍ତି ପାଇଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର କର୍ମଚାରୀ, ଅଣସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ପଦବିକୁ ମଧ୍ୟ ପଦୋନ୍ନତି ପାଇ ପାରିବେ। ଏହି ସର୍କୁଲାରକୁ ନେଇ ବିବାଦ ଦେଖା ଦେଇଥିଲା। ସରକାରଙ୍କ ଏହି ସର୍କୁଲାର ଦ୍ୱାରା ପଦୋନ୍ନତି ପ୍ରସଂଗରେ ଉପେକ୍ଷିତ ହୋଇଥିବା ସାଧାରଣ ବର୍ଗ ଓ ଅନ୍ୟ ପଛୁଆ ବର୍ଗର କର୍ମଚାରୀମାନେ ହାଇକୋର୍ଟରେ ପୃଥକ ଆବେଦନ ଦାୟର କରିଥିଲେ। ଜଣିକିଆ ବିଚାରପତି ଏ ସଂପର୍କିତ ୬୦ରୁ ଅଧିକ ମାମଲାର ଏକତ୍ର ଶୁଣାଣି କରି ଉକ୍ତ ସର୍କୁଲାରକୁ ରଦ୍ଦ କରିଥିଲେ। ଏହା ସହ ସର୍କୁଲାର ଆଧାରରେ ହୋଇଥିବା ସମସ୍ତ ପଦୋନ୍ନତି କମିଟିର ସୁପାରିସକୁ ମଧ୍ୟ ହାଇକୋର୍ଟ ରଦ୍ଦ କରିଥିଲେ। ସରକାର ଏହି ରାୟକୁ ଚାଲେଞ୍ଜ କରିନଥିଲେ ମଧ୍ୟ କେତେକ ପ୍ରଭାବିତ କର୍ମଚାରୀ ଦୁଇ ଜଣିଆ ଖଣ୍ଡପୀଠରେ ରିଟ ଆବେଦନ ଦାୟର କରିଥିଲେ।

ପାଣିପାଗ ସ୍ଥିତିରେ ସୁଧାର ଆସିବା ଯାଏଁ ଓସିଏସ୍ ମୁଖ୍ୟ ପରୀକ୍ଷା ସ୍ଥଗିତ ହେଉ

ଭୁବନେଶ୍ୱର,୨୯।୧୦(ସମିସ):ବାତ୍ୟାଜନିତ ପ୍ରବଳ ବର୍ଷା ଓ ବିଭିନ୍ନ ଜିଲ୍ଲାରେ ଜନଜୀବନ ପ୍ରଭାବିତ ହୋଇଥିବାରୁ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ) ମୁଖ୍ୟ ପରୀକ୍ଷା ସ୍ଥଗିତ ରଖିବାକୁ ଆଶାୟୀ ପରୀକ୍ଷାର୍ଥୀମାନେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ବାତ୍ୟା ପ୍ରଭାବରେ ଅନେକ ଅଞ୍ଚଳରେ ସଡ଼କ ଯୋଗାଯୋଗ ବ୍ୟାହତ ହେବା ସହ ପ୍ରାୟ ତିନି ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ ରହିଛି। ଋଷିକୂଲ୍ୟା ନଦୀର ଜଳସ୍ତର ବୃଦ୍ଧି, ଗଞ୍ଜାମ ଜିଲ୍ଲାର ଆସିକା ଓ ଭଞ୍ଜନଗରରେ ପ୍ରବଳ ବର୍ଷା ଏବଂ କୋରାପୁଟ, ଗଞ୍ଜାମ ଓ ମାଲକାନଗିରିର କେତେକ ଅଞ୍ଚଳରେ ଭୂସ୍ଖଳନ ଓ ରାସ୍ତା ଅବରୋଧ ଯୋଗୁଁ ଯାତାୟାତରେ ସମସ୍ୟା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟ ମଧ୍ୟ ଜାରି ରହିଛି। ଏହାସହ ପ୍ରାୟ ୫୬ଟି ଟ୍ରେନ୍ ବାତିଲ ହେବା ଏବଂ ବସ୍ ଚଳାଚଳ ବ୍ୟାହତ ହେବାରୁ ପରୀକ୍ଷାର୍ଥୀମାନେ ନିଜ ନିର୍ଦ୍ଧାରିତ କେନ୍ଦ୍ରରେ ସୁରକ୍ଷିତ ଭାବେ ଓ ଠିକ୍ ସମୟରେ ପହଞ୍ଚିବା ନେଇ ଆଶଙ୍କା କରାଯାଇଛି। ଆଗକୁ ଆଉ ଏକ ଲଘୁଚାପ ବଳୟ ଆସୁଥିବା ରିପୋର୍ଟ ଯୋଗୁଁ ପାଣିପାଗ ଓ ପରିବହନ ସ୍ଥିତିକୁ ନେଇ ଆଶାୟୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ଆଶାୟୀଙ୍କ କହିବାନୁଯାୟୀ ଏଭଳି ପରିସ୍ଥିତିରେ ପରୀକ୍ଷା ଆୟୋଜନ କରାଗଲେ ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀମାନେ ଅସୁବିଧାରେ ପଡ଼ିବା ସହ ସମାନ ସୁଯୋଗରୁ ବଞ୍ଚିତ ହୋଇପାରନ୍ତି। ତେଣୁ ପାଣିପାଗ ସ୍ଥିତିରେ ସୁଧାର ଆସିବା ଓ ପରିବହନ ସେବା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଓପିଏସ୍‌ସି ଓ ରାଜ୍ୟ ସରକାର ଯଥାଶୀଘ୍ର ସ୍ପଷ୍ଟ ସୂଚନା ଜାରି କରିବା, ଗଞ୍ଜାମ, କୋରାପୁଟ, ମାଲକାନଗିରି ସମେତ ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ଥିତି ସମୀକ୍ଷା କରିବା ଏବଂ ସଂଶୋଧିତ ପରୀକ୍ଷା ସୂଚୀ ଘୋଷଣା କରିବାକୁ ଅନୁରୋଧ କରିଛନ୍ତି। ବାତ୍ୟାଜନିତ ପରିବହନ ବାଧା ଓ ଅନ୍ୟାନ୍ୟ ଅନିବାର୍ଯ୍ୟ ପରିସ୍ଥିତି ଯୋଗୁଁ ଯେପରି କୌଣସି ପରୀକ୍ଷାର୍ଥୀ ଅନ୍ୟାୟର ଶିକାର ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ସେମାନେ ନିବେଦନ କରିଛନ୍ତି। ପରୀକ୍ଷାର ସୁଚାରୁ ପରିଚାଳନା ପାଇଁ ଆୟୋଗଙ୍କ ଦାୟିତ୍ୱକୁ ସମ୍ମାନ ଜଣାଇବା ସହ ପରୀକ୍ଷାର୍ଥୀଙ୍କ ସୁରକ୍ଷା, ନିରପେକ୍ଷତା ଓ ସମାନ ସୁଯୋଗ ନିଶ୍ଚିତ କରିବା ଏହି ଅନୁରୋଧର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ କହିଛନ୍ତି।

ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ନଭେମ୍ବର ୨ରୁ

କଟକ,୨୯ ।୧୦(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆଗାମୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ପାଇଁ ଫର୍ମ ପୂରଣ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ନଭେମ୍ବର ୨ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ରାତ୍ରୀ ୧୧ଟା ୫୪ ପର୍ଯ୍ୟନ୍ତ ଚାଲିବ। ରେଗୁଲାର, କ୍ୱାସି ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ବିଦ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ଅନଲାଇନ୍ ମାଧ୍ୟମରେ କରାଯିବ। କରେସପଣ୍ଡେନ୍ସ ରେଗୁଲାର ଓ କରେସପଣ୍ଡେନ୍ସ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟର ଉପ ସମ୍ପାଦକଙ୍କ ଦ୍ୱାରା ଅଫଲାଇନ୍ ମାଧ୍ୟମରେ କରାଯିବ। ଫର୍ମ ପୂରଣ ନିମନ୍ତେ ଅନଲାଇନ୍ ଲିଙ୍କ୍, ସବିଶେଷ ନିର୍ଦ୍ଦେଶାବଳୀ ବୋର୍ଡର ୱେବସାଇଟରେ ଉପଲବ୍ଧ ରହିବ।

ଆଜି ମିଳିବ ୨୪ତମ ପିଏମ୍ କିଷାନ କିସ୍ତି

ଭୁବନେଶ୍ୱର,୨୯।୧୦(ସମିସ): ପିଏମ୍ କିଷାନ ଉତ୍ସବ ଦିବସ ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯିବ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଗୁଜୁରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ

ରାଜ୍ୟର ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପାଇବେ ୭୦୦ କୋଟିରୁ ଅଧିକ ଟଙ୍କା

ହେବାକୁ ଥିବାବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ। ଏଥିସହିତ ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫,୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

କୋଟିଆରୁ ଫେରି ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

ତୁରନ୍ତ ସ୍ୱତନ୍ତ୍ର ବିକାଶ ବୋର୍ଡ ଗଠନ ସହ ସ୍ୱତନ୍ତ୍ର ପ୍ୟାକେଜ୍ ଦିଅ : ଭକ୍ତ

ଭୁବନେଶ୍ୱର,୨୯।୧୦(ସମିସ): କୋଟିଆ ଓଡ଼ିଶାର କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ ଅଧୀନରେ ରହିଥିବା ବେଳେ ଆନ୍ଧ୍ରପ୍ରଦେଶ ଏହାକୁ ପାର୍ବତୀପୁରମ ମାନ୍ୟମ ଜିଲ୍ଲାର ସାଲୁର ମଣ୍ଡଳର ଏକ ଅଂଶ ଭାବେ ଅଯଥାର୍ଥ ଦାବି କରୁଛି। ସ୍ୱାଧୀନତା ପୂର୍ବରୁ ସମଗ୍ର କୋଟିଆ ଅଞ୍ଚଳ ମାଦ୍ରାଜ ପ୍ରେସିଡେନ୍ସି ଅଧୀନରେ ଥିବା ଜୟପୁର ଜମିଦାରୀ (ଷ୍ଟେଟ୍)ର ଅଂଶ ଥିଲା। ୧୯୩୬ରେ ଓଡ଼ିଶା ପ୍ରଦେଶ ଗଠନଠାରୁ କ୍ରମାଗତ ଭାବେ ଏହି ଅଞ୍ଚଳର ଶାସନ ପରିଚାଳନା ଓଡ଼ିଶା କରିଆସୁଥିଲା। ମାତ୍ର ଆନ୍ଧ୍ରର ଲୋଲୁପ ଦୃଷ୍ଟି ଏବେ ଏଠାକାର ଖଣିଜ ସମ୍ପଦ ଉପରେ ରହିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କୋଟିଆ ଗସ୍ତରେ ଯାଇଥିବା କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସେଠାରେ ସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ଆଜି ସାମ୍ବାଦିକ ସମ୍ମିଳନିରେ ପିସିସି ସଭାପତି କହିଛନ୍ତି, ଏହି ଅଞ୍ଚଳ ଖଣିଜ ସମ୍ପଦ (ଯେପରିକି ବକ୍ସାଇଟ୍, ମାଙ୍ଗାନିଜ୍ ଏବଂ ଗ୍ରାଫାଇଟ୍) ରେ ସମୃଦ୍ଧ। ଆନ୍ଧ୍ର ରାଜ୍ୟ ସରକାର ପ୍ରତିଯୋଗିତାମୂଳକ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ସ୍ଥାନୀୟ ଆଦିବାସୀ ଜନସଂଖ୍ୟାକୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଆକ୍ରମଣାତ୍ମକ ଭାବେ ପ୍ରତିଯୋଗିତା କରୁଛି। ତେଣୁ କୋଟିଆ ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ସ୍ୱତନ୍ତ୍ର ବିକାଶ ବୋଡର୍ ଗଠନ ସହ ସେଠାରେ ପୁଲିସ ମୁତୟନ କରନ୍ତୁ ବୋଲି ପିସିସି ସଭାପତି ଦାବି କରିଛନ୍ତି।

ସେ କହିଛନ୍ତି କୋଟିଆବାସୀ ବର୍ତ୍ତମାନ ଦ୍ୱୈତ ପରିଚୟ ରଖିଥିବା ବେଳେ ଦୁଇ ରାଜ୍ୟର ନିର୍ବାଚନରେ ମତଦାନ କରୁଛନ୍ତି। ଏଠାରେ ଓଡ଼ିଶାର ଆଇଟିଡିଏ, ଓଡ଼ିଆ ସ୍କୁଲ ସବୁକିଛି ଅଛି। ଆନ୍ଧ୍ରର କିଛି ଚିହ୍ନବର୍ତ୍ତ ନାହିଁ। ସୀମା ଭିତରକୁ

- କୋଟିଆର ଖଣିଜ ସମ୍ପଦ ଉପରେ ରହିଛି ଆନ୍ଧ୍ର ପକାଇଛି ଲୋଲୁପ ଦୃଷ୍ଟି
- ୪ ମାସ ହେବ ବୁଲୁଛନ୍ତି ଆନ୍ଧ୍ର ପୁଲିସ୍, ସରକାରଙ୍କ ପାଖରେ ସୂଚନା ନାହିଁ

ଆସି କିଛି ତେଲୁଗୁ ଭାଷାଭାଷୀ ଲୋକ ସ୍ଥାୟୀ ବାସିନ୍ଦା ହୋଇଯାଇଛନ୍ତି। ଏହି ଘଟଣାମାନ ଘଟୁଥିବା ବେଳେ ଓଡ଼ିଶା ସରକାର କରୁଛି କ'ଣ? ବ୍ୟାଙ୍କିଂ ସୁବିଧା ଓ ସରକାରୀ ଅର୍ଥରାଶି ପ୍ରଦାନରେ ସମସ୍ୟା ସହ ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରପ୍ରଦେଶର ଚେକ୍‌ପୋଷ୍ଟ ଓ ପୁଲିସ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଗତ ଚାରି ମାସ ଧରି ଆନ୍ଧ୍ରପ୍ରଦେଶର ପୁଲିସ କର୍ମଚାରୀମାନେ ସାଧା ପୋଷାକରେ ସେଠାରେ ଅବସ୍ଥାନ କରୁଛନ୍ତି। ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ପେନ୍‌ସନ୍ ଯୋଜନାରେ ପାର୍ଥକ୍ୟ ଦେଖାଇ କୋଟିଆବାସୀଙ୍କୁ ପ୍ରଭାବିତ କରାଯାଉଛି। ଓଡ଼ିଶାରୁ ମାସିକ ୧,୦୦୦ ଟଙ୍କା ଭତ୍ତା ମିଳୁଥିବା ବେଳେ ଆନ୍ଧ୍ରରୁ ସେମାନେ ୪,୦୦୦ ଟଙ୍କା ପାଉଛନ୍ତି। ଓଡ଼ିଶା ସରକାରଙ୍କ କେତେକ ବୃତ୍ତି ଯୋଜନାରେ ସ୍ଥାନୀୟ ଛାତ୍ରଛାତ୍ରୀମାନେ ଆର୍ଥିକ ସହାୟତା ପାଉ ନ ଥିବା ବେଳେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସମ୍ପୃକ୍ତ ଯୋଜନାରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳୁଛି। ସୀମା ବିବାଦ ସହିତ ଏହି ଅଞ୍ଚଳର ବିକାଶ, ସାମାଜିକ ସୁରକ୍ଷା ଓ ପ୍ରଶାସନିକ ଉପସ୍ଥିତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କୋଟିଆ କେବଳ ଏକ ସୀମା ବିବାଦର ପ୍ରସଙ୍ଗ ନୁହେଁ; ଏହା ଓଡ଼ିଶାର ଭୌଗୋଳିକ ଅଖଣ୍ଡତା, ପ୍ରଶାସନିକ ଦାୟିତ୍ୱ ଓ ସ୍ଥାନୀୟ ଆଦିବାସୀ ଜନସାଧାରଣଙ୍କ ଅଧିକାର ଓ ବିକାଶ ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ସେ କହିଛନ୍ତି ।

‘ଅର୍ଣ୍ଣବ ପ୍ରଭାବ’ରେ ଝିପିଝିପି ବର୍ଷା

ଲୋଟିଲା ଧାନ, ଭିଜିଲା ପେଟା

ସମ୍ବଲପୁର, ୨୯।୧୦ (ସମିସ)

ବାତ୍ୟା ‘ଅର୍ଣ୍ଣବ’ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାର ପ୍ରଭାବ ପକାଇଛି। ସମ୍ବଲପୁର ଜିଲ୍ଲାକୁ ୨୮ ତାରିଖ ସକାଳ ସାଢ଼େ ୮ଟାରୁ ୩୦ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଦୁଇଦିନ ପାଇଁ ‘ୟେଲୋ ୱାର୍ଣ୍ଣିଂ’ ଦିଆଯାଇଛି। ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବା ସତର୍କ କରାଯାଇଛି। ବାତ୍ୟା ପ୍ରଭାବରେ ୨୮ ଓ ୨୯ ତାରିଖ ଦିନତମାମ ଓ ରାତିରେ ବି ଝିପିଝିପି ବର୍ଷା ଲାଗି ରହିଛି। ପବନ ମଧ୍ୟ ହେଉଛି। ଏହାଦ୍ୱାରା ବେଶୀ କ୍ଷତିଗ୍ରସ୍ତ ହୋଇଛି ୧୧୦ରୁ ୧୨୦ ଦିନିଆ ଛୋଟ ଧାନ। ଅମଳ ହୋଇ ନ ଥିବା ପାଚିଯାଇଥିବା ଛୋଟ ଧାନଗଛ ଗୁଡ଼ିକ କ୍ଷେତରେ ଲୋଟି ପଡ଼ିଥିବାବେଳେ ଅମଳ ହୋଇଥିବା ପେଟା ଗୁଡ଼ିକ ଭିଜି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସମ୍ବଲପୁରରେ ଗତକାଲି ପରି ଆଜି ଦିନବେଳା ଝିପିଝିପି ବର୍ଷା ହୋଇଥିବାବେଳେ ଅପରାହ୍ଣରେ କିଛି ସମୟ ପାଇଁ ବନ୍ଦ ରହିଥିଲା। ଆଜି ଗୁରୁବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ସମ୍ବଲପୁରରେ ୫୬ ମିଲିମିଟର ବର୍ଷା ହୋଇଥିଲା। ଆଜି ଦିନବେଳା ସକାଳ ୮:୩୦ ରୁ ସନ୍ଧ୍ୟା ୫:୩୦ ମଧ୍ୟରେ ପ୍ରାୟ ୮ ମିମି ବର୍ଷା ରେକର୍ଡ କରାଯାଇଛି। ପବନର ବେଗ ଘଣ୍ଟାପ୍ରତି ୧୦ ରୁ ୧୨ କିଲୋମିଟର ବା ୬ ନଟ୍ ରହିଛି। ଏହି ବର୍ଷା ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ ଯେ, ପାଣିପାଗ ବିଭାଗ ପକ୍ଷରୁ ଜାରି ସତର୍କତା ଅନୁଯାୟୀ, ୩୦ ତାରିଖ ସକାଳ ୮.୩୦ ପର୍ଯ୍ୟନ୍ତ, ଓଡ଼ିଶାର ବାଲେଶ୍ୱର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାକୁ ‘ୟେଲୋ ୱାର୍ଣ୍ଣିଂ’ ଜାରି କରାଯାଇଛି। ଏହାଦ୍ୱାରା ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ସହିତ ବିଜୁଳି ଏବଂ ଝଟକା ପବନ (୩୦ରୁ ୪୦ କିଲୋମିଟର ବେଗ) ବହିବାର ସମ୍ଭାବନା ରହିଛି। ପରବର୍ତ୍ତୀ ଦିନଗୁଡ଼ିକ ସକାଶେ ସେଭଳି କୌଣସି ଚେତାବନୀ ନାହିଁ।

ବାତ୍ୟା ‘ଅର୍ଣ୍ଣବ’ ଜନିତ ବର୍ଷାରେ ଢିପ ବା ମାଳ ଜମି ଓ ଗୁଡ଼ା ଜମିର ଅମଳକ୍ଷମ ଛୋଟ ଧାନ (୧୧୦ ବା ୧୨୦ ଦିନିଆ) ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଛୋଟଧାନ ଗୁଡ଼ିକ ପାଚିଯାଇଛି, ତାହା ପବନ ଯୋଗୁଁ ଲୋଟି ପଡ଼ିଥିବା ଦେଖାଯାଉଛି। ବର୍ଷାରେ ଡୁଲି (ଜମି) ମାନଙ୍କରେ ପାଣି ଜମିଥିବାବେଳେ, ସେଠାରେ ଲୋଟି ପଡ଼ିଥିବା ଧାନ ଭିଜି (ଓଦାହୋଇ) ଗଜା ହେବା ଆଶଙ୍କା ରହିଛି। ଏହାଦ୍ୱାରା ବହୁଳଭାବେ ଚାଷୀ କ୍ଷତିଗ୍ରସ୍ତ ହେବ। ପୁଣି କେତେକ ଚାଷୀ ଛୋଟଧାନ ଅମଳ ଆରମ୍ଭ କରିଥିଲେ। ବର୍ଷା ଯୋଗୁଁ ତାହା ବନ୍ଦ କରିବାକୁ ପଡ଼ିଥିଲା। ଅମଳ କରି ଜମିରେ ରହିଥିବା ଧାନ ପେଟା ଭିଜି ଯାଇଥିବା (ଓଦା ହେବା) ଦେଖାଯାଇଛି। ଅନ୍ୟପକ୍ଷରେ, ବଡ଼ ଧାନ ବା ଲମ୍ବା ସମୟରେ ଅମଳଯୋଗ୍ୟ ଧାନ ଗୁଛ ଗୁଡ଼ିକରେ ଏବେ ଫୁଲ ଧରୁଛି। ଫୁଲରେ ପରାଗସଂଗମ ହୋଇ ଧାନ କ୍ଷୀର ଧରିବ। ଏପରିସ୍ଥଳେ ପବନର ବେଗ ସେଭଳି ଅତ୍ୟଧିକ ନ ଥିବାରୁ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି। ଆଗକୁ ଆସନ୍ତାମାସ ପ୍ରଥମ ସପ୍ତାହରେ ଆଉ ଏକ ଲଘୁଚାପ ଆସୁଥିବା ସୂଚନା ମିଳୁଥିବାରୁ ଚାଷୀ ମହଲରେ ଆତଙ୍କ ପ୍ରକାଶ ପାଇଛି।

ରକ୍ତଶିକୁଳି ରୋଗୀଙ୍କୁ ‘ସାଥୀ’ର ସହାୟତା

ସମ୍ବଲପୁର, ୨୯।୧୦ (ସମିସ) : ଗୁରୁତର ରକ୍ତ ଶିକୁଳି ରୋଗୀଙ୍କୁ ଉନ୍ନତର ଚିକିତ୍ସା ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି ‘ସାଥୀ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାହୁ କଲୋନୀର ବିନୟ ମହାକୁର (୨୫) ଦୀର୍ଘଦିନ ଧରି ରକ୍ତ ଶିକୁଳି (ସିକିଲିଂ) ରୋଗରେ ପୀଡ଼ିତ ରହିଛନ୍ତି। ଗତ ପାଞ୍ଚମାସ ତଳେ ହଠାତ୍ ତାଙ୍କର ବାମ ଅଣ୍ଟା ନିକଟରୁ ହାଡ଼ ମିଳେଇଯିବା କଥା ଜଣାପଡ଼ିଥିଲା। ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଇଥିଲା ହେଲେ ଏଠାରେ ରୋଗ ଠିକ୍ ନହେବାରୁ କିଛିଦିନ ତଳେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଅସ୍ତ୍ରୋପଚାର ହେବା ପାଇଁ ଡାକ୍ତର କହିଥିଲେ। ପାଖରେ ଯଥେଷ୍ଟ ଅର୍ଥ ନଥିବାରୁ ପରିବାରବର୍ଗ ତୁରନ୍ତ ଅସ୍ତ୍ରୋପଚାର କରିପାରିନଥିଲେ। ଏଭଳି ଏକ ସମୟରେ ପରିବାରବର୍ଗ ପହଞ୍ଚିଥିଲେ ସାଥୀ କାର୍ଯ୍ୟାଳୟରେ। କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହାଙ୍କୁ ଭେଟି ସମସ୍ତ ଘଟଣା କହିବା ସହ ଯିବାଆସିବା, ରହିବାଖାଇବା ପାଇଁ କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଭୁବନେଶ୍ୱର ଯିବା ପାଇଁ ତୁରନ୍ତ ସମସ୍ତ ପ୍ରସ୍ତୁତି କରିବା ପାଇଁ ଶ୍ରୀ ସାହା ବିନୟଙ୍କ ପରିବାରକୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କୌଣସି ଅସୁବିଧା ସମୟରେ ଯେତିକି ହୋଇପାରିବ, ଆମେ ସେତିକି ସାହାଯ୍ୟ ସହଯୋଗ କରୁଛୁ ଓ ଆଶା କରିବୁ ବିନୟ ସୁସ୍ଥ ହୋଇ ନିଜ ପରିବାରକୁ ଫେରିଆସୁ ବୋଲି କହିଛନ୍ତି ଶ୍ରୀ ସାହା।

ହୀରାକୁଦ ଜଳସ୍ତର ୬୨୭.୩୭ ଫୁଟ୍

ସମ୍ବଲପୁର, ୨୯।୧୦ (ସମିସ) : ବାତ୍ୟା ‘ଅର୍ଣ୍ଣବ’ ପ୍ରଭାବରେ ଉପରମୁଣ୍ଡରେ ବର୍ଷା ଯୋଗୁଁ ପ୍ରବେଶଜଳ ପରିମାଣ ବୃଦ୍ଧି ଏବଂ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ରୁଲ୍ କର୍ଭ ଅନୁଯାୟୀ, ଜଳସ୍ତର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ବଜାୟ ରଖିବାକୁ ଉଦ୍ୟମ କରୁଛନ୍ତି। ହୀରାକୁଦ ଜଳଭଣ୍ଡାରର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୩୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୨, ୩୬୧ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ, ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୨୮, ୬୯୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୭ କ୍ୟୁସେକ୍, କେନାଲ ପାଇଁ ୩, ୪୪୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ହୀରାକୁଦ ଉପରମୁଣ୍ଡରେ ୩୩.୭୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫୫.୬୬ ମିମି ବର୍ଷା ରେକର୍ଡ କରାଯାଇଛି।

ସାଇକେଲ ଚୋରି କରି ୨ ବର୍ଷ ଜେଲ

ସମ୍ବଲପୁର, ୨୯।୧୦ (ସମିସ) : ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ବିଚାରପତି ଶୁଭଙ୍କର ମହାପାତ୍ର ଏକ ସାଇକେଲ ଚୋରି ମାମଲାର ବିଚାରକରି, ଅଭିଯୁକ୍ତ ତ୍ରିଲୋଚନ ବେସନଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଆଉ ୨ ମାସ ଅଧିକ କାରାଦଣ୍ଡ ଭୋଗିବ ବୋଲି ଉଲ୍ଲେଖ କରାଯାଇଛି।

ବିବରଣୀରୁ ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ଗୁଜୁରାତି କଲୋନୀ ନିବାସୀ ଜିତେନ୍ଦ୍ର ସାମନ୍ତରାୟଙ୍କ ଘରୁ ଜୁନ ୨୨ ତାରିଖରେ ଘରେ ପଶି ଧମା ଥାନା ଅନ୍ତର୍ଗତ ରଢ଼ି ଆପାଲି ନିବାସୀ ତ୍ରିଲୋଚନ ବେସନ ସାଇକେଲ ଚୋରି କରିଥିଲା, ଯାହାକି ଘରୁ ଚୋରି ହୋଇଥିବା ସିସିଟିଭି ଫୁଟେଜ୍‌ରୁ ଚୋରି ଘଟଣାଟି ଜଣାପଡ଼ିଥିଲା। ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ କେସ ନଂ. ୨୫୨/୨୦୨୬ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବାସହ ଘଟଣାର ତଦନ୍ତ କରିଥିଲା। ଆଜି ଏସ୍‌ଡିଜେଏମ୍ କୋର୍ଟରେ ବିଚାରପତି ଶୁଭଙ୍କର ମହାପାତ୍ର ଏହି ମାମଲାର ଶୁଣାଣିକରି ୧୦ ଜଣଙ୍କ ସାକ୍ଷ୍ୟ ଓ ତଥ୍ୟ ପ୍ରମାଣ ଆଧାରରେ ତ୍ରିଲୋଚନ ବେସନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ତ୍ରିଲୋଚନ ବେସନଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ୧ ହଜାର ଟଙ୍କା କରାଯାଇଛି, ଜରିମାନା ଅନାଦେୟ ହେଲେ ଆଉ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଅରବିନ୍ଦ ନାୟକ, ଅଭୟ ନାୟକ ଓ ଶିବ ଦିୱାନ ମକଦ୍ଦମା ପରିଚାଳନା କରିଥିଲେ।

ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ପଥପ୍ରାନ୍ତ ନାଟକ

ସମ୍ବଲପୁର, ୨୯।୧୦ (ସମିସ) : ‘ସତର୍କତା ସଚେତନତା ସପ୍ତାହ-୨୦୨୬’ ପାଳନ ଅବସରରେ, ସମ୍ବଲପୁରସ୍ଥିତ ଡିଆରଏମ୍ କାର୍ଯ୍ୟାଳୟ ପରିସରରେ ଥିବା ‘ପ୍ରଗତି ଧାରା’ଠାରେ ‘ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ’ ଦ୍ୱାରା ଏକ ପଥପ୍ରାନ୍ତ ନାଟକ (ନୁକ୍କଡ଼ ନାଟକ) ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସାର୍ବଜନୀନ ସେବାରେ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ନୈତିକ ଆଚରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ଆକର୍ଷଣୀୟ ନାଟ୍ୟ ଉପସ୍ଥାପନା ମାଧ୍ୟମରେ, କଳାକାରମାନେ ବୃତ୍ତିଗତ ତଥା ସାର୍ବଜନୀନ ଜୀବନରେ ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବାର ମହତ୍ତ୍ୱକୁ ଉପସ୍ଥାପନ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ମନଜିତ ସିଂହ ସନସନୱାଲ, ମଣ୍ଡଳର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହ ଉପସ୍ଥିତ ଥିଲେ। ସେମାନେ ଏକ ପ୍ରଭାବଶାଳୀ ଏବଂ ଆକର୍ଷଣୀୟ ମାଧ୍ୟମ ଜରିଆରେ ସଚେତନତା ପ୍ରସାର କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପର ପ୍ରଶଂସା କରିଥିଲେ। ରେଳ କର୍ମଚାରୀଙ୍କ ମଧ୍ୟରେ ସଚ୍ଚୋଟତା, ନୈତିକତା ଏବଂ ଉତ୍ତରଦାୟିତ୍ୱ ଭଳି ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ମଣ୍ଡଳ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରୟାସର ଏହା ଏକ ଅଂଶ ଥିଲା।

ପ୍ରଭାସ ବାନାର୍ଜୀଙ୍କ ପରଲୋକ

ସମ୍ବଲପୁର, ୨୯।୧୦ (ସମିସ): ଖଣି ବିଭାଗର ପୂର୍ବତନ ସେକ୍ସନ ଅଫିସର ପ୍ରଭାସ ଚନ୍ଦ୍ର ବାନାର୍ଜୀ (୮୧) ଙ୍କ ଆଜି ଅଇଁଠାପାଲି ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ପୁରାତନ ନାଟ୍ୟ ମହଲରେ ପ୍ରଭାସ ଜଣେ ଅଭିନେତା,

ସଂଗଠକ ତଥା ସକ୍ରିୟ ନାଟ୍ୟକର୍ମୀ ଭାବେ ପରିଚିତ ଥିଲେ। ସେ ରାମକୃଷ୍ଣ ସେବା ସଂଘ ଓ ବିବେକାନନ୍ଦ କେନ୍ଦ୍ରର ଆଜୀବନ ସଦସ୍ୟ, ସମ୍ବଲପୁର ନାଟ୍ୟକଳା ପରିଷଦର ଉପଦେଷ୍ଟା, ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ସଦସ୍ୟ, ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଦସ୍ୟ ଭଳି ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଶେଷ ଶଯ୍ୟାରେ ତାଙ୍କ ପତ୍ନୀ ଝରଣା, ପୁଅ ମାନସ, ବୋହୂ ସ୍ୱପ୍ନା, ଝିଅ ସୋନାଲି, ନାତି ପାରସ, ନାତୁଣୀ ବାରବୀ ତଥା ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ମାନସ ରଞ୍ଜନ ଓ ଝିଅ ସୋନାଲି ଯୌଥ ଭାବେ ମୁଖାଗ୍ନି ଦେଇଥିଲେ। ପ୍ରଭାସଙ୍କ ବିୟୋଗରେ ସବୁ ମହଲରେ ଶୋକର ଛାୟା ଖେଳିଯାଇଛି।

୧୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର, ୨୯।୧୦ (ସମିସ) : ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଧମା ଅବକାରୀ ଥାନାର ଅଧିକାରୀ (ଓଆଇସି) ଏବଂ ତାଙ୍କ ଦଳ, ଧମା ଥାନା ଅଧୀନସ୍ଥ ସାହାସପୁର ଛକଠାରେ

ବୁଧବାର ଚଢ଼ଉକରି ୧୫ କିଲୋ ଗଞ୍ଜେଇ ଜବତ କରିଛନ୍ତି। ଏହି ନିଶା ଦ୍ରବ୍ୟ ସମ୍ବନ୍ଧୀୟ (ଏନ୍‌ଡିପିଏସ୍) ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ - ବିହାର ଔରଙ୍ଗାବାଦ ଜିଲ୍ଲା କୁଟୁମ୍ବା ଥାନା ମହାରାଜଗଞ୍ଜର ଅନୁଜ କୁମାର (୨୩) ଏବଂ ରବି କୁମାର ଗୋସ୍ୱାମୀ (୨୬)। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଉପ-ଅବକାରୀ ଅଧୀକ୍ଷକ (ଏନଫୋର୍ସମେଣ୍ଟ), ସମ୍ବଲପୁର ସୂଚନା ଦେଇଛନ୍ତି।

୧୫ରୁ ହୀରାକୁଦ ଇକୋ ରିଟ୍ରିଟ୍, ୫୦କୁ ବୃଦ୍ଧିପାଇବ କଟେଜ୍ ସଂଖ୍ୟା

ସମ୍ବଲପୁର, ୨୯।୧୦ (ସମିସ) : ନଭେମ୍ବର ୧୫ ତାରିଖରୁ ଆରମ୍ଭ ହେବ ହୀରାକୁଦ ‘ଇକୋ ରିଟ୍ରିଟ୍’ (ପରିବେଶ ଅନୁକୂଳ ଏକାନ୍ତବାସ)ର ଷଷ୍ଠ ସଂସ୍କରଣ। ରାଜ୍ୟ, ଦେଶ ତଥା ବିଦେଶରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ପର୍ଯ୍ୟଟନର ବିକାଶ ସହ ଆଞ୍ଚଳିକ ଅର୍ଥନୀତିକୁ ସୁଦୃଢ଼ କରିବାପାଇଁ ୨୦୧୯ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ‘ଇକୋ ରିଟ୍ରିଟ୍’ କେବଳ କୋଣାର୍କଠାରେ ଆରମ୍ଭ ହୋଇଥିବାବେଳେ ଏହାର ଦ୍ୱିତୀୟ ସଂସ୍କରଣ ସମୟରେ ହୀରାକୁଦକୁ ସାମିଲ କରାଯାଇଥିଲା। ହୀରାକୁଦ ଲେଫ୍ଟ ଡାଇକ୍ ପାଖ ବଲବସପୁର ଅଞ୍ଚଳରେ ଏହା ଆୟୋଜିତ ହେବ ଏବଂ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ହୀରାକୁଦ ଇକୋରିଟ୍ରିଟ୍ ସ୍ଥାନର ଦୂରତା ଅଇଁଠାପାଲିରୁ ୧୨ କିଲୋମିଟର, ବିଜୁ ଏକ୍ସପ୍ରେସ୍‌ୱେ ଟୋଲଗେଟ୍ ଛକରୁ ୬ କିଲୋମିଟର ଏବଂ ଜମାଦାରପାଲି ଏୟାରଷ୍ଟ୍ରିପ୍‌ଠାରୁ ମାତ୍ର ୧ କିଲୋମିଟର ଦୂରରେ ରହିଛି। ହୀରାକୁଦ ସହ ରାଜ୍ୟର ଅନ୍ୟ ୬ଟି ସ୍ଥାନ କୋଣାର୍କ, ସାତକୋଶିଆ, ଦାରିଙ୍ଗବାଡ଼ି, ଭିତରକନିକା, ପତିସୋନପୁର, ପୁଟସିଲଠାରେ ଇକୋରିଟ୍ରିଟ୍ ଆୟୋଜନ କରାଯାଉଛି। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ନଭେମ୍ବର ୧୫ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ୯୦ ଦିନ ପାଇଁ ଆୟୋଜିତ ହେଉଛି। ଚଳିତବର୍ଷ ଏହାକୁ ଗୋଟିଏ ମାସ ପରିବର୍ଦ୍ଧିତ ହେବାର ସମ୍ଭାବନା ରହିଛି। ପର୍ଯ୍ୟଟକଙ୍କ ପାଇଁ ବିଳାସପୂର୍ଣ୍ଣ କଟେଜ୍‌ରେ ଷ୍ଟାର୍ ହୋଟେଲ ସୁବିଧା ଉପଲବ୍ଧ ହେବ। କଟେଜ୍ ସଂଖ୍ୟା ୨୫ରୁ ୫୦କୁ ବୃଦ୍ଧି କରାଯାଇଛି। ଗତବର୍ଷ କେବଳ ପ୍ରିମିୟମ କଟେଜ୍ ଥିବାବେଳେ, ଏଥର ପ୍ରିମିୟମ ଓ ଡିଲକ୍ସ କଟେଜ୍ ରହିବ। ଡିଲକ୍ସ କଟେଜ୍‌ର ଦର ପ୍ରିମିୟମ୍‌ଠାରୁ କମ୍ ରହିବ। ତେବେ, ଏହାର ଦର ନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଏପର୍ଯ୍ୟନ୍ତ ଆସିନାହିଁ। ପର୍ଯ୍ୟଟକମାନେ ପର୍ଯ୍ୟଟନ ବିଭାଗ ୱେବ୍‌ସାଇଟ୍ ଇକୋରିଟ୍ରିଟ୍‌କୁ ଯାଇ ରାଜ୍ୟର ଯେକୌଣସି ଇକୋରିଟ୍ରିଟ୍‌ଠାରେ କଟେଜ୍ ଅନ୍‌ଲାଇନ୍ ବୁକ୍ କରିପାରିବେ ବୋଲି ଥିବା ସହକାରୀ ନିର୍ଦ୍ଦେଶକ (ପର୍ଯ୍ୟଟନ) ରବୀନ୍ଦ୍ର କୁମାର ଦଳେଇ ସୂଚନା ଦେଇଛନ୍ତି। କଟେଜ୍ ସହିତ ରେଷ୍ଟୁରାଣ୍ଟ ଓ ବାର୍, ନାଚଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା, ଜଳକ୍ରୀଡ଼ା, ଦୁଃସାହସିକ କ୍ରୀଡ଼ା ସହିତ ସାଇକେଲିଂ, ରାଇଫଲ୍ ସୁଟିଂ, ତୀରନ୍ଦାଜ, ବ୍ୟାଡମିଣ୍ଟନ କୋର୍ଟ, ଭଲିବଲ ତଥା ଯୋଗାଭ୍ୟାସର ବ୍ୟବସ୍ଥା କରାଯାଇଛି। ଏହାସହ ପର୍ଯ୍ୟଟକମାନେ ହୀରାକୁଦ ରୋପ୍‌ୱେ, ଡେବ୍ରିଗଡ଼ ଅଭୟାରଣ୍ୟ, ସମଲେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର, ହୁମା ବକ୍ର ମନ୍ଦିର ତଥା ଆଖପାଖ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପେକେଜ୍‌ଡ ଟୁର୍ ବ୍ୟବସ୍ଥା ରହିଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ପର୍ଯ୍ୟଟନ ବିଭାଗ ପକ୍ଷରୁ ହୀରାକୁଦ ଇକୋ-ରିଟ୍ରିଟ୍‌କୁ ଆସନ୍ତା ୫ ବର୍ଷ ପାଇଁ କଣ୍ଟିନ୍ୟୁଏସନ୍ ଦିଆଯାଇଛି। ଆଗାମୀ ନଭେମ୍ବର ୧୫ ତାରିଖରୁ ପୁଣିଥରେ ଇକୋ-ରିଟ୍ରିଟ୍ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଇକୋ-ରିଟ୍ରିଟ୍‌ରେ କଟେଜ୍ ସଂଖ୍ୟା ୨୫ଟି ଥିବାବେଳେ ଚଳିତବର୍ଷ ଏହାକୁ ୫୦କୁ ବୃଦ୍ଧି କରାଯାଇଛି। ତିନିମାସ ପାଇଁ ଇକୋ-ରିଟ୍ରିଟ୍ ଆୟୋଜିତ ହେବ। ଏହାସହିତ ସ୍ଥାୟୀ ନିର୍ମାଣ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ମାଧ୍ୟମରେ ଜମି ଯୋଗାଇ ଦିଆଯିବ ଏବଂ ସରକାରଙ୍କ ପର୍ଯ୍ୟଟନ ନୀତି ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ଜାତୀୟ ଲନ୍‌ବଲ୍ ପ୍ରତିଯୋଗିତା

ସମ୍ବଲପୁର ପ୍ରତିଯୋଗୀଙ୍କ ସଫଳତା, ଶୁଭ୍ରାଂଶୁ ଡାଙ୍ଗଙ୍କୁ କାଂସ୍ୟ ପଦକ

ସମ୍ବଲପୁର, ୨୯।୧୦ (ସମିସ) : ବଲାଙ୍ଗୀରରେ ଆର.ଏନ୍. ସିଂହଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବୋଲିଙ୍ଗ ଗ୍ରୀନ କୋର୍ଟରେ ଚାଲିଥିବା ପ୍ରଥମ ଜାତୀୟ ୧୮ ବର୍ଷରୁ କମ୍ ଏବଂ ଜାତୀୟ ୨୫ ବର୍ଷରୁ କମ୍ ଲନ୍‌ବଲ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ଉଲେଖନୀୟ ପ୍ରଦର୍ଶନ ଜାରି ରହିଛି। ୨୫ ବର୍ଷରୁ କମ୍ ବାଳକ ଓ ବାଳିକାରେ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ଶୁଭ୍ରାଂଶୁ ଡାଙ୍ଗ ଏବଂ ସୀମା ମୁଣ୍ଡା ସେମିଫାଇନାଲରେ ପ୍ରବେଶ କରି ବିଜେତା ହେବା ଦିଗରେ ଆଉ ଏକ ପାଦ ବଢ଼ାଇଛନ୍ତି। ୨୫ ବର୍ଷରୁ କମ୍ ବର୍ଗ ବାଳକ ଏକକ କ୍ୱାଟର୍ ଫାଇନାଲରେ ଶୁଭ୍ରାଂଶୁ ଡାଙ୍ଗ ଦିଲ୍ଲୀ ପ୍ରତିପକ୍ଷ୍ୟଙ୍କୁ ୨୧-୧୧ରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିଲେ। ବାଳକ ବର୍ଗର ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମ ବିରୋଧରେ ବିଜୟୀ ହୋଇ, ଶେଷରେ ସେ ମଧ୍ୟପ୍ରଦେଶ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି କ୍ୱାଟର ଫାଇନାଲ ଟିକଟ ହାସଲ କରିଥିଲେ। ସେହିପରି ୨୫ ବର୍ଷରୁ କମ୍ ବାଳିକା ବର୍ଗରେ ସୀମା ମୁଣ୍ଡା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଓ ଆସାମ ବିରୋଧରେ ବିଜୟୀ ହୋଇ ଆଗକୁ ବଢ଼ିଥିଲେ। ସେହିପରି ୧୮ ବର୍ଷରୁ କମ୍ ବାଳକ ଏବଂ ବାଳିକା ଡବଲସ୍‌ରେ ସନ୍ଦୀପ ସାହାଣୀ ଏବଂ ରଶ୍ମି ତନସେନା ମଧ୍ୟ ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ବିହାର, ହରିୟାଣା ବିରୋଧରେ ବିଜୟୀ ହୋଇ ଆଗକୁ ବଢ଼ିଥିଲେ। ପ୍ରତିଯୋଗିତାର ଶେଷଦିନରେ ସେମିଫାଇନାଲରେ ଉତ୍ତରାଖଣ୍ଡ

ଖେଳାଳି ସହିତ ଖେଳି ଶୁଭ୍ରାଂଶୁ ଡାଙ୍ଗ କାଂସ୍ୟ ପଦକ ଜିଣିଥିଲେ। ଶୁଭ୍ରାଂଶୁ ଡାଙ୍ଗ ଏବଂ ସୀମା ମୁଣ୍ଡା ଆଗାମୀଦିନରେ ହେବାକୁ ଥିବା ହରିୟାଣାରେ ନେସେନାଲ ଗେମ୍‌ରେ ମନୋନୀତ ହୋଇଛନ୍ତି। ଏହି ସଫଳତା କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି ଏବଂ ସମ୍ବଲପୁର ପାଇଁ ଗୌରବ ଆଣିଛି ବୋଲି ସମ୍ପାଦିକା ରଶ୍ମିତା ପୁରୋହିତ କହିଛନ୍ତି।

ଜାତୀୟ ଜୁନିୟର ବାଳକ କବାଡ଼ି କୋଚିଂ କ୍ୟାମ୍ପ ଉଦ୍‌ଯାପନୀ ସମାରୋହ

ସମ୍ବଲପୁର, ୨୯।୧୦ (ସମିସ) : ସମ୍ବଲପୁରରେ ୫୨ତମ ଜାତୀୟ ଜୁନିୟର ବାଳକ କବାଡ଼ି ଚାମ୍ପିୟନସିପ୍‌କୁ ନେଇ ଉତ୍ସାହ ପ୍ରକାଶ ପାଇଛି। ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶାର ୧୪ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିବାବେଳେ, ସମ୍ବଲପୁରରେ ଆୟୋଜିତ କୋଚିଂ କ୍ୟାମ୍ପର ଆଜି ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର କବାଡ଼ି କ୍ଲବ୍ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ମିଳିତ ଆୟୋଜନରେ ଅକ୍ଟୋବର ୨୨ ରୁ ୨୯ ତାରିଖ ପର୍ଯ୍ୟନ୍ତ ଗଙ୍ଗାଧର ମଣ୍ଡପଠାରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଯୁବ ଖେଳାଳିମାନଙ୍କୁ କବାଡ଼ି ଖେଳର ବିଭିନ୍ନ କୌଶଳ, ଶୃଙ୍ଖଳା ଏବଂ ଦଳଗତ ଖେଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟପଟେ, ୫୨ତମ ଜାତୀୟ ଜୁନିୟର ବାଳକ କବାଡ଼ି ଚାମ୍ପିୟନସିପ୍ ପାଇଁ ଓଡ଼ିଶାର ୧୪ ଜଣ ଖେଳାଳି ଚୟନ ହୋଇଛନ୍ତି। ଚୟନିତ ଖେଳାଳିମାନେ ନଭେମ୍ବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ବିହାରର ପାଟଳିପୁତ୍ର ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବେ। ଓଡ଼ିଶା ଦଳରେ ସଞ୍ଜୟ ମାଝୀ, ମୁକେଶ କଟମ, ଶୁଭମ ଭୋଇ, ପ୍ରସନ୍ନ ବେହେରା, ଚିକୁ ସେଠୀ, ମାସୁମ ସତନାମୀ, ସମୀର

ପୁଟା, ମନୋରଞ୍ଜନ ପରିଡ଼ା, ରାଜା କିଶାନ, ମହାବୀର ବିଶ୍ୱାଳ, ଦୀପକ ମାଝୀ, ଅଂଶୁମାନ ତ୍ରିପାଠୀ, ଅଂଶୁମାନ ସେନାପତି ଏବଂ ମିତ ଚାନ୍ଦ ସ୍ଥାନ ପାଇଛନ୍ତି। ସମୀର ପୁଟା ଦଳର ଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ। ପ୍ରଦୀପ କୁମାର ସାହୁ ମୁଖ୍ୟ କୋଚ୍ ଏବଂ ରାଜକିଶୋର ସାମଲ ସହକାରୀ କୋଚ୍ ନିଯୁକ୍ତ ହୋଇଛନ୍ତି। ଉଦ୍‌ଯାପନୀ ସମାରୋହରେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଦେବ ଭୋଇ, ଜିଲ୍ଲା ଆଥଲେଟିକ ଆସୋସିଏସନ ଉପସଭାପତି ଦୁଲାଲ ପ୍ରଧାନ, ସମ୍ପାଦକ ସୁନୀଲ ସାହୁ, ଆମେଚ୍ୟୁର କବାଡ଼ି ଫେଡେରେସନ ଅଫ୍ ଇଣ୍ଡିଆ ଯୁଗ୍ମ ସମ୍ପାଦକ ଜୟଶ୍ରୀ ସ୍ୱାଇଁ, ଓଡ଼ିଶା କବାଡ଼ି ଆସୋସିଏସନ ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ସମ୍ବଲପୁର କବାଡ଼ି କ୍ଲବ ସଭାପତି ସିଦ୍ଧାର୍ଥ ସାହା ଓ ସମ୍ପାଦକ ଉମାପତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ବାତ୍ୟା ‘ଅର୍ଣ୍ଣବ’ର ପ୍ରଭାବ ମଧ୍ୟରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ

୭.୬୨ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କ ବିଦ୍ୟୁତ ଯୋଗାଣ ପୁନରୁଦ୍ଧାର

ସମ୍ବଲପୁର, ୨୯।୧୦ (ସମିସ)

ଅକ୍ଟୋବର ୨୯ ଅପରାହ୍ଣ ସୁଦ୍ଧା ପ୍ରାୟ ୯୧% ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ

ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ୪୧୦ ଜଣ କର୍ମଚାରୀ ନିୟୋଜିତ

ବାତ୍ୟା ‘ଅର୍ଣ୍ଣବ’ ଯୋଗୁଁ ବଲାଙ୍ଗିର, ସୋନପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିବା ୮, ୩୮, ୪୦୫ ଜଣ ଉପଭୋକ୍ତାଙ୍କ ମଧ୍ୟରୁ ୭, ୬୨, ୦୪୯ ଜଣଙ୍କ ଘରକୁ ବିଦ୍ୟୁତ୍ ଯୋଗାଣକୁ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ପୁନରୁଦ୍ଧାର କରାଯାଇଛି। କମ୍ପାନୀ ପକ୍ଷରୁ ଅକ୍ଟୋବର ୨୯ ଅପରାହ୍ଣ ସୁଦ୍ଧା ପ୍ରାୟ ୯୧% ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବାବେଳେ, ସମସ୍ତ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ୪୧୦ ଜଣ କର୍ମଚାରୀ ନିରନ୍ତର କାର୍ଯ୍ୟ କରୁଛନ୍ତି।

ଅକ୍ଟୋବର ୨୮ ତାରିଖରୁ ବାତ୍ୟା ଓ ପ୍ରତିକୂଳ ପାଣିପାଗ ଯୋଗୁଁ ଏହି ଚାରିଟି ଜିଲ୍ଲାର ବିଦ୍ୟୁତ୍ ବିତରଣ ନେଟୱର୍କର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ଏହାର ମୁକାବିଲା ପାଇଁ ଟିପିଡବ୍ଲୁଓଡିଏଲ୍ ତୁରନ୍ତ କ୍ଷେତ୍ରୀୟ ଦଳଗୁଡ଼ିକୁ ନିୟୋଜିତ କରିବା ସହ କ୍ଷୟକ୍ଷତିର ଆକଳନ ଏବଂ ମରାମତି କାର୍ଯ୍ୟ ଆରମ୍ଭ କରିଥିଲା। ଯଥାଶୀଘ୍ର ଓ ସୁରକ୍ଷିତ ଭାବେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ଉପରେ କମ୍ପାନୀ ଗୁରୁତ୍ୱ ଦେଇଥିଲା। ଅକ୍ଟୋବର ୨୮ ମଧ୍ୟରାତ୍ରିରୁ ଅକ୍ଟୋବର ୨୯ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ପ୍ରଭାବିତ ୧୧୮ଟି ୩୩ କେଭି ଫିଡର୍ ମଧ୍ୟରୁ ୧୧୦ଟିରେ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର ହୋଇସାରିଛି। ସେହିପରି, ପ୍ରଭାବିତ ୯୯୫ଟି ୧୧ କେଭି ଫିଡର୍ ମଧ୍ୟରୁ ୮୭୯ଟିକୁ କାର୍ଯ୍ୟକ୍ଷମ କରାଯାଇଛି। ପ୍ରଭାବିତ ୧୯ଟି ୩୩/୧୧ କେଭି ସବ୍‌ଷ୍ଟେସନ୍ ମଧ୍ୟରୁ ୧୪ଟିରେ ମଧ୍ୟ ବିଦ୍ୟୁତ୍ ସେବା ପୁନରୁଦ୍ଧାର ହୋଇଛି। ବାତ୍ୟା ଯୋଗୁଁ ୨୭, ୮୩୦ଟି ବିତରଣ ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଥିବାବେଳେ, ସେଥିମଧ୍ୟରୁ ୨୭, ୧୮୫ଟିକୁ ପୁନର୍ବାର କାର୍ଯ୍ୟକ୍ଷମ କରାଯାଇଛି। ଏହାବ୍ୟତୀତ ୧୧ଟି ବିଦ୍ୟୁତ୍‌ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଥିବା, ୩୪ଟି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିବା ଏବଂ ପ୍ରାୟ ୪୩୦ ମିଟର ଲୋ-ଟେନ୍‌ସନ୍ (ଏଲ୍‌ଟି) କେବୁଲ୍ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ମିଳିଛି। ଏହିସବୁ ସ୍ଥାନରେ ମରାମତି କାର୍ଯ୍ୟ ଜାରି ରହିଛି। ଟିପିଡବ୍ଲୁଓଡିଏଲ୍‌ର କଣ୍ଟ୍ରୋଲ୍ ରୁମ୍‌ଗୁଡ଼ିକ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ କ୍ଷେତ୍ରସ୍ତରୀୟ କର୍ମଚାରୀ, ସ୍ଥାନୀୟ ପ୍ରଶାସନ ଓ ଜରୁରୀକାଳୀନ ସେବା ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରୁଛନ୍ତି। ସୁରକ୍ଷା ଉପକରଣ ଓ ଆବଶ୍ୟକ ମରାମତି ସାମଗ୍ରୀ ସହ କର୍ମଚାରୀମାନେ ଅବଶିଷ୍ଟ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ କାର୍ଯ୍ୟରତ ଅଛନ୍ତି।

ସକାଳ THE SAKALA

୧୨ ବୁଲେଟ୍ ଜବତ; ୭ ହଜାର ଜରିମାନା ଆଦାୟ

ଧର୍ମଗଡ଼, ୨୯ ।୧୦(ସମିସ): ଧର୍ମଗଡ଼ ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ଶବ୍ଦ ପ୍ରଦୂଷଣ କରୁଥିବା ବାଇକ୍ ଚାଳକଙ୍କ ବିରୋଧରେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସହରରେ ଶାନ୍ତି ବଜାୟ ରଖିବା ଏବଂ ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ବେଆଇନ ମଡିଫାଇଡ୍ ସାଇଲେନ୍ସର ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏହି ସ୍ପେଶାଲ ଡ୍ରାଇଭ୍ କରିଥିଲା । ଯାଞ୍ଚ ସମୟରେ ପୁଲିସ ୧୨ଟି ମୋଟରସାଇକେଲ୍ ଜବତ କରି ଥାନାକୁ ଆଣିଥିଲା । ଜବତ ହୋଇଥିବା ମୋଟରସାଇକେଲ ମଧ୍ୟରୁ ୭ଟି ଗାଡ଼ିକୁ ମୁକ୍ତ କରାଯାଇଛି । ତେବେ ଗାଡ଼ି ଛାଡ଼ିବା ପୂର୍ବରୁ ପୁଲିସ ଗାଡ଼ି ମାଲିକମାନଙ୍କ ଠାରୁ ସର୍ବମୋଟ ୭, ୦୦୦ ଟଙ୍କା ଜରିମାନା ଆଦାୟ କରିବା ସହ ଥାନା ପରିସରରେ ହିଁ ବେଆଇନ ସାଇଲେନ୍ସର ବଦଳାଇ ନୂଆ ତଥା କମ୍ପାନୀ ନିୟମିତ ସାଇଲେନ୍ସର ଲଗାଇବା ପାଇଁ ବାଧ କରିଥିଲା । ବାକି ୫ଟି ଗାଡ଼ି ଏବେ ମଧ୍ୟ ପୁଲିସ ହେପାଜତରେ ରହିଛି ।

ଅବକାରୀ ବିଭାଗର ଚଢ଼ଉ; ଦୁଇ ଗିରଫ

କୋକସରା, ୨୯ ।୧୦ (ସମିସ): କୋକସରା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବଡ଼ପୋଡ଼ାଗୁଡ଼ା ଓ କନ୍ଦାଗଡ଼ ଗ୍ରାମରେ ଚଢ଼ଉ କରାଯାଇ ବେଆଇନ୍ ମଦ କାରବାରରେ ସମ୍ପୃକ୍ତ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଅବକାରୀ ବିଭାଗର ଚଢ଼ଉ ସମୟରେ ଉଭୟଙ୍କ ନିକଟରୁ ମୋଟ ୨୩ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଛି । ସେଥିମଧ୍ୟରୁ ବଡ଼ପୋଡ଼ାଗୁଡ଼ା ଗ୍ରାମର ଡମ୍ବରୁଧର ପୁଝାରୀଙ୍କଠାରୁ ୮ ଲିଟର ଏବଂ କନ୍ଦାଗଡ଼ ଗ୍ରାମର ଲକ୍ଷ୍ମୀକାନ୍ତ ମାଝୀଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପ୍ରାଥମିକ ପଚରାଉଚରା ଶେଷ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି । ଏହି ଚଢ଼ଉଟି ଅବକାରୀ ଇନ୍ସପେକ୍ଟର ଅରୁଣ କୁମାର ଯୋଶୀଙ୍କ ନେତୃତ୍ୱରେ କରାଯାଇଥିଲା । ଏଥିରେ କୋକସରା ଅବକାରୀ ଓଆଇସି ଗୁପ୍ତେଶ୍ୱର ପୁଟେଲ, କନେଷ୍ଟବଲ ଖୁସିଦେବ କଟା, ମହାଦେବ ମାଝୀ ଏବଂ ଅନ୍ୟ ବିଭାଗୀୟ କର୍ମଚାରୀମାନେ ହୋଇଥିଲେ ।

କୋକସରାରେ ଭିଜିଲାନ୍ସ ସଚେତନତା ସପ୍ତାହ

କୋକସରା, ୨୯ ।୧୦(ସମିସ : କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଗୁରୁବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଛି । ଏଥିରେ କଳାହାଣ୍ଡି ଭିଜିଲାନ୍ସ ଇନ୍ସପେକ୍ଟର ଆଲୋକ କୁମାର ମହାପାତ୍ର, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀ, ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏହମ୍ମଦ ସରିଫ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ । ଏହି କ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତିର ମୂଳପୋଛ ପାଇଁ ଶପଥ ପାଠ କରାଯାଇଥିଲା । ବୈଠକକୁ ଜିପିଡିଓ ମିଲୁ ପ୍ରଧାନୀ ପରିଚାଳନା କରିଥିଲେ । ଶପଥ ପାଠ କାର୍ଯ୍ୟକ୍ରମରେ ବ୍ଲକର ସହକାରୀ ଯନ୍ତ୍ରୀ କିର୍ତ୍ତୀ ରଞ୍ଜନ ବେହେରା, ଅଜୟ କୁମାର ସେନାପତି, ଯନ୍ତ୍ରୀ ସାନ୍ତୁନୁ ରଣା, ଯନ୍ତ୍ରୀ ସୁକାନ୍ତ ବେହେରା, ଯନ୍ତ୍ରୀ ସୌରବ ବେହେରା, ଯନ୍ତ୍ରୀ ପିପି ସିଂ, ବିଭାଗୀୟ ଅଧିକାରୀ ସୁଦର୍ଶନ ବେହେରା, ବରିଷ୍ଠ କିରାଣି ତନ୍ମୟ ପଣ୍ଡା ଏବଂ ବ୍ଲକ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଏଲପିଜି ବିତରକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ

କଲମପୁର, ୨୯ ।୧୦ (ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ରନ୍ଧନ ଗ୍ୟାସ ପାଇଁ ଉପଭୋକ୍ତା ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ । ଏବେ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ କଲମପୁର ପାଇଁ ଇଣ୍ଡିଆନ୍ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଏଲପିଜି ବିତରକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି । ଏହି ଅଞ୍ଚଳର କଲମପୁର, ଘୋଡାବନ୍ଧା, କସାବାହି, ଶାଗବାରି, ବରଗାଁ, ପଣ୍ଡିଗାଁ ଗ୍ରାମରେ ସ୍ଥାନ ନିରୂପଣ ହୋଇଥିବାବେଳେ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଛି ।

ଚାଷୀଙ୍କ ବର୍ଷକର ଅନ୍ନ ଛଡ଼ାଇ ନେଲା 'ଅର୍ଣ୍ଣବ'

ଲେଉଟି ପଡ଼ିଛି ପାଚିଲା ଧାନ; ଗଜା ହେବା ଆଶଙ୍କା

ନୂଆପଡ଼ା, ୨୯ ।୧୦(ସମିସ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଅର୍ଣ୍ଣବ ପ୍ରଭାବରେ ନୂଆପଡ଼ା ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଜିଲ୍ଲାରେ ଦୁଇଦିନ ଧରି ଲାଗି ରହିଥିବା ଝଡ଼ ପବନ ଓ ବର୍ଷାଫଳରେ ଧାନଗଛ ଗୁଡ଼ିକ ଲେଉଟି ପଡ଼ି ପାଣିରେ ଭାସୁଛି । ଜିଲ୍ଲାର ହଜାର ହଜାର ହେକ୍ଟର ଜମିରେ ଥିବା ପାଚିଲା ଧାନ ପାଣିରେ ଭାସୁଥିବାବେଳେ ଧାନ ଗଜାହୋଇ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଧାନ କେଣ୍ଡା ପାଚି ଅମଳକୁ ଅପେକ୍ଷା କରିଥିବା ସମୟରେ ଅଦିନିଆ ବାତ୍ୟା ଆସି ନଷ୍ଟ କରିଦେଇଥିବା ବେଳେ ଚାଷୀଙ୍କ ବର୍ଷକର ଅନ୍ନକୁ ବାତ୍ୟା ଛଡ଼ାଇ ନେଇଛି । ସେହିପରି କିଛି ଚାଷୀ ଧାନ କାଟିବା ଆରମ୍ଭ କରିଥିବାବେଳେ ପାଚିଲା ଧାନ ଜମିରେ ପଡ଼ିରହିଛି । ଚଳିତ ବର୍ଷ ଜିଲ୍ଲାରେ ଆଶାନୁରୂପ ବର୍ଷା ହୋଇଥିବାବେଳେ ଚାଷୀ ସଠିକ ସମୟରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲା । ଭଲ ଫସଲ ମଧ୍ୟ ହୋଇଥିଲା । କିନ୍ତୁ ଅମଳ ବେଳକୁ ସବୁ ଆଶା ଛଡ଼ାଇ ନେଲା ବାତ୍ୟା । ଧାନ ବ୍ୟତୀତ କପା ଚାଷ ଗୁଡିକରେ ଫୁଲ ଧରି ଫଳ ଧରିବା ଆରମ୍ଭ ହେଉଥିବା ବେଳେ ବର୍ଷା ପବନ ଯୋଗୁଁ କପା ଫୁଲ, ଫଳ ଝଡ଼ିପଡ଼ିଛି । ସେହିଭଳି ପନିପରିବା ଚାଷ ରେ ମଧ୍ୟ ବ୍ୟାପକ ନଷ୍ଟ ହୋଇଛି । ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ପାଇଁ ଚାଷୀ ମହଲ ରେ ଦାବି ହେଉଛି ।

ଖଡ଼ିଆଳ : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଲାଗି ରହିଥିବା ବର୍ଷା ଯୋଗୁଁ ଖଡ଼ିଆଳ ବ୍ଲକ ଅଞ୍ଚଳରେ ଧାନ ଚାଷକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି । ବିଲରେ ଧାନପାଚି ଅମଳ ହେବାକୁ ଥିବାବେଳେ ବର୍ଷା ଯୋଗୁଁ ଅନେକ ଜମିରେ ପାଣି ଜମିବା ଏବଂ ପାଚିଲା ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଫଳରେ ବର୍ଷଯାକର ପରିଶ୍ରମ ଓ ଖର୍ଚ୍ଚ ବୃଥା ହୋଇଯିବା ଭୟରେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି । ଚଳିତବର୍ଷ ଚାଷୀମାନେ ବିଭିନ୍ନ ସମସ୍ୟା ମଧ୍ୟରେ ଧାନ ଚାଷ କରିଥିବାବେଳେ ଅମଳ ସମୟରେ ବାତ୍ୟାଜନିତ ବର୍ଷା ସେମାନଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ପାଚିଲା ଧାନ ବିଲରେ ପଡ଼ି ରହିଥିବାରୁ ବର୍ଷା ଓ ପବନରେ ଫସଲ କ୍ଷତିଗ୍ରସ୍ତ ହେବା ସହ ଧାନରମାନ ହ୍ରାସ ପାଇବାର ଆଶଙ୍କା ରହିଛି । ଜମିରେ ଦୀର୍ଘ ସମୟ ଧରି ପାଣି ଜମି ରହିଲେ ଧାନ ଅମଳ ମଧ୍ୟ ପ୍ରଭାବିତ ହୋଇପାରେ । ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଚାଷୀଙ୍କୁ ଆଶ୍ୱସ୍ତ କରିବାକୁ ଦାବି ହେଉଛି ।

ଗୋଲାମୁଣ୍ଡାରେ ଫସଲ ନଷ୍ଟ

ଗୋଲାମୁଣ୍ଡା : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସାରା ଓଡ଼ିଶାରେ ଫସଲ ନଷ୍ଟ ହେବା ସହ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଗୋଲାମୁଣ୍ଡା ବ୍ଲକରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଗତ ଦୁଇ ଦିନ ହେଲା ଝିପିଝିପି ବର୍ଷା ସହ ଝଡ଼ ତୋଫାନ ଲାଗି ରହିଛି । ଫଳରେ ଅମଳ ହେବାକୁ ଥିବା ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଚାଷୀମାନେ ଧାରକରଜ କରି ଚଢା ଦରରେ ସାର-ବିହନ କିଣି ଚାଷ କରିଥିଲେ, ଫସଲ ମଧ୍ୟ ଭଲ ହୋଇଥିଲା । ମାତ୍ର ଖାଇବା ଭାତରେ ଧୂଳି ପଡ଼ିଲା ସଦୃଶ 'ଅର୍ଣ୍ଣବ' ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି ।

୧୧ ଆଶ୍ରୟସ୍ଥଳୀ ଖୋଲା, ୪୭୩ ଜଣଙ୍କୁ ଆଶ୍ରୟ

ଖଡ଼ିଆଳ, ୨୯ ।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଖଡ଼ିଆଳ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି । ଏହାର ପ୍ରଭାବରେ ନଦୀକୂଳରେ ରହୁଥିବା ପରିବାରଗୁଡ଼ିକ ପ୍ରଭାବିତ ହୋଇଛନ୍ତି । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଖଡ଼ିଆଳ ବ୍ଲକ ପ୍ରଶାସନ ପକ୍ଷରୁ ବରଗାଁ, ଖୁଦପେଜ, ବିରିଘାଟ ସମେତ ବ୍ଲକର ବିଭିନ୍ନସ୍ଥାନରେ ୧୧ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି । ଏହି ଆଶ୍ରୟସ୍ଥଳୀ ଗୁଡ଼ିକରେ ମୋଟ ୪୭୩ ଜଣ ଆଶ୍ରୟ ନେଇଛନ୍ତି । ସେମାନଙ୍କ ମଧ୍ୟରେ ପୁରୁଷ, ମହିଳା, ବୃଦ୍ଧବୃଦ୍ଧା, ଶିଶୁ ଓ ଗର୍ଭବତୀ ମହିଳା ରହିଛନ୍ତି । ସୂଚନା ଅନୁଯାୟୀ, ବରଗାଁରେ ୫୦ ଜଣଙ୍କୁ ଆଶ୍ରୟ ଦିଆଯାଇଥିବା ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ କହିଛନ୍ତି । ସେହିପରି ଖୁଦପେଜ ପଞ୍ଚାୟତରେ ୬୦ ଜଣ ଆଶ୍ରୟ ନେଇଥିବା ବେଳେ ମାଣ୍ଡୋସିଲ ପଞ୍ଚାୟତ ପକ୍ଷରୁ ୧୩୨ ଜଣଙ୍କୁ ଆଶ୍ରୟସ୍ଥଳୀରେ ରଖାଯାଇଥିବା ସରପଞ୍ଚ ସୁବାସିନୀ ପାନ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ, ନୂଆପଡ଼ାର ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ଖଡ଼ିଆଳ ବ୍ଲକର ଖୁଦପେଜ ସମେତ ବିଭିନ୍ନ ପଞ୍ଚାୟତ ଗସ୍ତକରି ବାତ୍ୟାଜନିତ ପରିସ୍ଥିତିର ସମୀକ୍ଷା କରିଛନ୍ତି । ବର୍ଷା ନ କମିବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଆଶ୍ରୟସ୍ଥଳୀରେ ରଖାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ କହିଛନ୍ତି ।

ଜୁନାଗଡ଼ରେ ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ

ଜୁନାଗଡ଼, ୨୯ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ହୋଟେଲ ଓରିଅନ୍‌ରେ ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଗଠନ ଓ ଅଞ୍ଚଳର ବିକାଶ କ୍ଷେତ୍ରରେ ବୁଦ୍ଧିଜୀବୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମିଳନୀରେ ଜୁନାଗଡ଼ ଅଞ୍ଚଳର ବିଭିନ୍ନ ବିକାଶମୂଳକ ପ୍ରସଙ୍ଗ, ଜନସାଧାରଣଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ମଞ୍ଚରେ ଜୁନାଗଡ଼ର ବିଜେପି ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ମୁକେଶ ଅଗ୍ରୱାଲ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଭବସିନ୍ଧୁ ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ଭବାନୀପାଟଣା ସର୍କିଟ୍‌ହାଉସଠାରେ ମଧ୍ୟ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ବିଷୟକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନମିତା ରାଣୀ ସାହୁ, ରାଜ୍ୟ ପ୍ରବକ୍ତା ଡ଼.ପ୍ରକାଶ ରଥ, ହିତେଶ ମହାପାତ୍ର, ଜିଲ୍ଲା ମିଡ଼ିଆ ସଂଯୋଜକ ନରହରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଖଡ଼ିଆଳରେ ସର୍ବାଧିକ ବର୍ଷା

ନୂଆପଡ଼ା, ୨୯ ।୧୦ (ସମିସ): ବଙ୍ଗୋପସାଗରରେ ଘନୀଭୂତ ହେଉଥିବା ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ନୂଆପଡ଼ା ଜିଲ୍ଲାରେ ଲଗାଣବର୍ଷା ଜାରି ରହିଛି । ଗୁରୁବାର ସିନାପାଲିରେ ୩୬ ମିଲିମିଟର, କୋମନାରେ ୫୪.୩ ମିଲିମିଟର, ନୂଆପଡ଼ାରେ ୪୮.୮ ମିଲିମିଟର, ବୋଡେନରେ ୯୦ ମିଲିମିଟର ଓ ଖଡ଼ିଆଳରେ ସର୍ବାଧିକ ୯୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ୬୪.୨୨ ମିଲିମିଟର ହାରରେ ସର୍ବମୋଟ ୩୨୧.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିପରି ବୁଧବାର ସର୍ବମୋଟ ୩୦.୯ ମିଲିମିଟର ବର୍ଷାରେକର୍ଡ କରାଯାଇଥିବାବେଳେ ସିନାପାଲିରେ ୧୧.୦ ମିଲିମିଟର, ବୋଡେନ ରେ ୭.୦ ମିଲିମିଟର, ଖଡ଼ିଆଳ ରେ ୬.୦ ମିଲିମିଟର, କୋମନାରେ ୪.୩ ମିଲିମିଟର ଓ ନୂଆପଡ଼ାରେ ମାତ୍ର ୨.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

୩ ଅନାଥ ଶିଶୁଙ୍କୁ କେସିଙ୍ଗା ଆଶ୍ରମରେ ଥଇଥାନ

ଲାଞ୍ଜିଗଡ଼, ୨୯ ।୧୦(ସମିସ): ଲାଞ୍ଜିଗଡ଼ ବ୍ଲକରେ ଅସହାୟ ଅବସ୍ଥାରେ ଭଙ୍ଗାଘରେ ଦିନ କାଟୁଥିବା ୩ ଅନାଥ ଶିଶୁଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ସୁରକ୍ଷିତ ଆଶ୍ରୟ ଦିଆଯାଇଛି । ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତର ସିକେରକୁପା ଗ୍ରାମର ଜ୍ୟୋତି ମୋଗଲେଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଉଜୁଡ଼ି ଯାଇଥିଲା । ୪ ସନ୍ତାନଙ୍କ ପ୍ରତିପୋଷଣ କରି ନ ପାରି ସେ ଜୀବିକା ଅନ୍ୱେଷଣରେ ବାହାରକୁ ଚାଲିଯିବା ପରେ ୩ ଜଣ କୁନି ପିଲା ଗାଁର ଏକ ପରିତ୍ୟକ୍ତ ଭଙ୍ଗା ମାଟି ଘରେ ରହି ଦୁର୍ଦ୍ଦଶାରେ ଜୀବନ ବିତାଉଥିଲେ । ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ସମାଜସେବୀ ସଂଗଠନ ସହାୟତା ପାଇଁ ଆଗେଇ ଆସିଥିଲେ । ସମାଜସେବୀ ସତ୍ୟନାରାୟଣ ବିଶିଙ୍କ ଉଦ୍ୟମ ଏବଂ ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀମୋହନ ପିଡ଼ିକାଙ୍କ ଉପସ୍ଥିତିରେ ତିନି ଶିଶୁଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣାସ୍ଥିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ହାଜର କରାଯାଇଥିଲା । ପରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ନିର୍ଦ୍ଦେଶକ୍ରମେ ଦୁର୍ଗା ମୋଗଲେ, ଦେବ ମୋଗଲେ ଓ ସୋନୁ ମୋଗଲେ ନାମକ ତିନି ନାବାଳକଙ୍କୁ କେସିଙ୍ଗାସ୍ଥିତ ଏକ ଆଶ୍ରମରେ ଥଇଥାନ କରାଯାଇଛି । ଏହି ଉଦ୍ଧାର ସମୟରେ ସିକେରକୁପାର ଆଶାକର୍ମୀ ଲକ୍ଷ୍ମୀ ବାଗ ଓ ଶିଶୁମାନଙ୍କ ବଡ଼ମା ଲଳିତା ବିଭାର ଉପସ୍ଥିତ ଥିଲେ ।

କଲରାପତରିଆ ବାଘଛାଲ ଜବତ: ରାକେଟରେ ୭ ସମ୍ପୃକ୍ତ

ଭବାନୀପାଟଣା, ୨୯ ।୧୦ (ସମିସ): ବନବିଭାଗ ଦ୍ୱାରା କଲରାପତରିଆ ବାଘଛାଲ ଚୋରା କାରବାରର ପର୍ଦ୍ଦାଫାସ ହୋଇଛି । କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ପକ୍ଷରୁ ଚଢ଼ଉ କରାଯାଇ ୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ତେବେ ବନ ବିଭାଗ ତରଫରୁ କେହି ଏ ବାବଦରେ ମୁହଁ ଖୋଲୁନାହାନ୍ତି । ଅଟକ ଥିବା ବ୍ୟକ୍ତିମାନେ ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଆମପଦର ଓ ପେନଭଟା ଗ୍ରାମର ବୋଲି ଜଣାପଡ଼ିଥିବାବେଳେ ସେମାନଙ୍କଠାରୁ ୨ଟି କଲରପତରିଆ ବାଘଛାଲ ଓ ଗୋଟିଏ ଜୀବନ୍ତ ବାର୍‌ହା (ସୁଆର) ଜବତ କରାଯାଇଥିବା ଜଣାପଡ଼ିଛି । ଏହି ଘଟଣାଟି ଜିଲ୍ଲାର ଥୁଆମୂଳ ରାମପୁର ବନାଞ୍ଚଳର ସାଇସୁରନି ରେଞ୍ଜରେ ହୋଇଥିବାବେଳେ ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି ।

ଅଳ୍ପକେ ବର୍ତ୍ତିଲେ ବୃଦ୍ଧ ଦମ୍ପତି, ଘର ଉପରେ ପଡ଼ିଲା ଗଛ

କୋମନା, ୨୯ ।୧୦(ସମିସ): ପ୍ରବଳ ବାତ୍ୟା ଓ ଘୂର୍ଣ୍ଣିଝଡ଼ର ତାଣ୍ଡବଲୀଳାରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ମହୁଲଭଟା ଗ୍ରାମରେ ଏକ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଛି । ରାତିରେ ଶୋଇଥିବା ଅବସ୍ଥାରେ ଏକ ବିରାଟକାୟ ଗଛ ଘର ଉପରେ ପଡ଼ିବାରୁ ଘରଟି ଭାଙ୍ଗିଯାଇଛି । ତେବେ ଭାଗ୍ୟବଶତଃ ବୃଦ୍ଧ ଦମ୍ପତି ଅଳ୍ପକେ ପ୍ରାଣରକ୍ଷା ପାଇଯାଇଛନ୍ତି । ମହୁଲଭଟା ଗ୍ରାମର ସାବନ ଶବର ଏବଂ ତାଙ୍କ ସ୍ତ୍ରୀ ଗତକାଲି ରାତିରେ ନିଜ ଘରେ ଶୋଇଥିବା ସମୟରେ ହଠାତ୍ ବାତ୍ୟାର ପ୍ରବଳ ପବନ ବହିଥିଲା । ଏହି ସମୟରେ ଘର ପାଖରେ ଥିବା ଏକ ବିରାଟକାୟ ସାବୁନ ଗଛ ହଠାତ୍ ମୂଳରୁ ଉପୁଡ଼ି ସିଧାସଳଖ ସେମାନଙ୍କ ଘର ଉପରେ ପଡ଼ିଥିଲା ।

ସ୍ୱାସ୍ଥ୍ୟ ସେବାରେ ସୁଧାର ପାଇଁ ମନ୍ତ୍ରୀଙ୍କୁ ଦାବିକଲା ଶ୍ରମିକ ମହାସଂଘ

ନୂଆପଡ଼ା, ୨୯ ।୧୦ (ସମିସ)

ନୂଆପଡ଼ା ଜିଲ୍ଲାର ବିଭିନ୍ନ ସରକାରୀ ଡାକ୍ତରଖାନାରେ ଡାକ୍ତର ଓ ଆବଶ୍ୟକୀୟ କର୍ମଚାରୀଙ୍କ ଅଭାବ, ବେସରକାରୀ/ ଆଉଟସୋର୍ସି ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ଆର୍ଥିକ ଶୋଷଣ ସମ୍ପର୍କୀୟ ଅଭିଯୋଗ, ଔଷଧ କ୍ରୟରେ ସ୍ୱଚ୍ଛତା ଏବଂ ଡାକ୍ତରମାନଙ୍କ କାର୍ଯ୍ୟରେ ନିୟମିତ ଉପସ୍ଥିତି ଓ ଦାୟିତ୍ୱ ପାଳନ ନିଶ୍ଚିତ କରିବା ସମ୍ପର୍କରେ ତଦନ୍ତ ପାଇଁ ନୂଆପଡ଼ା ଜିଲ୍ଲା ଶ୍ରମିକ ମହାସଂଘ ଓ ସାମାଜିକ କର୍ମୀ ଭକ୍ତବନ୍ଧୁ ଧରୁଆ ପ୍ରମୁଖ ନୂଆପଡ଼ା ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ନୂଆପଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ବହୁ ଗରିବଲୋକ ସରକାରୀ ଡାକ୍ତରଖାନା ଉପରେ ନିର୍ଭରଶୀଳ । ତେଣୁ ସରକାରୀ ସ୍ୱାସ୍ଥ୍ୟସେବା ସୁଦୃଢ଼ ଓ ସ୍ୱଚ୍ଛ ରହିବା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତର ଅଭାବ, ଆବଶ୍ୟକ କର୍ମଚାରୀ ଅଭାବ, ଔଷଧ ଉପଲବ୍ଧତା ଓ କ୍ରୟ ପ୍ରକ୍ରିୟା, ଏବଂ କେତେକ ସ୍ଥାନରେ ସେବା ପ୍ରଦାନରେ ଅବହେଳା ସମ୍ପର୍କରେ ଅଭିଯୋଗ କରାଯାଇଛି । ଦାବିପତ୍ର ରେ ଉଲ୍ଲେଖ ରହିଛି ଯେ, ନୂଆପଡ଼ା ଜିଲ୍ଲା ପ୍ରଶାସନର ପ୍ରକାଶିତ ୨୦୨୪-୨୫ ତଥ୍ୟ ଅନୁସାରେ ଖରିଆର ରୋଡ଼, କୋମନା, ଖରିଆର, ସିନାପାଲି, ବୋଡେନ ଓ ନୂଆପଡ଼ା ଅଞ୍ଚଳରେ ବିଭିନ୍ନ ପିଏଚ୍‌ସି, ସିଏଚ୍‌ସି ଓ ଡିଏଚ୍‌ଏଚ୍ ରହିଛି । ସେହି ତଥ୍ୟରେ ବ୍ଲକ ଅନୁସାରେ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀଙ୍କ ସଂଖ୍ୟାରେ ମଧ୍ୟ ଅସମାନତା ଦେଖାଯାଉଛି । ଡାକ୍ତର ଓ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି । ନୂଆପଡ଼ା ଡିଏଚଏଚ ସମେତ ଖରିଆର, ଖରିଆର ରୋଡ଼, କୋମନା, ସିନାପାଲି ଓ ବୋଡେନ ଅଞ୍ଚଳର ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଅନୁମୋଦିତ ପଦ, କାର୍ଯ୍ୟରତ ପଦ ଓ ଖାଲି ପଦର ବର୍ତ୍ତମାନ ସ୍ଥିତି ଯାଞ୍ଚ କରିବାକୁ ଦାବି କରାଯାଇଛି । ଡାକ୍ତର ଅଭାବ ଓ ଅନ୍ୟାନ୍ୟ ଅଭିଯୋଗର ଗୁରୁତ୍ୱ ଦୃଷ୍ଟିକୁ ନେଇ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷ ଅନୁଧ୍ୟାନ/ ତଦନ୍ତ କରାଇ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼, ସ୍ୱଚ୍ଛ ଓ ଜନମୁଖୀ କରିବାକୁ ଜିଲ୍ଲା ଶ୍ରମିକ ମହାସଂଘ ତଥା ସାମାଜିକ କର୍ମୀ ଭକ୍ତବନ୍ଧୁ ଧରୁଆ ପକ୍ଷରୁ ଅନୁରୋଧ କରାଯାଇଛି ।

ମହିଳାଙ୍କୁ କ୍ଷେତ ବଞ୍ଚାଅ ଅଭିଯାନ ସଚେତନତା

କେସିଙ୍ଗା, ୨୯ ।୧୦(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟରେ ଖେତ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେସିଙ୍ଗା ବ୍ଲକର ବୋରିଆ, ପଥର୍ଲା, କିକିଆ, ତୁର୍ଲା ଖମନ୍ ଓ ହାତୀଖୋଜ ପଞ୍ଚାୟତର ୧୦ ଟି ଗ୍ରାମର ୧୦୦ ଜଣ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ କ୍ଷେତ ବଞ୍ଚାଅ ଅଭିଯାନର ଉଦ୍ଦେଶ୍ୟ ଓ ଗୋପାଳନ ଓ ଜୈବିକ ତଥା ପ୍ରାକୃତିକ ଚାଷ ପଦ୍ଧତି ହିଁ ଏକମାତ୍ର ବିକଳ୍ପ ବୋଲି ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ଗୋଷ୍ଠୀ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଶ୍ରୀଜିତ ସାହୁ ଯୋଗ ଦେଇଥିବାବେଳେ ଜିଲ୍ଲା କୃଷି ଅଧିକାରୀ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବାଶିଷ ପଟେଲ ଗୋ ପାଳନ ସାମଗ୍ରୀର ଆବଶ୍ୟକତା ତଥା ସରକାରଙ୍କର କାମଧେନୁ ଯୋଜନା ସମ୍ବନ୍ଧରେ ବୁଝାଉଥିଲେ । ଗୋଷ୍ଠୀ ବୈଶୀୟକ ପରିଚାଳକ ଲୋକନାଥ ପାଇକରାୟ ପ୍ରଶିକ୍ଷାର୍ଥୀଙ୍କୁ ସଚେତନ କରାଇଥିଲେ ।

ସକାଳ
THE SAKALA

ସମ୍ପାଦକୀୟ

ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।
-ସାମୁଏଲ୍ ଜନ୍‌ସନ୍

ଜଳବାୟୁ ଓ ଜନସ୍ୱାସ୍ଥ୍ୟ

ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ବୈଶ୍ୱିକ ତାପମାତ୍ରା ବୃଦ୍ଧିର କୁପ୍ରଭାବ ଆଉ କେବଳ ପରିବେଶରେ ସୀମିତ ହୋଇରହିନାହିଁ। କ୍ରମଶଃ ଏହା ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା ଆଦି କ୍ଷେତ୍ରକୁ ପ୍ରଭାବିତ କରିଚାଲିଛି। ସ୍ୱନାମଧନ୍ୟ ବିଜ୍ଞାନ ପତ୍ରିକା 'ଲାନସେଟ୍'ର ନିକଟରେ ପ୍ରକାଶିତ ଜଳବାୟୁ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ଜଳବାୟୁ ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବର ଏହି ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି ଏବଂ ସମ୍ଭାବ୍ୟ ବିପଦ ପ୍ରତି ସାବଧାନ ହେବାକୁ ଚେତାବନୀ ଦେଇଛି। ବିଶେଷକରି ଭାରତ ଭଳି ଜନବହୁଳ ଦେଶ ପାଇଁ ଏହା ଅଧିକ ଚିନ୍ତାଜନକ ବୋଲି କହିଛି। ଭାରତର ଗ୍ରୀଷ୍ମପ୍ରବାହ, ଅତ୍ୟଧିକ ତାପମାତ୍ରା, ବାୟୁପ୍ରଦୂଷଣ ଓ ସଂକ୍ରାମକ ରୋଗର କ୍ରମବର୍ଦ୍ଧିଷ୍ଣୁ ଧାରା ଜନସ୍ୱାସ୍ଥ୍ୟ ପାଇଁ ନୂଆସଙ୍କଟ ସୃଷ୍ଟି କରୁଛି। ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ଗରିବ, ଶ୍ରମଜୀବୀ ଭଳି ଉପେକ୍ଷିତ ବର୍ଗ।

ଦିନକୁ ଦିନ ବାୟୁମଣ୍ଡଳ ଓ ପରିବେଶର ତାପମାତ୍ରା ବଢ଼ିବାରେ ଲାଗିଛି ଏବଂ ନୂଆ ନୂଆ ରେକର୍ଡ ସୃଷ୍ଟି ହେଉଛି। ଅତ୍ୟଧିକ ଗରମ ଶରୀରର ସ୍ୱାଭାବିକ ତାପମାତ୍ରା ନିୟନ୍ତ୍ରଣ ପ୍ରକ୍ରିୟାକୁ ବାଧା ଦେଇ ଅଂଶୁଘାତ ସମସ୍ୟା ବୃଦ୍ଧି କରୁଛି। ପୂର୍ବରୁ କେବଳ ବୟସ୍କ ଓ ଶିଶୁମାନେ ଅଂଶୁଘାତରେ ପ୍ରଭାବିତ ହେଉଥିବା ବେଳେ ଏବେ ହୃଦ୍‌ରୋଗୀ ଓ ଶ୍ୱାସଜନିତ ରୋଗ ଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ଗୁରୁତର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। 'ଲାନ୍‌ସେନଟ୍' ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ଭାରତର ଲୋକମାନେ ହାରାହାରି ୧୯.୮ ଦିନ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହୋଇଥିଲେ। ସେଥିମଧ୍ୟରୁ ୬.୬ ଦିନର ଗ୍ରୀଷ୍ମପ୍ରବାହ ପ୍ରାକୃତିକ ହୋଇଥିବା ବେଳେ ବାକି ମାନବକୃତ। ୨୦୨୪ରେ ମାତ୍ରାଧିକ ଉତ୍ତାପ ଯୋଗୁଁ ଶ୍ରମିକମାନଙ୍କର ସମ୍ଭାବ୍ୟ ୨୪୭୦୦ କୋଟି କାର୍ଯ୍ୟଘଣ୍ଟା ହାନି ହୋଇଥିବା ଆକଳନ କରାଯାଇଛି।

ଏହାଛଡ଼ା ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ବର୍ଷାର ଅନିୟମିତତା, ବନ୍ୟା, ଜଳବନ୍ଦୀ, ଅଧିକ ଆର୍ଦ୍ରତା ଭଳି ମାନବ ସ୍ୱାସ୍ଥ୍ୟ ପ୍ରତିକୂଳ ପରିବେଶ ସୃଷ୍ଟି କରିପାରେ। ଅପରପକ୍ଷରେ ମଶାଙ୍କ ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିପାରେ। ଫଳରେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ସଂକ୍ରମଣ ଆଶଙ୍କା ବଢ଼ିପାରେ। ଅନ୍ୟପକ୍ଷରେ, ବନ୍ୟା ଓ ପାନୀୟ ଜଳର ପ୍ରଦୂଷଣ ଯୋଗୁଁ ଜଳବାହିତ ଓ ଭେକ୍ଟରବାହିତ ରୋଗର ବିପଦ ମଧ୍ୟ ବୃଦ୍ଧି ପାଏ। ରୋଗ ସଂକ୍ରମଣ କେବଳ ଜଳବାୟୁ ଉପରେ ନିର୍ଭର କରେ ନାହିଁ। ପରିମଳ ବ୍ୟବସ୍ଥା, ଜଳ ନିଷ୍କାସନ, ମଶା ନିୟନ୍ତ୍ରଣ ଓ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ସହିତ ସ୍ୱଚ୍ଛତା ଓ ରୋଗ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଜରୁରୀ।

ଜଳବାୟୁ ସଙ୍କଟର ପ୍ରଭାବ ସମସ୍ତଙ୍କ ଉପରେ ସମାନ ଭାବରେ ପଡ଼େ ନାହିଁ। ଖୋଲା ଆକାଶ ତଳେ କାମ କରୁଥିବା କୃଷକ, ନିର୍ମାଣ ଶ୍ରମିକ, ରାସ୍ତାକଡ଼ ବ୍ୟବସାୟୀ ଓ ଦିନମଜୁରିଆମାନେ ଏଥିରେ ଅଧିକ ପ୍ରଭାବିତ ହୁଅନ୍ତି। ଉତ୍ତାପ ଯୋଗୁଁ କାମ କରିବାର କ୍ଷମତା କମିଯାଏ, ଆୟ ହ୍ରାସ ପାଏ ଏବଂ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୁଏ। ଯେଉଁମାନଙ୍କ ଘରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ପର୍ଯ୍ୟାପ୍ତ ପାଣି କିମ୍ବା ଉତ୍ତାପରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ସୁବିଧା ନାହିଁ, ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଏ। ଓଡ଼ିଶା ପାଇଁ ମଧ୍ୟ 'ଲାନ୍‌ସେଟ୍'ର ଚେତାବନୀ ବିଶେଷ ଗୁରୁତ୍ୱ ବହନ କରେ। ଗ୍ରୀଷ୍ମପ୍ରବାହ, ଆର୍ଦ୍ରତା, ବାତ୍ୟା ଓ ବନ୍ୟା ଭଳି ବିପଦର ମୁକାବିଲା କରୁଥିବା ଓଡ଼ିଶାରେ ଜଳବାୟୁ ଅନୁକୂଳ ସ୍ୱାସ୍ଥ୍ୟସେବା, ସୁରକ୍ଷିତ ପାନୀୟ ଜଳ ଓ ଶ୍ରମିକଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟ ପରିବେଶ ଅତ୍ୟନ୍ତ ଆବଶ୍ୟକ।

ଏହି ସଙ୍କଟର ମୁକାବିଲା କେବଳ ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଜାରି କରିଦେଲେ ଚଳିବ ନାହିଁ। ଏଥିପାଇଁ ସରକାର, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଆବଶ୍ୟକ। ଗ୍ରୀଷ୍ମପ୍ରବାହର ପୂର୍ବାନୁମାନ ଆଧାରରେ ଆଗୁଆ ସତର୍କତା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ସହିତ ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ମୁକାବିଲା ଓ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ଚିକିତ୍ସା ଭିତ୍ତିଭୂମିର ବିକାଶ ଆବଶ୍ୟକ। ସହରାଞ୍ଚଳରେ ଚାରାରୋପଣ, ଜଳାଶୟ ସୁରକ୍ଷା, ଛାୟାଯୁକ୍ତ ସାର୍ବଜନୀନ ସ୍ଥାନ ଓ ଉତ୍ତାପ ସହନଶୀଳ ଗୃହନିର୍ମାଣକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଶ୍ରମିକମାନଙ୍କ ପାଇଁ ପର୍ଯ୍ୟାପ୍ତ ବିଶ୍ରାମ, ପାନୀୟ ଜଳ ଓ ଅତ୍ୟଧିକ ଗରମ ସମୟରେ କାମର ସମୟ ପରିବର୍ତ୍ତନ ମଧ୍ୟ ସୁନିଶ୍ଚିତ କରିବା ଦରକାର। ଏହାସହିତ କୋଇଲା, ତୈଳ ଓ ଗ୍ୟାସ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରି ସୌର ଓ ପବନ ଶକ୍ତି ଭଳି ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ଆବଶ୍ୟକ। ଏହାଦ୍ୱାରା ସବୁଜଗୃହ ବାଷ୍ପ ନିର୍ଗମନ କମିବା ସହ ବାୟୁ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରାଯାଇପାରିବ।

'ଲାନସେଟ୍'ର ଚେତାବନୀ ଆମକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନର ଜନସ୍ୱାସ୍ଥ୍ୟ ସଙ୍କଟ। ଏହାର ସମାଧାନ ପାଇଁ ନୀତିଗତ ନିଷ୍ପତ୍ତି, ବୈଜ୍ଞାନିକ ଯୋଜନା, ସ୍ୱଚ୍ଛ ଶକ୍ତିର ବ୍ୟବହାର ଓ ଜନସଚେତନତାକୁ ଏକାଠି କରିବାକୁ ହେବ। ବିକାଶର ଅର୍ଥ କେବଳ ରାସ୍ତା, କୋଠା ଓ ଶିଳ୍ପର ବୃଦ୍ଧି ନୁହେଁ; ବରଂ ଏକ ସୁସ୍ଥ, ସୁରକ୍ଷିତ ଓ ବାସଯୋଗ୍ୟ ପରିବେଶ ମଧ୍ୟ ବିକାଶ ସଂଜ୍ଞା ଅନ୍ତର୍ଭୁକ୍ତ। ଭବିଷ୍ୟତର ପିଢ଼ିକୁ ସୁରକ୍ଷିତ ରଖିବାକୁ ହେଲେ ଆଜି ହିଁ ଆମେ ଜଳବାୟୁ ସୁରକ୍ଷାକୁ ଜନସ୍ୱାସ୍ଥ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ପଡ଼ିବ।

ଛାତ୍ର ଆନ୍ଦୋଳନ: ୧୯୭୪ ବନାମ ୨୦୨୬

ସୌଭାଗ୍ୟ ସୁନ୍ଦରରାୟ

୧୯୭୪ ମସିହାରେ ସାମାଜିକ ସମସ୍ୟାକୁ ନେଇ ପାଟନା ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା ଏକ ପ୍ରତିବାଦ। ଗଠନ ହୋଇଥିଲା 'ବିହାର ଛାତ୍ର ସଂଘର୍ଷ ସମିତି'। ପ୍ରଥମରୁ ହଷ୍ଟେଲ ଓ ଖାଦ୍ୟ ସମସ୍ୟାକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାରାରାଜ୍ୟକୁ ବ୍ୟାପୀ ଯାଇଥିଲା। ସେ ସମୟରେ ଦରଦାମ ବୃଦ୍ଧି, ଖାଦ୍ୟାଭାବ ଓ ବେକାରୀ ସମସ୍ୟାରେ ଦେଶ ଜର୍ଜରିତ ହେଉଥିଲା। ଏଣୁ ସାମାଜିକ ପରିବର୍ତ୍ତନ ପାଇଁ ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ ଜଣାଇ ସମାଜବାଦୀ ବିଚାରଧାରା ନେତା ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଆନ୍ଦୋଳନ। ଏହାକୁ 'ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ' କୁହାଗଲା। ଏଥିରେ ବହୁ ଯୁବ, ଛାତ୍ର ଅଂଶଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ତତ୍କାଳୀନ ସଭାପତି ଅରୁଣ ଜେଟଲୀ, ପାଟନା ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ସଭାପତି ଲାଲୁ ପ୍ରସାଦ ଯାଦବ, ମୁଲାୟମ ସିଂହ ଯାଦବ, କିଷନ ପଟ୍ଟନାୟକ, ମଧୁ ଲିମାୟେ, ମଧୁ ଦଣ୍ଡବତେ, ରାମକୃଷ୍ଣ ହେଗଡ଼େ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଯୁବ-ଛାତ୍ରଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ ଅନେକଙ୍କ ହାତରେ ଦେଶର ଶାସନ ଡୋରି ରହିଲା। ଆନ୍ଦୋଳନରେ ବିବ୍ରତ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ମସିହାରେ ଦେଶରେ ଜରୁରୀ ପରିସ୍ଥିତି ଜାରି କଲେ। ବହୁ ନେତା 'ମିଶା' ଆଇନ ବଳରେ ଜେଲରେ ରହିଲେ। ୧୯୭୭ ମସିହା ନିର୍ବାଚନରେ ଇନ୍ଦିରାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଗାଦିଚ୍ୟୁତ ହୋଇ ଦେଶରେ ପ୍ରଥମ ଅଣକଂଗ୍ରେସ ସରକାର ଗଠନ ହେଲା।

ଅନୁରୂପ ବର୍ତ୍ତମାନର ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଛି ଶିକ୍ଷା ବ୍ୟବସ୍ଥାରେ ଦୁର୍ନୀତି ଓ ଶାସନର ମନମୁଖି ଶାସନକୁ ନେଇ। ଭାରତୀୟ ଶିକ୍ଷା ବ୍ୟବସ୍ଥା ଧର୍ମନିରପେକ୍ଷ ରହିବ, ହିନ୍ଦୁତ୍ୱବାଦୀ ହେବ ନା ଉତ୍ତର ଭାରତୀୟ ହେବ? ବିଭିନ୍ନ ପରୀକ୍ଷା ଠିକାରେ ଚାଲିବ ନା ପରିଚାଳନା ସ୍ୱଚ୍ଛ ହେବ? ଏହିସବୁ ପ୍ରଶ୍ନ ଛାତ୍ର ସମାଜକୁ ଆନ୍ଦୋଳିତ କରିଛି। ଶିକ୍ଷା ବ୍ୟବସ୍ଥାରେ ବିଭ୍ରାଟକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ଗଣତନ୍ତ୍ର ସୁରକ୍ଷା କୈନ୍ଦ୍ରିକ ହୋଇଛି। ନାଗରିକର ଭୋଟଦାନ ଅଧିକାରକୁ ସଂକୁଚିତ କରି, ସାମ୍ବିଧାନିକ ବ୍ୟବସ୍ଥାର ହାତମୋଡ଼ି କ୍ଷମତାରେ ରହିବା ପାଇଁ ଦେଶରେ ଯେଉଁ ଉଦ୍ୟମ ଜାରି ରହିଛି, ତାହାକୁ ଛାତ୍ରସମାଜ ବରଦାସ୍ତ କରିବାକୁ ଚାହୁଁନାହିଁ।

ନିର୍ବାଚନ ଆୟୋଗ ପ୍ରଥମେ ନୂଆ ଧରଣର ଭୋଟର ତାଲିକା ସଂଶୋଧନ କଥା ଉଠାଇଲେ। ଏହାର ନାମ 'ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର)' ଦିଆଗଲା। ନୂତନ ଭୋଟରଙ୍କ ନାମ ପଞ୍ଜିକରଣ ସ୍ଥଗିତ ରଖି ଏହି ବ୍ୟବସ୍ଥାରେ ଲକ୍ଷଲକ୍ଷ ଭୋଟରଙ୍କୁ ବାଦ ଦିଆଗଲା। ଏହା ଶାସକ ଦଳକୁ ସୁହାଇଲା। ଛାତ୍ର ଓ ରାଜନୈତିକ ଦଳ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ ହେବାରୁ ଆୟୋଗ ପୁନର୍ବାର 'ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ(ଏସ୍‌ଏସ୍‌ଆର)' ଆରମ୍ଭ କଲେ, ଯାହା ପୂର୍ବରୁ ପ୍ରଚଳିତ ଥିଲା। ତା' ହେଲେ 'ଏସ୍‌ଆଇଆର' ପୁନର୍ବାର କିପରି 'ଏସ୍‌ଏସ୍‌ଆର' ହେଲା? ଏଠାରେ କୁହାଯାଇପାରିବ ଯେ ନିର୍ବାଚନ ଆୟୋଗଙ୍କ ପୂର୍ବ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ବା ଶାସକ ଦଳର ନିୟନ୍ତ୍ରଣାଧୀନ ଥିଲା। ବାଦ ଦିଆଯାଇଥିବା ଭୋଟରଙ୍କୁ ପୁଣି କିପରି ଫର୍ମ-୬ରେ ନାମ ପଞ୍ଜିକରଣ ପାଇଁ ସୁଯୋଗ ପ୍ରଦାନ କରାଯାଉଛି? ନିର୍ବାଚନ ଆୟୋଗଙ୍କ ଏପ୍ରକାର ଅଗଣତାନ୍ତ୍ରିକ କାର୍ଯ୍ୟର ପ୍ରତିବାଦ ଜଣାଇ ଏବେ ଛାତ୍ର ଓ ରାଜନୈତିକ ଆନ୍ଦୋଳନ ଆରମ୍ଭ ହୋଇଛି। ଏହା ହେବା ସ୍ୱାଭାବିକ।

ଯେତେବେଳେ ଶାସକ ଓ ଶାସନତନ୍ତ୍ର ମନମୋଟିଆ ହୋଇଯାଏ, ସେତେବେଳେ ଯୁବ-ଛାତ୍ର ଗୋଷ୍ଠୀ ଦେଶର ସୁରକ୍ଷା ନିମନ୍ତେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥା'ନ୍ତି। ଶାସନକଳକୁ ସଠିକ୍ ମାର୍ଗକୁ ଆଣିବା ନିମନ୍ତେ ଛାତ୍ର ସଂପ୍ରଦାୟ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ତାହା ଇତିହାସର ଛତ୍ରେଛତ୍ରେ ଦେଖିବାକୁ ମିଳେ। ଛାତ୍ରଗୋଷ୍ଠୀ ଜ୍ୱଳନ୍ତ ପିଣ୍ଡ ସଦୃଶ। ସେମାନଙ୍କ ମନରେ ଥାଏ ଅନେକ ଆଶା, ଆକାଂକ୍ଷା, ସାହସ ଓ ଶକ୍ତି। ସାଧାରଣ ଜନତା ଯାହା କରିବାରେ ସମର୍ଥ ହୋଇନଥା'ନ୍ତି, ତାହା ଛାତ୍ରଙ୍କ ଦ୍ୱାରା ସମ୍ଭବ ହୋଇପାରିଥାଏ। ଦେଶରେ ଘରୋଇକରଣ ଓ ବେରୋଜଗାରୀ ବଢ଼ୁଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରା ଅବମୂଲ୍ୟାୟନ ଘଟି ଚାଲିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ିଚାଲିଛି। କିନ୍ତୁ ଆକଳନଠାରୁ ଘରୋଇ ଉତ୍ପାଦନ ହାର ଅଧିକ ରହୁଛି। ଏହା କିପ୍ରକାର ପରିସଂଖ୍ୟାନ? ସରକାରୀ ଉଦ୍ୟୋଗ ଇସ୍ରୋରୁ ବୈଜ୍ଞାନିକ/ଗବେଷକ ଇସ୍ତଫା ଦେଇ ଚାଲି ଯାଉଛନ୍ତି। ଏଭଳି ଏକ ଉଦାରୀକରଣ ବ୍ୟବସ୍ଥା ବୋଧହୁଏ ମନମୋହନ ସିଂହ ପରିକଳ୍ପନା କରିନଥିଲେ। ଏ ସମସ୍ତ ପ୍ରସଙ୍ଗ ଯୁବଗୋଷ୍ଠୀଙ୍କୁ ଆନ୍ଦୋଳିତ କରିବା ସ୍ୱାଭାବିକ।

ସାମ୍ବିଧାନିକ ସଂସ୍ଥା ପ୍ରାୟତଃ ଅଚଳ। ଦେଶର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନର ଛାତ୍ର ଗୋଷ୍ଠୀ ପ୍ରଧାନ ବିଚାରପତିଙ୍କୁ ଅତିଥି ହେବାକୁ ବିରୋଧ କଲେ। ଫଳରେ ମୁମ୍ବାଇର ଖ୍ୟାତନାମା 'ଟାଟା ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍‌ସ(ଟିସ୍)'ର ୮୬ତମ ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମକୁ କର୍ତ୍ତୃପକ୍ଷ ହଠାତ୍ ବାତିଲ କରିବାକୁ ବାଧ୍ୟ ହେଲେ। ହାଇଦ୍ରାବାଦର 'ନାଲସାର ୟୁନିଭରସିଟି ଅଫ ଲ'ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଧାନ ବିଚାରପତି ଦୀକ୍ଷାନ୍ତ ଭାଷଣ ଦେବାର ପରମ୍ପରା ରହିଛି। କିନ୍ତୁ ଚଳିତ ଥର ପ୍ରଧାନ ବିଚରପତିଙ୍କ ସାମ୍ଭବ୍ୟ ଆମନ୍ତ୍ରଣ ପ୍ରସ୍ତାବ ବିରୋଧର ସମ୍ମୁଖୀନ ହେବା ଯୋଗୁଁ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ଏବେ ଆଉ ଜଣେ ପ୍ରଧାନ ବିଚାରପତି କିପରି ସରକାରଙ୍କ ସହ ଆବଶ୍ୟକତାଠାରୁ ଅଧିକ ବିଚାରବିମର୍ଶ କରୁଥିଲେ ତାହା ଲୋକଲୋଚନକୁ ଆସିଛି।

ଯେଉଁସବୁ କାରଣ ପାଇଁ ୧୯୭୪ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୋଧରେ ଦେଶବ୍ୟାପୀ ସ୍ୱର ଉତ୍ତୋଳନ ହୋଇଥିଲା, ସମକାରଣ ପାଇଁ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ ହେଉଥିବା କୁହାଯାଇପାରେ। ସେତେବେଳେ ଜେଲରେ ଛାତ୍ର ଓ ରାଜନୈତିକ ନେତାଙ୍କୁ ଅଟକ ରଖାଯାଉଥିଲା; ଏବେ ମଧ୍ୟ ତାହା ହେଉଛି। ସେତେବେଳେ ପ୍ରତିବାଦ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା; ଏବେ ମଧ୍ୟ ଲଗାଯାଉଛି। ସେତେବେଳେ 'ମିଶା' ଆଇନ ଲାଗୁ କରାଯାଇଥିଲା, ଏବେ 'ୟୁଏପିଏ' ଆଇନ ଲାଗୁ କରାଯାଉଛି। ଇନ୍ଦିରାଙ୍କ କଂଗ୍ରେସ ସରକାରକୁ ବିରୋଧ କରାଯିବା ଯଦି ଠିକ୍, ତା'ହେଲେ ବର୍ତ୍ତମାନର ଛାତ୍ର ଆନ୍ଦୋଳନ ଆକ୍ରୋଶମୂଳକ ନୁହେଁ, ବରଂ ଏକ ଆବଶ୍ୟକତା ବୋଲି କୁହାଯାଇପାରେ।

୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରର ନେତୃତ୍ୱ ନେଇଥିଲେ ମନମୋହନ ସିଂହ। ଶାସନ ସମୟ ୧୦ ବର୍ଷ। ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ଶାସନକାଳ ୧୨ ବର୍ଷରେ ପହଞ୍ଚିଛି। ମନମୋହନ ସିଂହ ସରକାରଙ୍କ ଅମଳରେ ଦେଶରେ ଦରଦାମ ସୁନିୟନ୍ତ୍ରିତ ରହିଥିଲା। ଜନତାଙ୍କ ହାତରେ ରୋଜଗାର ଥିଲା। ସାମ୍ବିଧାନିକ ସଂସ୍ଥାରେ ହସ୍ତକ୍ଷେପ ନ ଥିଲା। ଫଳରେ ଛାତ୍ରଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି ହୋଇ ନ ଥିଲା। ଏଣୁ ସେ ସମୟରେ ବର୍ତ୍ତମାନ ଭଳି ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରି ନ ଥିଲା। ୟୁପିଏ କ୍ଷମତାକୁ ଆସିବାର ୪ ବର୍ଷ ମଧ୍ୟରେ ୨୦୦୮ ମସିହାରେ ଭାରତ-ଆମେରିକା ମଧ୍ୟରେ ଐତିହାସିକ ବେସାମରିକ ଆଣବିକ ଶକ୍ତି ରାଜିନାମା ସ୍ୱାକ୍ଷର ହୋଇଥିଲା। ବର୍ତ୍ତମାନର ସରକାର ଆମେରିକା ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ନ କରି ଏହାକୁ ଐତିହାସିକ କହିଲେ। ଏ ପ୍ରକାର ଆତ୍ମପ୍ରଚାର ଓ ବିଭ୍ରାନ୍ତିକର ତଥ୍ୟକୁ ନେଇ ଛାତ୍ର ଓ ଯୁବ ସମାଜ ବିଭ୍ରାନ୍ତ, ଦିଗଭ୍ରଷ୍ଟ ହେବା ସ୍ୱାଭାବିକ। ଏହା ଛାତ୍ର ଆନ୍ଦୋଳନ ପାଇଁ ଖୋରାକ ଯୋଗାଉଛି। ଆନ୍ଦୋଳନର କାରଣ ଖୋଜିବା ପରିବର୍ତ୍ତେ ସ୍ୱଦେଶୀ ଜାଗରଣକୁ ସରକାର ବିଦେଶୀ ପ୍ରୋତ୍ସାହିତ ବୋଲି କହି ଚାଲିଛନ୍ତି। ଏହାଦ୍ୱାରା ସମସ୍ୟା ସମାଧାନ ହୋଇପାରିବ ନାହିଁ, ବରଂ ବଢ଼ିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

ସବୁଜ ବାଣ ବି ନିଷିଦ୍ଧ ହେଉ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ବିଭିନ୍ନ ପର୍ବପର୍ବାଣି ଏବଂ ଉତ୍ସବ/ମହୋତ୍ସବ ଅବସରରେ ଆମେ ବାଣ ଫୁଟାଇଥାଉ ଏବଂ ଉଚ୍ଚଧ୍ୱନିର ବାଦ୍ୟ ବଜାଇଥାଉ। ଏହା ଆମକୁ ଆନନ୍ଦ ଦିଏ। ହେଲେ ଏ ଉଭୟର ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅତି ଭୟଙ୍କର। ସେଥିପାଇଁ ଆମ ଉଚ୍ଚତମ ନ୍ୟାୟଳୟ ନିର୍ଦ୍ଦେଶ ଦେଇଛନ୍ତି କେବଳ କମ୍ ପ୍ରଦୂଷଣକାରୀ ବାଣ ଫୁଟାଇବାକୁ ଏବଂ କମ୍ ଧ୍ୱନିସୃଷ୍ଟିକାରୀ ବାଜା ବ୍ୟବହାର କରିବାକୁ। କମ୍ ପ୍ରଦୂଷଣକାରୀ ବାଣକୁ କୁହାଯାଉଛି ସବୁଜବାଣ। ପାରମ୍ପରିକ ବାଣଠାରୁ ଏହା କମ୍ ପ୍ରଦୂଷଣ ଘଟାଏ। ୨୦୧୮ରେ 'କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ' ଏବଂ 'ନ୍ୟାସନାଲ୍ ଏନ୍‌ଭାର୍ଣ୍ଣମେଣ୍ଟ ଇଂଜିନିୟରିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ' ଦ୍ୱାରା ମିଳିତ ଭାବେ ଏହାର ବିକାଶ କରାଯାଇଥିଲା।

ପାରମ୍ପରିକ ବାଣରେ ନିମ୍ନୋକ୍ତ ଉପାଦାନମାନ ଥାଏ - (୧) ଇନ୍ଧନ ଇନ୍ଧନ ରୂପେ ବ୍ୟବହୃତ ହୋଇଥାଏ କୋଇଲା ଗୁଣ୍ଡ। (୨) ବିବିଧ ନାଇଟ୍ରେଟ୍ (ପଟାସିୟମ ନାଇଟ୍ରେଟ୍) ଓ କ୍ଲୋରେଟ୍‌କୁ ଜାରକ ରୂପେ ବ୍ୟବହାର କରାଯାଏ। ଏହା ବାଣକୁ ଜଳିବା ପାଇଁ ଅମ୍ଳଜାନ ଯୋଗାଏ। (୩) ଏଥିରେ ପ୍ରତିଜାରକ ରୂପେ ବ୍ୟବହାର ହୁଏ ଗନ୍ଧକ। ଜାରକ ଦ୍ୱାରା ନିର୍ଗତ ଅମ୍ଳଜାନ ସହ ଏହା ପ୍ରତିକ୍ରିୟା କରେ। (୪) ଜ୍ୱଳନ ବା ବିସ୍ଫୋରଣର ବେଗ, ତାପ ଓ ଘନତ୍ୱ ନିୟନ୍ତ୍ରଣ ପାଇଁ ବ୍ୟବହାର ହୁଏ ଲୌହ, ଟିଟାନମ୍, ଷ୍ଟ୍ରୋଞ୍ଚିୟମ ଆଦି ଧାତୁ ଏବଂ ତା'ର ଲବଣ। (୫) ଭିନ୍ନ ଭିନ୍ନ ରଙ୍ଗ ସୃଷ୍ଟି ଲାଗି ବ୍ୟବହାର ହୁଏ ବିବିଧ ଧାତବ ଲବଣ ଓ ରାସାୟନିକ ପଦାର୍ଥ। ସେଗୁଡ଼ିକ ମଧ୍ୟରେ ରହିଛି ଷ୍ଟ୍ରୋଞ୍ଚିୟମ (ଲାଲ), ବାରିୟମ (ସବୁଜ), ସୋଡିୟମ (ହଳଦିଆ), ତମ୍ବା (ନୀଳ) କାଲ୍‌ସିୟମ (କମଳା ରଙ୍ଗ) ଇତ୍ୟାଦିର ଲବଣ। (୬) ଡେକଷ୍ଟ୍ରିନ୍ ବା ଷ୍ଟାର୍ଚ ଭଳି ପଦାର୍ଥ ବ୍ୟବହାର ହୁଏ ଉପାଦାନଗୁଡ଼ିକୁ ବାନ୍ଧି ରଖିବାକୁ। (୭) ଆଲୁମିନିୟମ, ମାଗ୍ନେସିୟମ, ଲୌହ ଏବଂ ବାରିୟମ ଭଳି ଭାରିଧାତୁର ଗୁଣ୍ଡ ମଧ୍ୟ ଏଥିରେ ବ୍ୟବହୃତ ହୁଏ।

ଏଥିରୁ ନିର୍ଗତ ପ୍ରଦୂଷକଗୁଡ଼ିକ ହେଲା ଅତିମାତ୍ରାରେ ବାୟୁରେ ଭାସମାନ ସୂକ୍ଷ୍ମ ପଦାର୍ଥ ବା ପାର୍ଟିକ୍ୟୁଲେଟ୍ ମ୍ୟାଟର, ଭାରିଧାତୁ ଓ ବିଷାକ୍ତ ରାସାୟନ। ଗନ୍ଧକ ଡାଇଅକ୍ସାଇଡ୍, ଯବକ୍ଷାରଜାନ, ଅକ୍ସାଇଡ ଭଳି ବାଷ୍ପ ଏବଂ ପ୍ରାୟ ୧୬୦ଡେସିବଲ୍‌ରୁ ଉଚ୍ଚ ଧ୍ୱନି। ଏହା ଶ୍ୱାସକ୍ରିୟାଜନିତ ରୋଗଠାରୁ କର୍କଟରୋଗ ପର୍ଯ୍ୟନ୍ତ ନାନାଦି ରୋଗର କାରଣ ହୁଏ ଏବଂ ଶ୍ରବଣଶକ୍ତି ହ୍ରାସ ତଥା ମାନସିକ ଚାପ ବୃଦ୍ଧି କରେ। ବାୟୁ ବ୍ୟତୀତ ଏହା ଜଳପ୍ରଦୂଷଣ ମଧ୍ୟ ଘଟାଏ। ସେଥିପାଇଁ ଏବେ ଏହା ବଦଳରେ ସବୁଜ ବାଣ ବ୍ୟବହାର କରିବାକୁ ଆଇନ କରାଯାଇଛି।

ସବୁଜ ବାଣର ଅର୍ଥ ହେଲା ପରିବେଶ ସହାୟକ ବାଣ। ଏଥିରେ ବିଷାକ୍ତ ବାରିୟମ ନାଇଟ୍ରେଟ୍ ଓ ଆଲୁମିନିୟମ ନଥାଏ। ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥ କମ୍ ହୋଇଥାଏ। ଏଥିରୁ ପାରମ୍ପାରିକ ବାଣ ତୁଳନାରେ ୩୦ ରୁ ୪୦ ଶତାଂଶ ବାୟୁରେ ଭାସମାନ ସୂକ୍ଷ୍ମ ପଦାର୍ଥ, ଗନ୍ଧକ ଓ ଯବକ୍ଷାରଜାନର ଅକ୍ସାଇଡ ଆଦି କମ ଥାଏ। ସେହିପରି ଏଥିରୁ ନିର୍ଗତ ହୁଏ ୧୧୦ ରୁ ୧୨୫ ଡେସିବଲ୍ ଧ୍ୱନି)। ସବୁଜବାଣ ତିନି ପ୍ରକାର। ପ୍ରଥମଟିରୁ ଜଳର ସୂକ୍ଷ୍ମ କଣିକା ନିର୍ଗତ ହୋଇ ଧୂଳି (ବାୟୁରେ ଭାସମାନ ସୂକ୍ଷ୍ମକଣିକା ଇତ୍ୟାଦି) କୁ ଶୋଷଣ କରେ। ଦ୍ୱିତୀୟଟିରେ ଆଲୁମିନିୟମ ଆଦି ଧାତୁ କମ୍ ଥିବାରୁ ତହିଁରୁ ତାହାର ନିର୍ଗମନ ଘଟେ ନାହିଁ। ପୁନଶ୍ଚ ଏଥିରୁ ମଧ୍ୟ କମ୍ ଧ୍ୱନି ନିର୍ଗତ ହୁଏ। ତୃତୀୟ ପ୍ରକାରରେ ପଟାସିୟମ ନାଇଟ୍ରେଟ୍ କିମ୍ବା ଗନ୍ଧକ ଆଦୌ ନଥାଏ। ଏଣୁ ଏଥିରୁ କମ୍ ଧୂଆଁ ବାହାରେ।

ଏସବୁଗୁଡ଼ିକ ପାରମ୍ପରିକ ବାଣଠାରୁ ଅଧିକ ପରିବେଶ ଉପଯୋଗୀ; କିନ୍ତୁ ତାହା ଯଥେଷ୍ଟ ନୁହେଁ। ସବୁଜ ବାଣ କମ୍ ପ୍ରଦୂଷଣ କରେ ସତ, ତେବେ ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ କରେ ନାହିଁ। ସେଥିରୁ ମଧ୍ୟ ଅନେକ ପରିମାଣରେ ବାୟୁରେ ଭାସମାନ ସୂକ୍ଷ୍ମ ପଦାର୍ଥ, ଧୂଆଁ, ବିଷାକ୍ତ ବାଷ୍ପ ଓ ଧ୍ୱନି ନିର୍ଗତ ହୁଏ। ସେଥିପାଇଁ ଏହାର ବ୍ୟାବାହାର ସତ୍ତ୍ୱେ ବିଗତ ବର୍ଷ ଦୀପାବଳୀରେ ଭାରତର ବହୁ ସହରାଞ୍ଚଳରେ ବାୟୁ ପ୍ରଦୂଷଣ ବେଶ ଉଚ୍ଚସ୍ତରରେ ପହଞ୍ଚିଥିଲା। ଉଦାହରଣ ସ୍ୱରୂପ, ପ୍ରାୟ ୧୦୦ ସହରରେ ଏହାଥିଲା ବିପଦଜନକ ସ୍ତରରେ। ଏସବୁଠାରେ ବାୟୁମାନ ସୂଚନାଙ୍କ ୩୦୦ ଟପି ଯାଇଥିଲା। ଏହାବ୍ୟତୀତ ଅଧିକାଂଶ ସହରରେ ତାହା ୧୫୦ ରୁ ୩୦୦ ମଧ୍ୟରେ, ଅର୍ଥାତ୍ ଅସ୍ୱାସ୍ଥ୍ୟକର ଏବଂ ଅତି ଅସ୍ୱାସ୍ଥ୍ୟକର ସ୍ତରରେ ପହଞ୍ଚିଥିଲା। ଦୀପାବଳୀ ଅବସରରେ ଏ ସମସ୍ତ ସହରରେ ବ୍ୟବହୃତ ହୋଇଥିଲା ସବୁଜ ବାଣ। ଏହାସତ୍ତ୍ୱେ ବାୟୁ ପ୍ରଦୂଷଣ ଏଭଳି ଅବସ୍ଥାକୁ ଆସିଯାଇଥିଲା। ଏଥିରୁ ପ୍ରମାଣିତ ହେଉଛି ଯେ ସବୁଜ ବାଣ ଏ ସମସ୍ୟା ଦୂର କରିବାକୁ ଯଥେଷ୍ଟ ନୁହେଁ। ଏହାଦ୍ୱାରା ମଧ୍ୟ ବେଶ ବାୟୁ ପ୍ରଦୂଷଣ ଘଟୁଛି। ଏପରିସ୍ଥଳେ ଏହାକୁ ନିଷିଦ୍ଧ କରାଯିବା ଉଚିତ। ଆଗକୁ ଆସୁଛି ସର୍ବାଧିକ ବାଣ ଫୁଟାଯାଉଥିବା ପର୍ବ ଦୀପାବଳୀ। ଚାଲନ୍ତୁ ପରିବେଶର ସୁରକ୍ଷା ଲାଗି ଆମେ ଏହାକୁ ବାଣମୁକ୍ତ ରୂପେ ପାଳନ କରିବା।

ଭୁବନେଶ୍ୱର, ମୋ: ୯ ୯୩୭୦୧୪୬୦

ଦୀର୍ଘାୟୁ ପାଇଁ ନେଉଳ ପୂଜା

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ସୃଷ୍ଟିର ପ୍ରତ୍ୟେକ ଜୀବଜନ୍ତୁଙ୍କ ଭିତରେ ଈଶ୍ୱରଙ୍କୁ ଦେଖିବା ହେଉଛି ଭାରତୀୟ ଧର୍ମ ଦର୍ଶନର ମୁଖ୍ୟ ସ୍ରୋତ। ଏହି ଧାରାରେ ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଶୁପକ୍ଷୀ, କୀଟପତଙ୍ଗ ଓ ସରୀସୃପଜାତୀୟ ଜୀବମାନଙ୍କର ପୂଜାର୍ଚ୍ଚନା କାହିଁ କେଉଁକାଳରୁ ଚାଲିଆସୁଛି। ଏହି ଧାରାରେ ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ଉତ୍ତର ଭାରତର ଗ୍ରାମୀଣ ଅଞ୍ଚଳଗୁଡ଼ିକରେ ନେଉଳ ପୂଜା ବା 'ନିଉରି ନବମୀ' ବ୍ରତ ପାଳନ କରାଯାଏ।

ଧାର୍ମିକ ଦୃଷ୍ଟିରୁ ନେଉଳକୁ ଧନର ଦେବତା କୁବେରଙ୍କ ଅତି ପ୍ରିୟ ସହଚର ଭାବେ ମାନ୍ୟତା ମିଳିଛି। ଅନେକ ପୌରାଣିକ ଚିତ୍ରରେ କୁବେରଙ୍କ ସହିତ ନେଉଳ ରହିଥିବାର ଦେଖିବାକୁ ମିଳିଥାଏ। ତେଣୁ ନେଉଳ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ପୂଜିତ ହୋଇଆସୁଛି। ଲୋକମାନ୍ୟତା ଅନୁସାରେ ନେଉଳ ଦେଖିଲେ ଶୁଭ ଓ ଧନପ୍ରାପ୍ତି ହୁଏ। ଯେଉଁ ଘରକୁ ନେଉଳ ବାରମ୍ବାର ଯିବା ଆସିବା କରେ ସେହିଘରର ନକାରାତ୍ମକ ଶକ୍ତି ଦୂର ହୁଏ। ଭାରତରେ ଥିବା କେତେକ ଜନସମୁଦାୟଙ୍କ ଗୋତ୍ର ମଧ୍ୟ 'ନେଉଳ' ରହିଛି। ଏହାବ୍ୟତୀତ ସମୁଦ୍ରଶାସ୍ତ୍ରରେ ଧନପ୍ରାପ୍ତି ଏବଂ ଶତ୍ରୁଜୟ ପାଇଁ ନେଉଳ ପୂଜନ ପରମ୍ପରା ଓ ବିଶ୍ୱାସ ରହିଛି। ଫେଙ୍ଗ୍‌ସୁଇରେ ନେଉଳ ବହୁତ ଶୁଭପ୍ରାଣୀ ବୋଲି ବର୍ଣ୍ଣନା କରାଯାଇଛି। ଆର୍ଥିକ ଉନ୍ନତି ଏବଂ ନକାରାତ୍ମକତା ଓ ବାଧାବିଘ୍ନ ଦୂର କରିବା ପାଇଁ କେଉଁ ଧାତୁରେ ତିଆରି ନେଉଳ ମୂର୍ତ୍ତି ଘର କିମ୍ବା କାର୍ଯ୍ୟାଳୟ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନର କେଉଁ ସ୍ଥାନରେ ରଖାଯିବା ଉଚିତ, ସେ ସମ୍ପର୍କରେ ଫେଙ୍ଗସୁଇରେ ଅନେକ ତଥ୍ୟ ରହିଛି।

ଭାରତରେ ନେଉଳ ପୂଜା ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ (ମତାନ୍ତରରେ ଶ୍ରାବଣ କୃଷ୍ଣପକ୍ଷ ନବମୀ) ତିଥିରେ ହୁଏ, ଯାହାକୁ 'ନିଉରି ନବମୀ' / 'ନିଉରି ନବମୀ' / 'ନେବଡ଼ି ନବମୀ' / 'ନୋରି ନୋମ୍' / 'ନକୁଲ୍ ନବମୀ' କୁହାଯାଏ। ବିଶ୍ୱାସ ରହିଛି ଯେ, ଏହି ବ୍ରତ କରିବା ଦ୍ୱାରା ସନ୍ତାନମାନେ ଦୀର୍ଘାୟୁ ହେବା ସହିତ ନିରୋଗ ରହିଥା'ନ୍ତି ଏବଂ ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଏ। ଏହାବ୍ୟତୀତ 'ନେଉଳ ନବମୀ' ବ୍ରତରେ ସର୍ପଦୋଷରୁ ମୁକ୍ତି ମିଳେ। ବାରମ୍ବାର ଘରେ ସର୍ପ ବାହାରୁଥିଲେ କିମ୍ବା ସ୍ୱପ୍ନରେ ସର୍ପ ଦେଖୁଥିଲେ, ଏହି ବ୍ରତ କରିବା ଦ୍ୱାରା ତାହାର ସମାଧାନ ହୋଇଯାଏ ଏବଂ ସର୍ପଦୋଷ ଦୂର ହୁଏ। ଏହି ବ୍ରତ ପାଳନର ଅନେକ ବିଧିବିଧାନ ରହିଛି। ନବମୀ ତିଥିରେ ଏହି ବ୍ରତ ପଡୁଥିବାରୁ '୯' ସଂଖ୍ୟାର ବହୁତ ପ୍ରାଧାନ୍ୟ ରହିଛି। ଯେପରିକି ୯ ପ୍ରକାର ଡାଲିର ମିଶ୍ରଣରେ ପୁର ପ୍ରସ୍ତୁତ କରି ୯ଟି କଚୋଡ଼ି ତିଆରି କରାଯାଏ, ଯାହାକୁ 'ବଢ଼ଇ' କୁହାଯାଏ। ଏହାସହିତ 'ଅରବି'(ସାରୁ) ତରକାରି ପ୍ରସ୍ତୁତ କରାଯାଇ ପୂଜା ଓ ଭୋଜନ କରାଯାଏ। ଏହି ପୂଜାରେ ଘିଅ ଓ ଗୁଡ଼ର ମହତ୍ତ୍ୱ ଅଧିକ ରହିଛି।

ମା'ମାନେ ଘରଅଗଣାର ସଫା ମାଟି କିମ୍ବା ନଦୀ, ପୋଖରୀ ତଟର ସଫା ମାଟି ଆଣି ଗୋଟିଏ ନେଉଳ ଏବଂ ତା'ର ଶିଶୁ ଭାବେ ଛୋଟ ଛୋଟ ନେଉଳ ମୂର୍ତ୍ତି ଗଢ଼ନ୍ତି। ଆଉ କିଛି ଅଞ୍ଚଳରେ ପୂଜାସ୍ଥଳରେ ଥିବା କାନ୍ଥରେ ଗେରୁ, ମାଟି, ହଳଦୀ, ଅଟା ଦ୍ୱାରା ନେଉଳର ଚିତ୍ର (ଚୌକ) କରାଯାଇ ପୂଜା କରାଯାଏ। ନେଉଳର ଫଟୋ ରଖି ଏବଂ ବିଭିନ୍ନ ଧାତୁରେ ନେଉଳ ପ୍ରତିମା ନିର୍ମାଣ କରି ପୂଜା କରିବାର ବିଧି ମଧ୍ୟ କେତେକ ଅଞ୍ଚଳରେ ପ୍ରଚଳିତ। ପୂଜା ସରିବା ପରେ ଏହି ମୂର୍ତ୍ତିକୁ ଘରେ କିମ୍ବା କାର୍ଯ୍ୟାଳୟରେ ବାସ୍ତୁଶାସ୍ତ୍ର ଅନୁମୋଦିତ ସ୍ଥାନରେ ରଖାଯାଏ। ଏହାଦ୍ୱାରା ଧନବୃଦ୍ଧି ହେବା ସହିତ ବାଧାବିଘ୍ନ ଦୂର ହୋଇଥାଏ। ଏହି ପୂଜାରେ କଳସ ସ୍ଥାପନା ପରେ ପ୍ରଥମେ ଶ୍ରୀଗଣେଶଙ୍କୁ ଆବାହନ କରାଯାଏ ଏବଂ ତା'ପରେ ନେଉଳର ଚିତ୍ର କିମ୍ବା ମୂର୍ତ୍ତି ପୂଜା ଆରମ୍ଭ ହୁଏ। ଏହିଦିନ କୌଣସି ଧାରଯୁକ୍ତ ବସ୍ତୁ (ଛୁରୀ, କଇଁଚି ଆଦି) ବ୍ୟବହାର କରିବା କିମ୍ବା ଏଭଳି ବସ୍ତୁରେ କଟାଯାଇଥିବା କିଛି ଖାଦ୍ୟ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଣ୍ଡାମାନରେ ସୃଷ୍ଟି...

ଦିଆଯାଇଥିଲେ ମଧ୍ୟ ଏହା ବାତ୍ୟାରେ ପରିଣତ ହେବ କି ନାହିଁ, ତାହା ସ୍ପଷ୍ଟ କରାଯାଇ ନାହିଁ। ସାଧାରଣତଃ ଏହା ଅକ୍ଟୋବର ମାସରେ ସୃଷ୍ଟି ହୋଇଥିବାରୁ ଏହା ବାତ୍ୟାରେ ପରିଣତ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁ ନାହିଁ। ତେବେ ଆସନ୍ତା ୨-୩ ତାରିଖ ସୁଦ୍ଧା ଏହା ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଉପକୂଳ ଓଡ଼ିଶା ନିକଟରେ ପହଞ୍ଚିବା ନେଇ ବିଭିନ୍ନ ମଡେଲ୍ ଆକଳନ କରୁଛନ୍ତି। ଅନ୍ୟପଟେ ଆସନ୍ତା ୨ ତାରିଖରୁ ରାଜ୍ୟରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ନେଇ ମଧ୍ୟ ଆଇଏମ୍‌ଡି ଆକଳନ କରିଛି। ଏ ଦୃଷ୍ଟିରୁ ନଭେମ୍ବର ପ୍ରଥମ ସପ୍ତାହରେ ରାଜ୍ୟରେ ପୁଣି ଗୋଟିଏ ପର୍ଯ୍ୟାୟ ବର୍ଷା କିମ୍ବା ବର୍ଷା/ପବନ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଗଞ୍ଜାମ, ଗଜପତି...

ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଛି। ଜଳସ୍ତର ଆହୁରି ବଢ଼ିଲେ ଅଧିକ ଗାଁ ଜଳମଗ୍ନ ହେବାର ଆଶଙ୍କା ରହିଛି। ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଦକ୍ଷିଣ ଓଡ଼ିଶାର ସଡ଼କ ଯୋଗାଯୋଗ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଗଜପତି ଜିଲ୍ଲାର ମୋହନା ବ୍ଲକ ନିକଟରେ ଜାତୀୟ ରାଜପଥ ୩୨୬ର ପ୍ରାୟ ୩୦୦ ମିଟର ଅଂଶ ବନ୍ୟାଜଳରେ ଧୋଇଯାଇଛି। ଫଳରେ ଗଞ୍ଜାମ ଓ ଗଜପତି ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତପ୍ତପାଣି ଘାଟିରେ ପାହାଡ଼ରୁ ମାଟି ଓ ପଥର ଖସିବା ଯୋଗୁଁ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ଗଜପତିରେ ଏକ ପୋଲ ଭୁଶୁଡ଼ି ପଡ଼ିଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ରାସ୍ତା ଓ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ବିପର୍ଯ୍ୟୟର ମୁକାବିଲା ଓ ଜଳବନ୍ଦୀ ଲୋକଙ୍କୁ ଉଦ୍ଧାର ପାଇଁ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀର ମୋଟ ୫୪ଟି ଦଳ ମୁତୟନ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୨୦ ଜଣଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରିବାକୁ ଯୋଜନା କରାଯାଇଥିବା ବେଳେ ଆଜି ଏହି ଅପରେସନ୍ ଜାରି ରହିଛି।

ବାତ୍ୟା ପ୍ରଭାବରେ ରାଜ୍ୟରେ ଜାରି ରହିଥିବା ପ୍ରବଳ ବର୍ଷା ଏବଂ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଏବଂ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲା ମଧ୍ୟରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଉଭାଗଗୁଡ଼ିକ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିବ।

ଅନ୍ୟପକ୍ଷରେ, ବନ୍ୟା (ଫ୍ଲାସ୍ ଫ୍ଲଡ୍) ପ୍ରଭାବରେ ଗଞ୍ଜାମରେ ପ୍ରାୟ ୪୨,୫୦୦ ଓ ଗଜପତିରେ ପ୍ରାୟ ୨୦ ହଜାର ଲୋକ ପ୍ରଭାବିତ ହୋଇଥିବା ମୁଖ୍ୟ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। ଲଗାତାର ବର୍ଷା ଓ ଜଳବନ୍ଦୀ ସମସ୍ୟାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲାରେ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖାଯାଇଛି। ଗଞ୍ଜାମରେ ମଧ୍ୟ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି।

ଶାହା ଦେଲେ...

ଶାହାଙ୍କ ପ୍ରତି ମୁଁ କୃତଜ୍ଞ। ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇ ଓଡ଼ିଶା ଉପରେ ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ, ପ୍ରଭାବିତ ଜିଲ୍ଲାଗୁଡ଼ିକର ବର୍ତ୍ତମାନ ସ୍ଥିତି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ତାଙ୍କୁ ଅବଗତ କରାଇଛି। ଘୂର୍ଣ୍ଣିବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ଓଡ଼ିଶାକୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ବିପର୍ଯ୍ୟୟ ପରିଚାଳନାରେ...

ଲୋକଙ୍କ ସୁରକ୍ଷା ଏବଂ ଆମର ଆର୍ଥିକ ପ୍ରଗତି ପ୍ରତି ବଡ଼ ବିପଦ ସୃଷ୍ଟି କରିବ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସୂଚନା ଥାଉ କି ୧୯୯୯ ମହାବାତ୍ୟା ପରେ ୨୦୦୦ ମସିହାଠାରୁ ପ୍ରତି ବର୍ଷ ଅକ୍ଟୋବର ୨୯ ତାରିଖରେ ରାଜ୍ୟରେ 'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ' ପାଳନ କରାଯାଉଛି।

୫ ବିଧାୟକଙ୍କୁ...

ନୋଟିସ ଜାରି କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଆସନ୍ତା ୬ସପ୍ତାହ ଭିତରେ ଜବାବ ରଖିବାକୁ ପକ୍ଷକୁ ସମୟ ନିଆଯାଇଛି। ସେଥିରେ ଆବେଦନକାରୀ ଚାହିଁଲେ ଏହି ମାମଲାରେ ତାଙ୍କର ପ୍ରତିଜବାବ ଦାଖଲ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୭ ଜାନୁଆରୀରେ ଧାର୍ଯ୍ୟ କରାଯାଇଛି। ଗତ ଶୁଣାଣିରେ ବାଚସ୍ପତିଙ୍କ ନିକଟରେ ସାନି ଆବେଦନ କରାଯିବା ପ୍ରସଙ୍ଗରେ ଆବେଦନକାରୀ ଯେଉଁ ଯୁକ୍ତି ରଖିଥିଲେ ତାହାକୁ ଆଜି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବିରୋଧ କରିଥିଲେ। ବାଚସ୍ପତି ଦେଇଥିବା ଆଦେଶ ବ୍ୟାୟିକ ଆଦେଶ ସଦୃଶ। ଏଣୁ ମାମଲା ପ୍ରତ୍ୟାହାର କରି ବାଚସ୍ପତିଙ୍କ ନିକଟରେ ସାନି ଆବେଦନ ଅନୁମତି ହାଇକୋର୍ଟ ଦେଇପାରିବେ ନାହିଁ ବୋଲି ଆଡଭୋକେଟ ଜେନେରାଲ ଯୁକ୍ତି ବର୍ଷାଇଥିଲେ। ସେତେବେଳେ ଆବେଦନକାରୀଙ୍କ ଓକିଲ ବାଚସ୍ପତିଙ୍କ ନିର୍ଦ୍ଦେଶର ବୈଧତା ପ୍ରସଙ୍ଗରେ ଶୁଣାଣି ଜାରି ସହ ପ୍ରତିପକ୍ଷ ବିଧାୟକଙ୍କୁ ନୋଟିସ୍ ଜାରି କରିବା ଦେବା ବୋଲି ଦର୍ଶାଇଥିଲେ।

ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ବିଜେଡି ବିଧାୟକ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁର ଓ ଦଳରୁ ନିଲମ୍ବିତ ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସଦସ୍ୟ ପଦ ରଦ୍ଦ ଆବେଦନଗୁଡ଼ିକୁ ଓଡ଼ିଶା ବିଧାନସଭା ବାଚସ୍ପତି ଖାରଜ କରିଥିଲେ। ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ବିଜେଡି ମୁଖ୍ୟ ସଚେତକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣି ୨ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରିଥିବା ବିଜେଡି ମୁଖ୍ୟସଚେତକ ଅଭିଯୋଗ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଉକ୍ତ ମୁଖ୍ୟ ସଚେତକଙ୍କ ଆବେଦନଟି ସଂଶୋଧନ ଯୋଗ୍ୟ ଓ ଏହାର ତ୍ରୁଟି ସଂଶୋଧନ କରି ପୁଣି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ପୂର୍ବରୁ କହିଥିଲେ। ଏଣୁ ଏହି ମାମଲାରେ ଆଗକୁ ଆବେଦନକାରୀଙ୍କ କୌଣସି ସଂଶୋଧନ ଯଦି ଥାଏ ତାହା ପରବର୍ତ୍ତୀ ଶୁଣାଣିରେ ସ୍ପଷ୍ଟ ହେବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ କାନୁନଗୋ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଆଶିଷ କୁମାର ମିଶ୍ର ସହାୟତା କରୁଛନ୍ତି।

୩,୮୫୫ କୋଟିର...

ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ରହିଛି। ପର୍ଯ୍ୟଟନ, ବାୟୋଫୁଏଲ, ଉତ୍ପାଦନ, ଏରୋସ୍ପେସ୍ ଓ ପ୍ରତିରକ୍ଷା, ରସାୟନ ଓ ପେଟ୍ରୋକେମିକାଲ୍ସ, ଭିତ୍ତିଭୂମି, ପ୍ଲାଷ୍ଟିକ୍, ଔଷଧ, ଗ୍ଲୋବାଲ୍ କମ୍ପିଟେନ୍ସ ସେଣ୍ଟର, ଡାଉନ୍‌ଷ୍ଟ୍ରିମ୍ ଷ୍ଟିଲ୍ ଓ ପେପର ପ୍ୟାକେଜିଂ ଭଳି କ୍ଷେତ୍ରରେ ଏହି ନିବେଶ ହେବ। ପେପର, ପ୍ୟାକେଜିଂ ଓ ପ୍ଲାଷ୍ଟିକ୍ କ୍ଷେତ୍ରରେ ଦୁଇଟି ପ୍ରକଳ୍ପ ପାଇଁ ମୋଟ ୧,୦୨୯.୯୧ କୋଟି ଟଙ୍କା ନିବେଶ ପ୍ରସ୍ତାବ ରହିଛି। ଏଥିରୁ ୧,୯୦୭ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆକଳନ କରାଯାଉଛି। ନୟାଗଡ଼ରେ ଆଲିଶା ଟୋରେଣ୍ଟ ଲୁକ୍ସର୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ୫୬୧.୧୧ କୋଟି ଟଙ୍କା ବିନିଯୋଗ କରି ବୋତଲରେ ବ୍ୟବହୃତ କ୍ୟାପ୍ ଓ କ୍ଲୋଜର୍ ଉତ୍ପାଦନ କରିବ। ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିବା ସମ୍ଭାବନା ରହିଛି। ଖୋର୍ଦ୍ଧାରେ ଷ୍ଟାର୍କ ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ୫୦୦ କୋଟି ଟଙ୍କାରେ ପେପର ଓ ପେପର ପ୍ରଡକ୍ଟ କାରଖାନା ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପରେ ୧,୬୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଛି। କେମିକ୍ସ ବାୟୋଫ୍ୟାଏଲ୍ (ଜିବିଜି) ଉତ୍ପାଦନ ପାଇଁ ବେଠକରେ ୩ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ମୋଟ ୬୮୦ କୋଟି ଟଙ୍କା ନିବେଶ ହେବ ଏବଂ ୯୮ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଅନୁଗୁଳ, ଯାଜପୁର ଓ ସମ୍ବଲପୁରରେ ୩୬୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୧୪,୮୫୦ ଟନ୍ କ୍ଷମତାର ସିବିଜି କାରଖାନା କରିବ। ଏଥିରେ ୭୪ଟି ନିଯୁକ୍ତି ସୁଯୋଗ ରହିଛି। ସେହିପରି ସୁନ୍ଦରଗଡ଼ରେ କେନୋଟ୍ ଗ୍ଲୋବାଲ୍ ଲିମିଟେଡ୍ ୧୭୦ କୋଟି ଟଙ୍କାରେ ୮,୨୫୦ ଟନ୍ କ୍ଷମତାର ସିବିଜି ପ୍ରକଳ୍ପ କରିବ। ଏଥିରେ ୨୦ ଜଣ ନିଯୁକ୍ତି ପାଇବେ। ବାଲେଶ୍ୱରରେ ଶ୍ରୀ ଟୋଟାଲ୍ ବାୟୋ ଏନର୍ଜି ଲିମିଟେଡ୍ ୧୫୦ କୋଟି ଟଙ୍କା ବିନିଯୋଗରେ ୬,୦୦୦ ଟନ୍ କ୍ଷମତାର ସିବିଜି ପ୍ରକଳ୍ପ କରିବ। ଏଥିରେ ୭୯ଟି ନିଯୁକ୍ତି ସୁଯୋଗ ରହିଛି। ଡାଉନ୍‌ଷ୍ଟ୍ରିମ୍ ଷ୍ଟିଲ୍ ଓ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ୩ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ୩୭୩.୮୦ କୋଟି ଟଙ୍କା ନିବେଶ ଓ ୬୩୪ଟି ନିଯୁକ୍ତି ସୁଯୋଗ ରହିଛି। ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ଖୋର୍ଦ୍ଧାରେ ୧ଟି ପ୍ରକଳ୍ପ ପାଇଁ ୧୧୭ କୋଟି ଟଙ୍କା ନିବେଶ ହେବ। ଏଥିରେ ୧,୨୦୦ଟି ନିଯୁକ୍ତି ସୁଯୋଗ ରହିଛି। ଏତଦବ୍ୟତୀତ ଖୋର୍ଦ୍ଧାରେ ଅଗ୍ରଗାମ ହେଲ୍ଥକେୟାର ପ୍ରାଇଭେଟ୍ ଲିମିଟେଡ୍ ୧୫୬.୭୬ କୋଟି ଟଙ୍କା ବିନିଯୋଗରେ ଔଷଧ ଉତ୍ପାଦନ କାରଖାନା କରିବ। ଏଥିରେ ୫୦୦ଟି ନିଯୁକ୍ତି ସୁଯୋଗ ରହିଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ୬ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ମୋଟ ୭୩୫.୭୨ କୋଟି ଟଙ୍କା ନିବେଶ ଓ ୧,୩୩୩ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲିଣ୍ଡେ ସାଉଥ ଏସିଆ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୮୨ କୋଟି ଟଙ୍କା ବିନିଯୋଗରେ ଏକ ଗ୍ଲୋବାଲ୍ କମ୍ପିଟେନ୍ସ ସେଣ୍ଟର ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପରେ ୨୧୦ଟି ନିଯୁକ୍ତି ସୁଯୋଗ ରହିଛି।

ଜ୍ଞାନେଶଙ୍କ ବିରୋଧରେ...

ପୂର୍ବତନ ବାଚସ୍ପତି ମାରା କୁମାର ବୈଠକରେ ଅଧକ୍ଷତା କରିବେ। ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବି କରୁଛନ୍ତି। ଖଡ଼ଗେ କହିଛନ୍ତି, ଗଣତନ୍ତ୍ର ସୁରକ୍ଷା ପାଇଁ ବିରୋଧୀଙ୍କ ଲଢ଼େଇ ଜାରି ରହିବ। ନଭେମ୍ବର ୧ରେ ମଧ୍ୟ ଏକ ବଡ଼ ରାଲି ଆୟୋଜନ କରାଯିବ। କଂଗ୍ରେସ ନେତା ଗୌରବ ଗୋଗୋଇ କହିଛନ୍ତି, ଏସ୍‌ଆଇଆର୍ ଓ ଭୋଟ୍ ଚୋରି ସମ୍ପର୍କିତ ପ୍ରସଙ୍ଗ ଉପରେ ସାର୍ବଜନୀନ ଆଲୋଚନା ହେବା ଆବଶ୍ୟକ। ଇତିମଧ୍ୟରେ ଭୋଟ ଚୋରି ଓ ନିର୍ବାଚନୀ ଅନିୟମିତତା ବିରୋଧରେ ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ହେବାକୁ ଥିବା 'ବଲୋ ଦିଲ୍ଲୀ' ରାମଲୀଳା ଗର୍ଜ୍ଜନ'କୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ସମର୍ଥନ ଜଣାଇଛନ୍ତି। 'ଭୋଟ ବିପଦରେ ଥିବାବେଳେ ନିରବ ରହିବା ଆଉ ବିକଳ୍ପ ନୁହେଁ' ବୋଲି ସେ 'ଏକ୍ସ'ରେ ଲେଖିଛନ୍ତି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଛାତ୍ରଛାତ୍ରୀ, ଯୁବବର୍ଗ, ମହିଳା, ଶ୍ରମିକ ଓ ସାମାଜିକ ସଂଗଠନଗୁଡ଼ିକୁ ରାଲିରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ରାଲିରେ ସାମିଲ ହେବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆନ୍ଦୋଳନକାରୀ ପୁଲିସ କିମ୍ବା ଏହାର ଲାଠିକୁ ଡରିଯିବା ଉଚିତ ନୁହେଁ।

ପୁଲିସ ଉଷ୍ଟବିନ୍‌ରେ...

ଅନ୍ୟ ଗ୍ରାମାଞ୍ଚଳ ଓ ଉପାନ୍ତ ଦ ଭିଳ କରାଯାଉ। ରାଜଧାନୀ ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ପୁରୀ, ଖୋର୍ଦ୍ଧା ପରି ସହରାଞ୍ଚଳରେ ବି ଥାନା ଓ ଫାଣ୍ଡିର ସିସିଟିଭି ଅଚଳ ଥିବା ଦେଖାଯାଉଛି। ଥାନାରେ ସିସିଟିଭି ଅଚଳ ହେବାର କାରଣ ବୁଝେଇବାକୁ ଯାଇ ପୁଲିସ ପବନ, ବିଦ୍ୟୁତ୍ ସରବରାହକୁ ବାଧା କରାଯାଉଛି। କାଉନ୍ତପୁର ହୋଇ ନ ଥିବାରୁ ଭୁବନେଶ୍ୱର ସହରାଞ୍ଚଳରେ ଏୟାରଫିଲ୍ଡ ଥାନାରେ ନୂଆ ସିସିଟିଭି ଲାଗି ପାରୁ ନ ଥିବା କୁହାଯାଉଛି। ଭୌଗୋଳିକ ଦୃଷ୍ଟିରୁ ଏସବୁ ଏୟାରପିଲ୍ଡ ଥାନାର ପୁରୁଣା ବିଲ୍ଡିଂର ସିସିଟିଭିକୁ ବନ୍ଦ କରିଦିଆଯାଇଛି। ସିସିଟିଭି ଚଲାଇବା ପାଇଁ ରାଜ୍ୟ ପୁଲିସ ଜେତେ ଯଦଦାନ ଆସନ୍ତି ତାହା ଏଥିରୁ ସ୍ପଷ୍ଟ ଜଣାପଡ଼ୁଛି।

କୁହାଯାଉଛି ଯେ ପୁରୀ ମେରାଇନ୍ ଥାନାରେ ସିସିଟିଭି ସିଷ୍ଟମ ଲୁଣପାଣି ଯୋଗୁଁ ଅଚଳ ହୋଇଯାଇଛି। କିଛିଥାନା ଭିତରେ ଏବଂ ଭୋଗରେ ସିସିଟିଭି ଅଚଳ ପଡ଼ିରେ ବକ୍ସପାତ ଓ ବିଜୁଳି ସରବରାହରେ ସମସ୍ୟା ବୋଲି ଦର୍ଶାଯାଉଛି। ଜଗତସିଂହପୁରରେ ବିଭିନ୍ନ ଥାନା ସିସିଟିଭି ଅଚଳ ପଡ଼ିରେ କୌଣସିକ କାରଣ ଥିବା ଦର୍ଶାଯାଉଛି। ସୁନ୍ଦରଗଡ଼ ଟାଉନଥାନା, ପୁରୀ କୁମାରପଡ଼ା ଥାନା, ତାରିଛକ ଥାନା, ସମ୍ବଲପୁର ହୀରାକୁଦ, ମୟୂରଭଞ୍ଜ ମୁଣ୍ଡାଥାନା, କଟକ ଗ୍ରାମାଞ୍ଚଳର ଓଲଟପୁର, ଭଦ୍ରକ ଧାମନଗର, ମୟୂରଭଞ୍ଜ ଜମାଦା, ବ୍ରହ୍ମପୁର ଗୋଲନ୍ଥରା, ଖୋର୍ଦ୍ଧା ଜଟଣି, କେନ୍ଦୁଝର ପଟଣା ଥାନା ଏବଂ ଅନୁଗୋଳ ଅଠମଲ୍ଲିକ ଥାନାର ମାସ ମାସ ଧରି ବିଭିନ୍ନ କାରଣରୁ ସିସିଟିଭି ଅଚଳ। ସେହିପରି ଭିଜିଲାନ୍ସ କାରଣରୁ ରାଜ୍ୟର ବିଭିନ୍ନ ଥାନା ଗୁଡ଼ିକରେ ମୋଟ ୬୭୫ଟି ସିସିଟିଭି କାମ କରୁ ନଥିବା ସୂଚନା ମିଳିଛି। ଅନ୍ୟପଟରେ ୨୬୫ଟି ଫାଣ୍ଡିରେ ଲାଗିଥିବା ସିସିଟିଭି ମଧ୍ୟରୁ ୫୫ଟି ସିସିଟିଭିର ଅଡିଓ ରେକର୍ଡିଂ ମୋଡ୍ୟୁଲ୍ ଚାଲିଯାଇଛି।

ବିଗତ ବର୍ଷରେ ଉରଡପୁର ଥାନାରେ ଜଣେ ମହିଳାଙ୍କୁ ପୁଲିସ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ସିସିଟିଭି ନ ଥିବାରୁ ପ୍ରାରମ୍ଭିକ ଭାବେ ପ୍ରମାଣ ଯୋଗାଡ଼ କରିବା କାଠିକର ପାଠ ହୋଇଗଲା। ପୁଲିସ ନିଜ ଇଚ୍ଛା ମୁତାବକ ମୋବାଇଲରେ ପ୍ରସ୍ତୁତ କରିଥିବା ଭିଡିଓ ଫୁଟେଜ ହିଁ ବାହାରେ ପ୍ରଘଟ କରାଇଲା। ସେଠାରେ କଣ ଘଟିଥିଲା ତାହା ବୁଝିବା ପାଇଁ ସିସିଟିଭି ଲଗାଯାଇ ନ ଥିଲା ତାହାକୁ ନେଇ ଦୁନି ତୋପାମ୍ ହୋଇଥିଲା। ଏସମ୍ପର୍କରେ ଆଇନଜୀବୀ ବବିତା ଦାସ କହିଛନ୍ତି ଯେ ଥାନାରେ ସିସିଟିଭି ଆଇନି ପୁଲିସ ବିରୋଧରେ ମାଲ ମାଲ ଅଭିଯୋଗ ଆସିଛି। ସିସିଟିଭି ନ ରହିଲେ ପୁଲିସର ନିର୍ଯାତନା କେତେ ବଢ଼ିବ ଅନୁମାନ କରିବା କଷ୍ଟକର। ଏଣୁ ପ୍ରତ୍ୟେକ ଥାନାରେ ସିସିଟିଭି ବାଧ୍ୟତାମୂଳକ ହେବା ଆବଶ୍ୟକ ବୋଲି ଶ୍ରୀମତୀ ଦାସ କହିଛନ୍ତି।

ଡିଜିଟାଲ୍ ଠକେଇରେ ବ୍ୟାଙ୍କ...

ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ବେଞ୍ଚ ଏପରି ଆଦେଶ ଦେବା ସହିତ କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ। ଏହି ଖଣ୍ଡପୀଠରେ ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନା ମଧ୍ୟ ଅଛନ୍ତି। ଖଣ୍ଡପୀଠ କହିଲେ ଯେ ସରକାରୀ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ସାଇବର ଅପରାଧ ୫୦ ପ୍ରତିଶତ କମିଛି। ଏହାସତ୍ତ୍ୱେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଡିଜିଟାଲ ଠକେଇର ଶିକାର ହୋଇ ୮୦୦ କୋଟି ଟଙ୍କା ହରାଇଲେଣି ଆକାଉଣ୍ଟଧାରୀ। ଏହା କିପରି ସମ୍ଭବ ହୋଇପାରିଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏଥାକୁ ରୋକିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ରେଗୁଲେଟୋରି ପ୍ରେମୱର୍କ କରିବାକୁ ଯାଉଛି। ତେବେ ଏଥିରେ ଆଉଥିଆ ସତର୍କତା ସହିତ କ୍ଷତିପୂରଣ ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିକ ଉତ୍ତରଦାୟୀତ୍ୱ ରହିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆର୍ଥିକ ସଂସ୍ଥାର ଯାଞ୍ଚ ଓ ସତର୍କତାରେ ଅବହେଳା ଯୋଗୁଁ ଠକେଇ ହୋଇଥିବା ପ୍ରମାଣିତ ହେଲେ, ପାଡ଼ିତଙ୍କୁ କ୍ଷତିପୂରଣ ମିଳିବାର ବ୍ୟବସ୍ଥା କରାଯିବା ଉଚିତ। ଡିଜିଟାଲ ଗିରଫଦାରୀ ଭଳି ଠକେଇରେ ଅସ୍ୱାଭାବିକ ଆର୍ଥିକ କାରବାର ଚିହ୍ନଟ ହେଲେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦେବା ବ୍ୟାଙ୍କର ଦାୟିତ୍ୱ ବୋଲି ମଧ୍ୟ କୋର୍ଟ କହିଛନ୍ତି।

ଆକାଉଣ୍ଟଧାରୀଙ୍କ ସୁରକ୍ଷା ପାଇଁ ବ୍ୟାଙ୍କ ବିଶେଷ ଭାବେ ଚିନ୍ତିତ ନଥିବା କୋର୍ଟ କହିଛନ୍ତି। ବ୍ୟାଙ୍କରେ ସାଧାରଣତଃ ଦୁଇ ପ୍ରକାର ଆକାଉଣ୍ଟ ଥାଏ। ଗୋଟିଏ ଆକାଉଣ୍ଟରେ ବ୍ୟବସାୟୀମାନେ କୋଟି କୋଟି ଟଙ୍କାର କାରବାର କରନ୍ତି। ଅନ୍ୟ ଆକାଉଣ୍ଟରେ ସାଧାରଣ ଲୋକ ଏବଂ ଅବସରପ୍ରାପ୍ତ କର୍ମଚାରୀ କାରବାର କରନ୍ତି। ଏହି ବର୍ଗର କଷ୍ଟମର କମ୍ ପରିମାଣର ଅର୍ଥ ଉଠାଉଥିବା ବେଳେ ଏଥିରେ ଅଚାନକ ବ୍ୟତିକ୍ରମ ଦେଖାଦେଲେ ବ୍ୟାଙ୍କ କାହିଁକି ଧରିପାରୁ ନାହିଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

ବ୍ୟାପକ ସଚେତନତା ସତ୍ତ୍ୱେ ଡିଜିଟାଲ ଆରେଷ୍ଟ କେମିତି ବୃଦ୍ଧି ପାଉଛି ବୋଲି କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମୋବାଇଲ ଫୋନରେ ଜଣେ କେମିତି ଗିରଫ ହେବ, ଏହି କଥାକୁ ବିଶ୍ୱାସ କରିହେଉ ନାହିଁ। ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଯେ ଶିକ୍ଷିତ ଲୋକ ଏହି ଜାଲରେ ପଡ଼ିଯାଉଛନ୍ତି। ଚଳିତ ବର୍ଷ ଏଯାଏଁ ଡିଜିଟାଲ ଠକେଇରେ ଲୋକେ ପ୍ରାୟ ୮୦୦ କୋଟି ଟଙ୍କା ହରାଇଥିବା କୋର୍ଟ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ହ୍ୱାଟ୍ସଆପକୁ ମଧ୍ୟ ପକ୍ଷ ରଖିବାକୁ ଅନୁମତି ମିଳିଛି। ହ୍ୱାଟ୍ସଆପ ପକ୍ଷରୁ ୯,୪୦୦ ସନ୍ଦିଗ୍ଧ ଆକାଉଣ୍ଟ ବନ୍ଦ କରାଯାଇଥିବା କୁହାଯାଇଛି। ଏହି ଶୁଣାଣି ଗ୍ରେଟର ନୋଏଡାର ପ୍ରଥମ ଡାକ୍ତର ବ୍ୟାଙ୍କ ଶାଖାରୁ ୩୫ କୋଟି ଟଙ୍କା ଗାଏବ ହେବା ଘଟଣା ପରିପ୍ରେକ୍ଷୀରେ ଗୁରୁତ୍ୱ ବହନ କରୁଛି। ଘଟଣା ପରେ ବ୍ୟାଙ୍କ ପକ୍ଷରୁ ଶାଖା ପରିଚାଳକଙ୍କ ସମେତ ପାଞ୍ଚ ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

ଆବଶ୍ୟକ
ଝାରପୋଖରିଆ ଟୋଲ୍ ପ୍ଲାଜା, ମୟୂରଭଞ୍ଜ, ଓଡ଼ିଶା ଠାରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀ (ଅସ୍ତ୍ର ଲାଇସେନ୍ସପ୍ରାପ୍ତ) ଆବଶ୍ୟକ।
ଯୋଗାଯୋଗ
8130006980

NOTICE FOR LOSS OF DOCUMENTS

Notice is hereby given from Prasanta Kumar Biswal that, he has applied for loan to LIC HFL. But at present he has lost the Original Link Documents i.e. Sale Deed No. 3723 dtd. 26/05/2001 & ROR of Khata No.: 1330/5715, which were kept with him and in-spite of his best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property in the missing documents, he/she has to claim before the LIC HFL, Kataka within 15 days from the date of publication. And after that the document will lose its legal force and LIC HFL, KATAKA will not be responsible for any claim What-so-ever on the property after 15 days.

Address for Communication: LIC HFL, Kataka, B. K. Pattanaik, Advocate, Mob. No. : 9337395558

କଟକ ଉନ୍ନୟନ କର୍ତ୍ତୃପକ୍ଷ
KDA
ଅରୁଣୋଦୟ ଭବନ, ଲିଙ୍କ ରୋଡ୍, କଟକ-12
13001/12827/2627

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ ରେ ପ୍ଲଟ୍ ନଂ-13-3C/1321 ଚିକୁଡ଼. ସଂଗ୍ରଜ୍ଞା ଏସ୍. ମହାନ୍ତି, ସ୍ୱାମୀ-ସ୍ୱର୍ଗତ ସବ୍ୟସାଚୀ ପି. ମହାନ୍ତି, ସା-ବେପାରୀ ସାହି, ବକ୍ସି ବଜାର, ପୋ-ବକ୍ସି ବଜାର, ଥା-କଟକ ସଦର, ଜିଲ୍ଲା-କଟକ, ଓଡ଼ିଶା କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଚ. ସଂଗ୍ରଜ୍ଞା ଏସ୍. ମହାନ୍ତିଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଶ୍ରୀ ଅମିତ ସବ୍ୟସାଚୀ ମହାନ୍ତି, ପିତା-ସ୍ୱର୍ଗତ ସବ୍ୟସାଚୀ ପି. ମହାନ୍ତି ଏବଂ ମାତା-ସ୍ୱର୍ଗତା ସଂଗ୍ରଜ୍ଞା ଏସ୍. ମହାନ୍ତି, ସା-ବେପାରୀ ସାହି, ବକ୍ସି ବଜାର, ପୋ-ବକ୍ସି ବଜାର, ଥା-କଟକ ସଦର, ଜିଲ୍ଲା-କଟକ, ଓଡ଼ିଶା ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାର ସୂତ୍ରରେ ତାଙ୍କ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପାଖରେ ଆବେଦନ କରିଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ବିଜ୍ଞପ୍ତି ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ଉପରୋକ୍ତ ସମୟରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR- 13001/13037/1/26-27/0129 | ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OFFICE OF THE DIVISIONAL FOREST OFFICER, MALKANGIRI
E-Mail: dfo.malkangiri@odisha.gov.in | 8001/418/2627

CORRIGENDUM

The advertisement for the engagement of a Wildlife Veterinary Assistant on a contractual basis under Malkangiri Forest Division, issued vide this office Letter No. 5380 dated 14.10.2026, is hereby postponed until further notice due to unavoidable circumstances.

Divisional Forest Officer,
Malkangiri Forest Division.

OIPR-8001/8109/1/26-27/0006

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
बँक ऑफ महाराष्ट्र Bank of Maharashtra
भारत सरकार का उद्यम
एक परिवार एक बैंक
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

ଡିମାଣ୍ଡ ନୋଟିସ୍

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କ୍ର. ନଂ.-୧ ପାଇଁ କଟକ ଶାଖା ଏବଂ କ୍ର. ନଂ.-୨ ପାଇଁ କଳିଙ୍ଗ ନଗର ଶାଖା ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଥିଲା ଏବଂ ଆପଣ ଏହା ପ୍ରାପ୍ତ କରିଥିଲେ। ଋଣ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଥିଲେ ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଥିଲେ। ଆମର ବାରମ୍ବାର ରିମାଇଣ୍ଡର ବାବଦରେ, ଆପଣମାନେ ଆପଣମାନଙ୍କ ବକେୟା ଦେୟ ପରିଶୋଧ କରୁନାହାନ୍ତି। ଏଣୁ ଋଣ ସୁବିଧା ମୁତାବକ ଆପଣଙ୍କ ଖାତା ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ମଣ୍ଡଳ** ଋଣଗ୍ରହିତାମାନଙ୍କୁ ବ୍ୟାଙ୍କର ଦେୟ ଆଦାୟ ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ଯୋଗେ ପଠାଯାଇଥିବା ଏ.ଡି. / ସ୍ପିଡ୍ ପୋଷ୍ଟ ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଲିଖିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିଲା ନାହିଁ। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

କ୍ର. ନଂ	ଋଣଗ୍ରହୀତା / ଜାମିନଦାର ଓ ଶାଖାର ନାମ ଏବଂ ଠିକଣା	ପ୍ରକାର / ଋଣ ପରିମାଣ	ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ ବକେୟା ଦେୟ	ଜାମିନ ବିବରଣୀ ବନ୍ଧକ / ହାଇପୋଥେକେଟ୍ କରାଯାଇଥିବା ସମ୍ପତ୍ତି
୧	**କଟକ ଶାଖା** ୧) ଋଣଗ୍ରହୀତା: ମେସର୍ସ ଶ୍ରୀ ଶ୍ୟାମ ଜନତା, ଆଲୋଇଡ୍, ଏହାର ସତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ କୁମାର ଅଗ୍ରୱାଲ, ମାଧବରେ, ସା-ପ୍ଲଟ୍ ନଂ.-୩୪୫/୨୬୫୩/୩୨୭୮, ଚୌଦ୍ୱାର ମଙ୍ଗଳା ମନ୍ଦିର ନିକଟ, ଚୌଦ୍ୱାର କଲେଜ ପଛେ, କଟକ, ଓଡ଼ିଶା-୭୫୪୦୨୫ ୨) ଋଣଗ୍ରହୀତା: ଶ୍ରୀ ସନ୍ଦୀପ କୁମାର ଅଗ୍ରୱାଲ, ପିତା-ଶ୍ରୀ ସୁବାସ ଚନ୍ଦ୍ର ଅଗ୍ରୱାଲ, ସା-ରାଣୀ ମନ୍ଦିର, କଟକ ସଦର, କଟକ, ଓଡ଼ିଶା-୭୫୩୦୦୧	CC-MAHA-MSE CGT<=25L_NEW / ଟ.୨୫.୦୦ ଲକ୍ଷ ମାତ୍ର; TLMAHA-MSE CGT<=25L_NEW / ଟ.୧୫.୦୦ ଲକ୍ଷ ମାତ୍ର	୦୮.୦୮.୨୦୨୫ / ୧୩.୧୦.୨୦୨୬ / ତା.୧୩.୧୦.୨୦୨୬ ସୁଦ୍ଧା ଟ. ୨୮,୪୪,୬୬୬.୭୭ + ଏବେଠାରୁ ପରବର୍ତ୍ତୀ ସୁଧ; ୦୮.୦୮.୨୦୨୫ / ୧୩.୧୦.୨୦୨୬ / ତା.୧୩.୧୦.୨୦୨୬ ସୁଦ୍ଧା ଟ. ୨୬,୭୯,୦୭୯.୩୪ + ଏବେଠାରୁ ପରବର୍ତ୍ତୀ ସୁଧ	ସମାନ ବନ୍ଧକ ଥିବା ଜମି ଏବଂ ବିଲ୍ଡିଂର ବିବରଣୀ ନିମ୍ନପ୍ରକାରେ: ଶ୍ରୀ ସନ୍ଦୀପ କୁମାର ଅଗ୍ରୱାଲଙ୍କ ନାମରେ ସମାନ ବନ୍ଧକ ଥିବା ହେଉଛି ସମସ୍ତ ଜମି ଏବଂ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର ଗ୍ରାମ/ମୌଜା-କେନ୍ଦ୍ରପଡ଼ା, ନରସିଂହପୁର, ପୋ-ଟାଙ୍ଗୀ ଚୌଦ୍ୱାର, ଥାନା-ଜଗତପୁର, ତହସିଲ-ଜଗତପୁର, ଜିଲ୍ଲା-କଟକ, ସିଏସ୍ ଏସ୍‌ଟେଟ୍‌ଖାତା ନଂ.-୨୭୮/୧୧୯୯, ଅନୁଗୁଳ ଖାତା ନଂ.-୭୦୯/୧୧୯୯, ପ୍ଲଟ୍ ନଂ.-୧୮୭୯/୩୨୦୪, ୨୦୦୦ ବର୍ଗଫୁଟ ମାପ ବିଶିଷ୍ଟ। ଯାହାର ଚତୁଃସୀମା ନିମ୍ନପ୍ରକାର ଅଟେ: ପୂର୍ବ-ବିକ୍ରେତାଙ୍କ ସମ୍ପତ୍ତି, ପଶ୍ଚିମ-ରାସ୍ତା, ଉତ୍ତର-ରାସ୍ତା, ଦକ୍ଷିଣ-ପ୍ଲଟ୍ ନଂ.-୧୨୭୫
୨	**କଳିଙ୍ଗ ନଗର ଶାଖା** ୧) ଋଣଗ୍ରହୀତା: ଶ୍ରୀ/ଶ୍ରୀମତୀ ରେଣୁକା ଦାସ, ସ୍ୱାମୀ-ସୁଦର୍ଶନ ନାୟକ, ନଟିଆ, ମହାଲକ୍ଷ୍ମୀପୁର, ବାଲେଶ୍ୱର, ଓଡ଼ିଶା-୭୫୬୦୪୩	Term Loan (MAHA SUPER CAR LN ୨୦୨୧)	୦୯.୦୯.୨୦୨୬ / ୧୬.୦୮.୨୦୨୬ / ତା.୧୮.୦୯.୨୦୨୬ ସୁଦ୍ଧା ଟ. ୧୧,୩୩,୮୨୪/- + ବର୍ତ୍ତମାନ ତାରିଖ ପର୍ଯ୍ୟନ୍ତ ସୁଧ	ସୁରକ୍ଷା: ଶ୍ରୀ/ଶ୍ରୀମତୀ ରେଣୁକା ଦାସଙ୍କ ନାମରେ ବନ୍ଧକ ଯାନ (ସମ୍ପତ୍ତି) ଏହାର ବିବରଣୀ ନିମ୍ନରେ ଦିଆଯାଇଛି-ଯାନବାହାନ ବିବରଣୀ ପଞ୍ଜିକରଣ ନଂ.-24BH9673K, ନିର୍ମାଣ ବର୍ଷ-୨୦୨୪, ମଡେଲ୍ ଓ ଋଣ-ELEVATE/ZX MT PLATINUM ସହିତ ଚେସିସ୍ ନଂ.-MAKDG577CR4006215, ଇଞ୍ଜିନ ନଂ.-L15ZD2238351, ବୀମା ବିବରଣୀ-ROYAL SUNDERAM INSURANCE HOBL128326000100.

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେସି) ଅନୁଯାୟୀ ବ୍ୟାଙ୍କ ଏହା ଦ୍ୱାରା ଋଣ ସୁବିଧାର ବକେୟା ପରିଶୋଧ କରିବା ନିମନ୍ତେ ଆପଣଙ୍କୁ ଆହ୍ୱାନ କରୁଛନ୍ତି ଏବଂ ଏହି ନୋଟିସ ପ୍ରକାଶନର ୬୦ ଦିନ ମଧ୍ୟରେ ଉପରୋକ୍ତ ଦେୟ ସୁଧ ସହିତ ପରିଶୋଧ କରିବାକୁ ଦାବି କରୁଛନ୍ତି। ନଚେତ୍ ଉପରୋକ୍ତ ଆକ୍ଟର ଧାରା ୧୩ (୪) ଅଧୀନରେ ଜାମିନ ସମ୍ପତ୍ତି ଉପରେ ଦଖଲ ନେବା ଓ ବିକ୍ରି କରିବା ସମେତ ବ୍ୟାଙ୍କ ଆଇନଗତ ପଦକ୍ଷେପ ନେବାକୁ ବାଧ୍ୟ ହେବ। ଜାମିନ ସମ୍ପତ୍ତିର ବିକ୍ରି ସମ୍ପର୍କରେ ଆକ୍ଟର ଧାରା ୧୩ (୮) ଅଧୀନରେ ଆପଣଙ୍କ ଅଧିକାର ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଆକ୍ଟର ଧାରା ୧୩ (୧୩) ଅନୁଯାୟୀ, ବ୍ୟାଙ୍କର ଲିଖିତ ସମ୍ମତି ବିନା ଆପଣ ଉପରୋକ୍ତ ଜାମିନ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ପ୍ରକାରେ ହସ୍ତାନ୍ତର କରିପାରିବେ ନାହିଁ। ଏହି ଉଲ୍ଲଂଘନ ଅପରାଧ ଅଟେ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୯.୧୦.୨୦୨୬ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

WANTED

Retired Employees and retired security personnel (holding arms licenses) are required at Jharpokharia Toll Plaza, Mayurbhanj, Odisha.

Contact
8130006980

AFFIDAVIT

By virtue of an affidavit sworn before the Executive Magistrate, Anandapur, on 27.10.2026, I, Sunil Tiyu, S/o Sundara Tiyu, resident of At-Baruan, P.O.-Baladuan, P.S.-Anandapur, Dist.-Keonjhar, Odisha-758021, do hereby declare that I have changed my name from Sunil Ho to Sunil Tiyu. Henceforth, I shall be known as **Sunil Tiyu** for all purposes.

Sd/- Sunil Tiyu

AFFIDAVIT

By virtue of an affidavit (SL No. A/35, dtd- 28.10.2026) sworn before The Executive Magistrate, Panposh, Raurkela. I, **Kavita Sahu** (applicant name), W/o Mohan Sahu, resident of Sitalnagar, PO/PS: Bondamunda, Raurkela, Dist: Sundargarh, State: Odisha, PIN-770032 declare that I have changed my minor daughter's name from **Prachi Sahu** (old name) to **Barkha Sahu** (new name). Henceforth, she shall be known as **Barkha Sahu** (new name) for all purposes.

Kavita Sahu

AFFIDAVIT

By virtue of an affidavit sworn before the Notary Public, Sonepur, dated 12.10.2026 I, Rajat Barakhuntia, Address: At-sahajbahal, Po- Sankara, Ps-Binika, Dist- Subarnapur, Pin-767019, ODISHA declare that I have changed my name from **Rajit Barakhuntia** to **Rajat Barakhuntia**. Henceforth, I shall be known as **"Rajat Barakhuntia"** for all purposes.

Rajat Barakhuntia

AFFIDAVIT

By virtue of an affidavit sworn before The Notary Public, Titilagarh, on dated- 29/10/2026. I, **Maniram Samarath** (applicant name), S/o Lakinath Samarath, permanent & current resident of AT/PO: Temurupali, PS: Mathili, Dist: Malkangiri, State: Odisha, PIN: 764044 declare that I have changed my minor son's name from **Yaswant Samarth** (old name) to **Jasabanta Samarath** (new name). Henceforth, he shall be known as **Jasabanta Samarath** (new name) for all future purposes.

Maniram Samarath

AFFIDAVIT

I, Malati Behera legally Wife of Muralidhara Behera, permanent resident of Vill-PO Kandarsinagha, PS-Parjanga, Dist- Dhenkanal, State- Odisha, PIN- 759120 have corrected my date of birth from **(01.01.1969)** to **(18.11.1965)** in my son's Army Service Record No-**4289735Y**, vide affidavit No-1204, dtd- 27.10.2026 before The Executive Magistrate, Parjang, Odisha.

AFFIDAVIT

I, Haresh Patel, aged about 60 years, S/o- Late Lalji Bhai Patel, At-282, Kali Mandir Road, Jharsuguda, PS/Dist-Jharsuguda, PIN-768202, Odisha declared by this affidavit No.7516, dtd- 14/08/2026 that now onwards I shall be known as **HARESH KUMAR PATEL** for all future purposes.

AFFIDAVIT

By virtue of an affidavit sworn before the Notary Public, Jajpur Road, dtd.24.10.2026. I, Nirod Kumar Mohapatra, Vill.-Pathara Pada, P.O./P.S.-Panikoili, Dist.-Jajpur-755043, declare that my correct name is Nirod Kumar Mohapatra but in passport records of my son Jyoti Ranjan Mohapatra, my name has been mentioned as Nirod Mohapatra. I hereby declare that Nirod Mohapatra and Nirod Kumar Mohapatra refer to one and the same person, being the father of Jyoti Ranjan Mohapatra. Henceforth I shall be known as **Nirod Kumar Mohapatra** for all purposes.

Sd/- Nirod Kumar Mohapatra

AFFIDAVIT

By virtue of an affidavit No. 3529 dated 26.10.26 sworn in front of the Executive Magistrate, Bolagada, Dist.-Khordha, Odisha, I, GITA RAUT, W/o- Baikuntha Raut, Aadhaar Card No. 5165 2491 0013, of Village- Chuda, P.O.- Dabardhuapatna, Via/P.S.-Bolagada, Dist.-Khordha, declare that I have changed my name from Kabita Raut to Gita Raut. Henceforth I shall be known as **Gita Raut** for all official and non-official purposes.

Sd/- Gita Raut

AFFIDAVIT

By virtue of an affidavit sworn before the Executive Magistrate, Bhadrak, on 26.10.2026, I, Saraswati Maharana, W/o Pravakar Sutar, Vill-Falpur, P.O.-Nadigaon, P.S.-Dhusuri, Dist.-Bhadrak, Odisha-756119, do hereby declare that Pravati Sutar, Pravati Maharana and Saraswati Maharana are one and the same person. I was known as Pravati Sutar as per my LIC policy no. 586552029 whereas my name is recorded as Saraswati Maharana in my bank passbook / Aadhaar records. Henceforth, I shall be known as **Saraswati Maharana** for all purposes.

Saraswati Maharana

ପଶ୍ଚିମ ରେଳବାଇ-ରତଲାମ
ଇ-ଟେଣ୍ଡର ବିଜ୍ଞପ୍ତି

କ୍ରମିକ ନଂ. ୧, ଇ-ଟେଣ୍ଡର ନଂ.: RTM-2026-27-105। କାର୍ଯ୍ୟର ନାମ: ମାଙ୍କି-ରତଲାମ - Blanketing Material ସହିତ Through Formation Treatment (TFTR) – ୨୩.୬୫୭ Tkm। ଆନୁମାନିକ ପରିମାଣ: ଟ.୩,୧୮,୦୦,୬୨୬.୦୩। ବଏଣା ରାଶି: ଟ. ୬୧,୨୬,୦୦୦। କାର୍ଯ୍ୟ ସମାପ୍ତି ଅବଧି: ୯ ମାସ। ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ: ୨୦.୧୧.୨୦୨୬ (୧୫.୦୦ ଘଣ୍ଟା)। କ୍ରମିକ ନଂ. ୨, ଇ-ଟେଣ୍ଡର ନଂ.: RTM-2026-27-1111। କାର୍ଯ୍ୟର ନାମ: ନାଗଦା-ଗୋଧରା ସେକ୍ସନରେ ୦୯ଟି ଷ୍ଟେସନରେ Automatic Block Signalling ସହିତ PI ର EI କାର୍ଯ୍ୟ ପାଇଁ EI ବିଲ୍ଡିଂ ନିର୍ମାଣ (ସିଭିଲ + ଇଲେକ୍ଟ୍ରିକାଲ) ସମ୍ବନ୍ଧିତ କାର୍ଯ୍ୟ। ଆନୁମାନିକ ପରିମାଣ: ଟ. ୧୫,୩୬,୭୯,୫୩୩.୦୧। ବଏଣା ରାଶି: ଟ. ୩୦,୭୫,୦୦,୦୦। କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ। ଟେଣ୍ଡର ଦାଖଲର ଶେଷ ତାରିଖ: ୨୭.୧୦.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ଟିକସ ର ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ। 0310

ଆମକୁ ଫଲୋ କରନ୍ତୁ facebook.com/WesternRly

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 40/ET/SBP/ENGG/2026-27, ତା.22.10.2026ରିଖ

(1) ଇ-ଟେଣ୍ଡର ସଂ. 09-eT-BRIDGE-SBP-26

କାର୍ଯ୍ୟର ବିବରଣୀ: ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ଦ୍ରୁତି ସମ୍ବଲପୁରଙ୍କ ପରିସୀମା ଅଧୀନରେ ଥିବା ଝାରସୁଗୁଡ଼ା ରୋଡ୍ (JSGR) - ବ୍ରଜରାଜ (BUDM) ଏବଂ ସରଲିପାଲି (SRGP) - ହିମଗିରି (HNPA) ସେକ୍ସନ ମଧ୍ୟରେ 2026-27 ବର୍ଷ ପାଇଁ 02 ସଂ. TOWG, 07 ସଂ. ପ୍ଲେଟ ଗାର୍ଡର (Plate Girder) ଏବଂ 09 ସଂ. ରୋଡ଼ ଓଭର ବ୍ରିଜ (ROB) ର ସମ୍ପୂର୍ଣ୍ଣ ରଙ୍ଗ (ନିର୍ଦ୍ଧାରିତ) କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹1,43,29,356.70, ବିଡ୍ ସିକ୍ୟୁରିଟି: ₹2,86,600/-, କାର୍ଯ୍ୟ ଶେଷ ହେବା ଅବଧି: 10 (ଦଶ) ମାସ।

(2) ଇ-ଟେଣ୍ଡର ସଂ. 10-eT-SETT-SBP-26

କାର୍ଯ୍ୟର ନାମ: ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ସହାୟକ ମଣ୍ଡଳ ଯନ୍ତ୍ରୀ / ସେନ୍‌ଟ୍ରାଲ୍ / ସମ୍ବଲପୁରଙ୍କ ଅଧୀନରେ ଥିବା ସମ୍ବଲପୁର ସ୍ଟେସନରେ ଟେଲ୍ଡର A, B, C, D ଏବଂ E ରେ ଥିବା ରେଳ ଆବାସିକ କ୍ୱାର୍ଟରଗୁଡ଼ିକର ମରାମତି କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹1,98,36,896.50, ବିଡ୍ ସିକ୍ୟୁରିଟି: ₹3,96,800/-, କାର୍ଯ୍ୟ ଶେଷ ହେବା ଅବଧି: 10 (ଦଶ) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: 16.11.2026, 1500 ଘଣ୍ଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଟେଣ୍ଡରଦାତାମାନେ www.ireps.gov.in ୱେବସାଇଟରେ ସମ୍ପୂର୍ଣ୍ଣ ବିବରଣୀ ଦେଖିପାରିବେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ହାତ ଦ୍ୱାରା କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟେଣ୍ଡରଦାତାମାନେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ।

PR-515/R/26-27 | ମଣ୍ଡଳ ରେଳ ପ୍ରବନ୍ଧକ (କାର୍ଯ୍ୟନିର୍ବାହୀ) / ସମ୍ବଲପୁର

LOST

I, **Ramita Mahapatra**, aged about 43 years, W/o: Debasis Tripathy, resident of At: Telengapentha (In Front of Govt. Medical & Backside of Gandhi Smruti Pitha), PO: Telengapentha, PS: Kataka Sadar, Dist.: Kataka, PIN-754001, Odisha, do hereby solemnly affirm that the Original Regd. Sale Deed No.: 10391105750, dtd.13.05.2011 executed by Debaki Sahoo, W/o: Bahudi Sahoo in favour of Sanjaya Kumar Rath, S/o: Sachidananda Rath and Original Mutation Khata No.: 2/12, Plot No.: 1981, Area: Ac. 0.190 Dec., in the name of Sanjay Kumar Rath, S/o: Sachidananda Rath & Original Regd. Sale Deed No.: 10391011788, dtd.06.12.2010 executed by Bijay Kumar Prusty, S/o: Agani Prusty in favour of Smt. Debaki Sahoo, W/o: Bahudi Sahoo & Original Regd. Sale Deed No.: 10391006426, dtd.12.07.2010 executed by Santilata Sahoo, W/o: Rabindra Nath Sahoo & others in favour of Bijaya Kumar Prusty, S/o: Agani Sahoo & Original Mutation Khata No.: 697/29 & 2-D1, Plot No.: 1981, Area: Ac. 0.19 Dec., in the name of Rabindra Nath Sahoo, S/o: Kasinath Sahoo & Regd. Sale Deed No.: 2799, dtd. 05.05.1982 executed by Malati Behera, W/o: Uchhaba Behera & Jiban Behera, S/o: Uchhaba Behera in favour of Rabindra Nath Sahoo, S/o: Kasinath Sahoo of the previous owner to be deposited with the Bank. (Original) That, despite of all efforts, I could not trace the original Sale Deed till date. If anyone found, please contact on **Mob: 9437366322.**

ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସମୀକ୍ଷା ବୈଠକ

ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ବୌଦ୍ଧ, ୨୯।୧୦(ସମିସ)

ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁକୁ ରୋକିବା ସହିତ ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ଏବଂ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ପ୍ରାଥମିକତା ଦେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ସୁଶମା ସାହୁ ଉପସ୍ଥିତ ଅତିଥି ଓ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ପାୱାରପଏଣ୍ଟ ଉପସ୍ଥାପନ ମାଧ୍ୟମରେ ପରିବହନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ଯାଞ୍ଚ ଓ ଜରିମାନା ଆଦାୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

ଜିଲ୍ଲାପାଳ କହିଥିଲେ ଯେ, ସଡ଼କ ସୁରକ୍ଷା କ୍ଷେତ୍ରରେ କେବଳ ସଚେତନତା ନୁହେଁ, ବରଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ାକଡ଼ି ଆଇନଗତ କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଜରୁରୀ। ଆଗାମୀ ନଭେମ୍ବର ମାସକୁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ମାସ ଭାବେ ପାଳନ କରିବାପାଇଁ ସେ ସମସ୍ତ ବିଭାଗକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବାଧ୍ୟତାମୂଳକ ହେଲମେଟ୍ ଓ ସିଟ୍‌ବେଲ୍ଟ ପରିଧାନ, ମଦ୍ୟପ ଗାଡ଼ି ଚାଳକଙ୍କ ନିୟମିତ ଯାଞ୍ଚ, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ଉପରେ ନିୟନ୍ତ୍ରଣ, ରାସ୍ତା ଉପରେ ବାଲି ଓ ମେଟାଲ ଜମା ହେବା ରୋକିବା, ଭାରୀଯାନର ଅନିୟମିତ ପାର୍କିଂ, ବୁଲା ଗୋରୁଗାଈଙ୍କ ନିୟନ୍ତ୍ରଣ ଏବଂ ରାସ୍ତାରୁ ଜବରଦଖଲ ଉଚ୍ଛେଦ ଆଦି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଏସବୁ କ୍ଷେତ୍ରରେ ପରିବହନ, ପୋଲିସ, ଅବକାରୀ ବିଭାଗ, ପୌର ପରିଷଦ ଓ ତହସିଲ ପ୍ରଶାସନ ମିଳିତ ଭାବେ ଆବଶ୍ୟକ ପଦକ୍ଷେପ ନେବାକୁ, ପୌରାଞ୍ଚଳରେ ବୁଲା ଗୋରୁଗାଈଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅତିଶୀଘ୍ର ଗୋଶାଳା ନିର୍ମାଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜିଲ୍ଲାର ସମସ୍ତ ରାସ୍ତାରେ ଥିବା ଖାଲଖମା ମରାମତି କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

୨୦୨୬ ମସିହାର ପ୍ରଥମ ନଅ ମାସରେ ଜିଲ୍ଲାରେ ମୋଟ ୯, ୦୬୪ଟି ଚାଲାଣ କଟାଯାଇ ୨ କୋଟି ୨୫ ଲକ୍ଷ ୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ସିଟ୍‌ବେଲ୍ଟ ନ ପିନ୍ଧିବା ପାଇଁ ୧୪୨ଟି, ହେଲମେଟ୍ ନ ପିନ୍ଧିବା ପାଇଁ ୩, ୫୦୧ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୩, ୪୨୧ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୨୨୪ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ୯୬୬ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ପୋଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୧, ୫୨୫ଟି, ସିଟ୍‌ବେଲ୍ଟ ନ ପିନ୍ଧିବା ପାଇଁ ୧, ୬୦୬ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୩୯ଟି ଚାଲାଣ କରାଯାଇଥିବା ସୂଚନା ଦିଆଯାଇଥିଲା।

ଚଳିତ ବର୍ଷର ପ୍ରଥମ ନଅ ମାସ ମଧ୍ୟରେ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୬୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୬ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ମୃତ୍ୟୁହାର ହ୍ରାସ କରିବା ପାଇଁ ନିୟମିତ ଯାଞ୍ଚ ଓ ଜନସଚେତନତାକୁ ଅଧିକ ଗୁରୁତ୍ୱ ଦେବା ଉପରେ ମତ ପ୍ରକାଶ ପାଇଥିଲା।

ଏହି ଅବସରରେ ସଡ଼କ ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷା କରି ମାନବିକତାର ପରିଚୟ ଦେଇଥିବା ଅଟୋଚାଳକ ପ୍ରକାଶ କରଙ୍କୁ ଶ୍ରେଷ୍ଠ ସମରିଟାନ୍ ଭାବେ ୨, ୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେବା ସଂକଳ୍ପ ଅଭିଯାନ ଅଧୀନରେ ଆୟୋଜିତ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନା, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଆର୍ ଆଣ୍ଡ ବି ଯନ୍ତ୍ରୀ କୁନା ଚରଣ ସିଂ, ଜିଲ୍ଲା ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଓଏସ୍‌ଆର୍‌ଟିସି ମ୍ୟାନେଜର ଜୟକୃଷ୍ଣ ନନ୍ଦ, ଏନ୍‌ଏଚ୍‌ଏସ୍‌ଡିଓ ପ୍ରଶାନ୍ତ କୁମାର ସାହୁ, ଟ୍ରକ୍ ମାଲିକ ସଂଘ ସମ୍ପାଦକ ବିଶ୍ୱଜିତ୍ ମିଶ୍ର, ବସ୍ ମାଲିକ ସଂଘ ସଭାପତି ବୀରେନ୍ଦ୍ର ମୋହନ ଗୌଡ଼, ସମ୍ପାଦକ ଚିତ୍ତରଞ୍ଜନ ରାଜ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

କଂଗ୍ରେସର 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଆହ୍ୱାନ

ବୌଦ୍ଧ, ୨୯।୧୦(ସମିସ): ଏସଆଇଆର ପ୍ରସଙ୍ଗକୁ ନେଇ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ବୌଦ୍ଧ ସର୍କିଟ ହାଉସଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ବୌଦ୍ଧର ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି

ଏସ୍‌ଆଇଆରକୁ ନେଇ କଂଗ୍ରେସର ପ୍ରେସମିଟ

ସମ୍ମିଳନୀରେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ପର୍ଯ୍ୟବେକ୍ଷକ ମନୋଜ ରଜାନୀ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇବା ସହ ତାଙ୍କ ବିରୋଧରେ ଭୋଟ୍ ଚୋରି ସମ୍ପର୍କିତ ଅଭିଯୋଗ ଏବଂ ତାଙ୍କୁ

ସୁରକ୍ଷା ଦେବାକୁ ବିଜେପି ଉଦ୍ୟମ କରୁଥିବା ନେଇ ସେ ସମାଲୋଚନା କରିଥିଲେ। ନିର୍ବାଚନ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ପାଇଁ ସ୍ୱଚ୍ଛତା ଓ ନିରପେକ୍ଷତା ଅତ୍ୟନ୍ତ ଜରୁରୀ ବୋଲି ଦଳର ଆଭିମୁଖ୍ୟକୁ ସେ ଉପସ୍ଥାପନ କରିଥିଲେ। ଆସନ୍ତା ନଭେମ୍ବର ୧ ତାରିଖରେ ଦିଲ୍ଲୀଠାରେ ହେବାକୁ ଥିବା 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଆନ୍ଦୋଳନ ସମ୍ପର୍କରେ ମନୋଜ ରଜାନୀ ବିସ୍ତୃତ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁ, ସାଧାରଣ ସମ୍ପାଦକ ଦେବରାଜ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ତପନ କୁମାର ରାଉତ ରାୟ, ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପଲିଆ, ସିଦ୍ଧେଶ୍ୱର ଗିରି ଓ ସମରେଶ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଦାଦନ ଖଟିବାକୁ ଯାଇ ନିଖୋଜ ପୁଅ

ମା' ଆଖିରୁ ଶୁଖୁନି ଲୁହ

ଖଡ଼ିଆଳ, ୨୯ ।୧୦(ସମିସ): ଘରର ଏକମାତ୍ର ରୋଜଗାରିଆ ପୁଅ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଛି। ଶେଷଥର ଫୋନ୍ କରି ମା'ଙ୍କୁ କହିଥିଲେ, ଘରକୁ ଫେରୁଛି। ହେଲେ ସେହି ଫୋନ୍ କଲ୍ ପରଠାରୁ ଆଉ ମିଳୁନି ପୁଅର ପତ୍ତା। ମୋବାଇଲ୍ ଫୋନ୍ ମଧ୍ୟ ସୁଇଚ୍‌ଅଫ୍। ପୁଅର ଫେରିବା ବାଟକୁ ଚାହିଁ ଚାହିଁ ଦିନରାତି ଲୁହ ଗଡ଼ାଉଛନ୍ତି ବିଧବା ମା'। ପୁଅର ଅନୁପସ୍ଥିତିରେ ଘରର ପରିବେଶ ଶୋକାକୁଳ ହୋଇପଡ଼ିଥିବା ବେଳେ ତାଙ୍କୁ ଖୋଜି ବାହାର କରିବାକୁ ପରିବାର ଓ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ବାଦୀ ଗାଁରେ ଦେଖିବାକୁ ମିଳିଛି। ଗାଁର ଟିକେ ଶତନାମୀ ରୋଜଗାର ଆଶାରେ ଗତ ସେପ୍ଟେମ୍ବର ୧୯ ତାରିଖରେ ସ୍ଥାନୀୟ ଯୁବକଙ୍କ ସହ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କିଛି ଦିନ କାମ କରିବା ପରେ କୌଣସି କାରଣରୁ ଘରକୁ ଫେରିବା ପାଇଁ ବାହାରିଥିଲେ। ଗତ ସେପ୍ଟେମ୍ବର ୨୨ ତାରିଖରେ ଟିକେ ନିଜ ମା'ଙ୍କୁ ଫୋନ୍ କରି ଘରକୁ ଫେରୁଥିବା ଜଣାଇଥିଲେ। ତେବେ ଏହାପରଠାରୁ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରି ନାହିଁ। ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍‌ଅଫ୍ ରହିଥିବାରୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଛି। ସାଙ୍ଗରେ ଯାଇଥିବା ଯୁବକଙ୍କ କହିବା ଅନୁଯାୟୀ, ଟିକେ ବିଶାଖାପାଟଣାରୁ ନିଖୋଜ ହୋଇ ଯାଇଛନ୍ତି। ଏହି ଘଟଣାକୁ ନେଇ ବିଭିନ୍ନ ରେଳ ଷ୍ଟେସନ୍‌ର ଜିଆର୍‌ପି ଥାନା ସମେତ ଖଡ଼ିଆଳ ଥାନାରେ ନିଖୋଜ ସମ୍ପର୍କିତ ଅଭିଯୋଗ କରାଯାଇଛି। ତଥାପି ଏଯାଏଁ ତାଙ୍କର କୌଣସି ଖୋଜଖବର ମିଳିପାରିନାହିଁ।

ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବଳ ବର୍ଷା

ବୀରମହାରାଜପୁରରେ ସର୍ବାଧିକ ୧୨୯ ମିମି

ତରଭା, ୨୯।୧୦(ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ ମିଳିଥିବା ସୂଚନାନୁଯାୟୀ ୨୮ ତାରିଖ ସକାଳ ୮.୩୦ ରୁ ୨୯ ତାରିଖ ସକାଳ ୮.୩୦ ପର୍ଯ୍ୟନ୍ତ ଜିଲ୍ଲାରେ ହାରାହାରି ବର୍ଷା ୮୬.୬୩ ମି.ମି. ରେକର୍ଡ କରାଯାଇଛି। ବୀରମହାରାଜପୁରରେ ସର୍ବାଧିକ ୧୨୯.୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଉଲୁଣ୍ଡାରେ ୯୮, ବିନିକାରେ ୮୧, ତରଭାରେ ୭୬, ଡୁଙ୍ଗୁରିପାଲିରେ ୭୨ ଓ ସୋନପୁରରେ ୬୩.୮ ମିମି ବର୍ଷା ରେକର୍ଡ କରାଯାଇଛି।

ଖବର ପ୍ରକାଶ ପରେ ବିଦ୍ୟୁତ ସଂଯୋଗ

କଣ୍ଟାମାଳ, ୨୯।୧୦(ସମିସ): ବୌଦ୍ଧ ଜିଲ୍ଲା ମନୁମୁଣ୍ଡା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ବିଳାସପୁର, ଦପଲା ଓ ଦମାମୁଣ୍ଡା ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିବା ନେଇ ଗତ ୨୮ ତାରିଖରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବିଦ୍ୟୁତ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ପୁନଃସ୍ଥାପନ କରାଯାଇଛି।

୪୮ କେଜି ଗଞ୍ଜେଇ ଜବତ, ୧ ଗିରଫ

ତରଭା, ୨୯।୧୦(ସମିସ): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ତରଭା ପୁଲିସ ଜଣେ ଯୁବକ ଓ ଜଣେ ୧୫ ବର୍ଷର ନାବାଳକଙ୍କୁ ଗିରଫ କରିଛି। ଆଇଆଇସି ଡୋଳାମଣି ନାଏକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ତରଭା ବିଜୁ ପଟ୍ଟନାୟକ ପାର୍କ ନିକଟରେ ପୂର୍ବାହ୍ନରେ ପେଟ୍ରୋଲିଂ କରୁଥିବା ବେଳେ କଣ୍ଟାମାଳ ଅଞ୍ଚଳରୁ ଆସୁଥିବା ଏକ କାର୍ (ନଂ.ଓଡି୦୨ଏଚ୍-୧୬୮୯)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଯାଞ୍ଚ କରିବାରୁ ଚାରିଟା ପେପର କାର୍ଟୁନରେ ୪୮ କେଜି ଗଞ୍ଜେଇ ବାହାରିଥିଲା। କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା କୁଳିଗୁଡା ଗ୍ରାମର ଗଗନ ମହାକୁର (୨୯) ଓ ଜଣେ ପନ୍ଦର ବର୍ଷର ନାବାଳକଙ୍କୁ ଗିରଫ କରି ତରଭା ଥାନା କେଶ ନମ୍ବର ୩୬୩/୨୬ରେ ଏକ ମାମଲା ରୁଜୁ ହୋଇଛି।ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ତଦନ୍ତ ଅଧିକାରୀ ଏସଆଇ ପ୍ରସନ୍ନଜିତ ବେହେରା କହିଛନ୍ତି।

କାର୍‌ରେ ଲାଗିଲା ନିଆଁ

ଜୁନାଗଡ଼, ୨୯ ।୧୦ (ସମିସ): ସ୍ଥାନୀୟ ହାତୀନଦୀ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ କାର୍‌ରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଆୟତ୍ତ କରିଛି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ହାତୀ ନଦୀ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ରାତିରେ ଏକ କାରରେ ହଠାତ୍ ନିଆଁ ଲାଗି ଯାଇଛି। ସାର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୂଚନା ଅନୁସାରେ, କାର୍‌ଟି ରାସ୍ତାରେ ଯାଉଥିବାବେଳେ ହଠାତ୍ ଇଞ୍ଜିନରୁ ଧୂଆଁ ବାହାରି ନିଆଁ ଲାଗି ଯାଇଥିଲା। ଘଟଣାଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଜୁନାଗଡ଼ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ବୌଦ୍ଧରେ ଲଗାଣ ବର୍ଷା ଜାରି; ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ, ୨୯।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଲଗାତାର ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ବୌଦ୍ଧ ଜିଲ୍ଲାବାସୀ ବେହାଲ ହୋଇପଡ଼ିଛନ୍ତି। ମଙ୍ଗଳବାର ରାତିରୁ ଆରମ୍ଭ ହୋଇଥିବା ବର୍ଷା ଗୁରୁବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିବାରୁ ସାଧାରଣ ଜନଜୀବନ ବାଧାପ୍ରାପ୍ତ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଜିଲ୍ଲାର ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୁରୁବାର ଗୋଟିଏ ଦିନ ପାଇଁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ସ୍କୁଲ ବନ୍ଦ ରହିଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଜିଲ୍ଲାର ତିନୋଟି ବ୍ଲକରେ ମୋଟ ୪୧୮ ମିଲିମିଟର ବର୍ଷା ରେକର୍ଡ ହୋଇଛି। ହରଭଙ୍ଗା ବ୍ଲକରେ ସର୍ବାଧିକ ୨୦୭ ମିମି ବର୍ଷା ହୋଇଥିବାବେଳେ ବୌଦ୍ଧ ବ୍ଲକରେ ୧୪୨ ମିମି ଏବଂ କଣ୍ଟାମାଳ ବ୍ଲକରେ ୬୯ ମିମି ବର୍ଷା ରେକର୍ଡ କରାଯାଇଛି।

ରମ୍ଭେଲା ବ୍ରିଜରୁ ହଟିଲା ପାଉଁଶ ଓ ଧୂଳି

ଇବଥର୍ମାଲ, ୨୯ ।୧୦ (ସମିସ): ଲଖନପୁର ବ୍ଲକ ତୃତୀୟ ଜୋନ୍ ସ୍ଥିତ ରମ୍ଭେଲା ବ୍ରିଜରେ ବୁଧବାର ଅତର୍କିତ ଯାଞ୍ଚ କରିଥିଲେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ। ଏଠାରେ କୁଢ଼କୁଢ଼ ପାଉଁଶ ଗୁଣ୍ଡ ପଡ଼ି ଜନଜୀବନ ପ୍ରତି ବିପଦକୁ ଡାକୁଥିବା ସେ ପ୍ରତ୍ୟକ୍ଷ ଅନୁଭବ କଲାପରେ ଉଭୟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କଡ଼ା ତାଗିଦ କରି ବିଭିନ୍ନ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ପରେ ବ୍ରିଜ୍ ଉପରେ ଜମି ରହିଥିବା ପାଉଁଶ ଏବଂ ଧୂଳି ସଫା କରାଯାଇଛି। ଫଳରେ ବ୍ରିଜରେ ଯାତାୟତ କରୁଥିବା ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ସୂଚନାଯୋଗ୍ୟ ଯେ, ଜିଲ୍ଲାପାଳ ରାମପେଲା ବ୍ରିଜ୍ ପରିଦର୍ଶନ କରିବା ସହ ଅତର୍କିତ ଯାଞ୍ଚ କରିଥିଲେ। ଏହି ପରିଦର୍ଶନ କାଳରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ମଧ୍ୟ ତାଙ୍କ ସହିତ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଯାଞ୍ଚ ସମୟରେ ରାସ୍ତାର ଦୁରବସ୍ଥା ଓ ରମ୍ଭେଲା ବ୍ରିଜ ଉପରେ କୁଢ଼ କୁଢ଼ ପାଉଁଶ ପଡ଼ିଥିବା ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର ହୋଇଥିଲା। ପରିବହନ ଯୋଗୁଁ ଯେପରି ସାଧାରଣ ଜନଜୀବନ ଓ ପରିବେଶ ପ୍ରଭାବିତ ନ ହୁଏ, ସେଥିପାଇଁ ସୁରକ୍ଷିତ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବ୍ରିଜ୍ ଦେଇ ଯାତାୟାତ କରୁଥିବା ଯାନବାହନ ଉପରେ କଡ଼ା ନଜର ରଖିବା ତଥା ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରିବା ପାଇଁ ସମଗ୍ର ବ୍ରିଜ୍ ଅଞ୍ଚଳରେ ତୁରନ୍ତ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପାଉଁଶ ପରିବହନରେ ଓଭର ଲୋଡିଂ ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏପରି ଘଟଣାମାନ ଦୀର୍ଘବର୍ଷ ହେଲା ହେଇ ଆସୁଛି। ଲୋକେ ଅଭିଯୋଗ କରିବା ସହ ବାରମ୍ବାର ପ୍ରତିବାଦ, ରାସ୍ତାରୋକୋ ଭଳି ପଦକ୍ଷେପ ମଧ୍ୟ ନେଇଛନ୍ତି। ହେଲେ ସମସ୍ୟା ସୁଧାରିବାକୁ କମ୍ପାନୀ କର୍ତ୍ତୃପକ୍ଷ ଯେତେ ତତ୍ପର ହେବାକଥା ସେତେ ହେଉ ନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଆର୍କିଟେକ ବିଷ୍ଣୁ ସୁନାନୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭବାନୀପାଟଣା, ୨୯ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଅମଲା ଭବନଠାରେ କଳାହାଣ୍ଡି ମା' ମାଣିକେଶ୍ୱରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବିଷ୍ଣୁ ସୁନାନୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲା ସଭାପତି ଲଳିତ ନିଆଲଙ୍କ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁଧୀର ନାୟକ ପରିଚାଳନା କରିଥିଲାବେଳେ କୋଷାଧ୍ୟକ୍ଷ ସହଦେବ ତାଣ୍ଡି ସହଯୋଗ କରିଥିଲେ। ବ୍ଲକ ସଭାପତି ଲକ୍ଷ୍ମୀଧର ତାଣ୍ଡି ସହିତ ପରପୁରାମ ବଗରତି, ଗିରି ଦୁର୍ଗା, ବେଳର ଜାନୀ, ତ୍ରିଲୋଚନ ସାହୁ, ମାଧବ ରାଉତ, ସଙ୍କର ପ୍ରଧାନ, ବଳରାମ ବେହେରା, ରାମା ରାଓ, ରାଜନ ସାହୁ, କୈଳାସ ବେମାଲ, ଅଶୋକ ଦାସ, ସଙ୍କର ଗଉଡ଼, ଗଜେନ୍ଦ୍ରନ ତାଣ୍ଡି, ଗୋବିନ୍ଦ ମାଝୀ, ଅନନ୍ୟ ଠିକାଦାର ସଦସ୍ୟ ଉପସ୍ଥିତ ରହି ସର୍ଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଉପଦେଷ୍ଟା ସାମ୍ବାଦିକ ହେମନ୍ତ କୁମାର ରାୟ ସଭା ପରିଚାଳନା କରିଥିବେଳେ ବେଣୁଧର ରଣା ଧନ୍ୟବାଦ ଦେଇଥିଲେ।

ବୋଡେନ ବ୍ଲକରେ ଭିଜିଲାନ୍ସ ସଚେତନତା ସପ୍ତାହ

ଖଡ଼ିଆଳ, ୨୯ ।୧୦ (ସମିସ): ନୂଆପଡ଼ା ଜିଲ୍ଲା ବୋଡେ଼ନ ବ୍ଲକ ସମ୍ମିଳନୀ କକ୍ଷରେ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ବୋଡେ଼ନ ବିଡିଓ ଚିନ୍ମୟ କୁମାର ସାଗରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ନୂଆପଡ଼ା ଭିଜିଲାନ୍ସ ଡିଏସ୍‌ପି ଦୀନବନ୍ଧୁ ବେହେରା, ବୋଡେ଼ନ ତହସିଲଦାର ସରିତା ଗୁପ୍ତାଙ୍କ ସମେତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସାଧୁତା ଓ ନୈତିକତା ବଜାୟ ରଖିବା ସହ ଦୁର୍ନୀତି ନିବାରଣ ଦିଗରେ ସମସ୍ତେ ସଚେତନ ଓ ପ୍ରତିବଦ୍ଧ ରହିବାକୁ ଆହ୍ୱାନ ଦିଆଯାଇଥିଲା। ସରକାରୀ ସେବା ପ୍ରଦାନ ସମୟରେ ନିରପେକ୍ଷତା ଓ ସ୍ୱଚ୍ଛତା ଅବଲମ୍ବନ କରି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଅକ୍ଷୁଣ୍ଣ ରଖିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

ବିଦେଶୀ ଉଦ୍ଭିଦର ପରିଚାଳନା ଓ ଉପଯୋଗ ନେଇ ପ୍ରଶିକ୍ଷଣ

ବୌଦ୍ଧ, ୨୯।୧୦ (ସମିସ): ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦେଶୀ ଉଦ୍ଭିଦର ପରିଚାଳନା ଓ ଉପଯୋଗ ଶୀର୍ଷକ ବିଷୟକୁ ନେଇ ଜିଲ୍ଲାସ୍ତରୀୟ ଏକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟ ମାନଙ୍କରେ ଥିବା ଇକୋଚକ୍ଲବ ଗୁଡିକ ନିୟମିତ ପରିଚାଳିତ କରିବା ଏବଂ ଏକ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତି କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ କୁମାର ପ୍ରଧାନ, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ହୋଇ ଗଛମାନଙ୍କୁ ଚିହ୍ନିବା ଏବଂ ତାର ଉପଯୋଗିତା ପିଲାଙ୍କୁ ଶିଖାଇବାକୁ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ସାଧନ କର୍ମୀ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଡ. ପ୍ରବୀର କୁମାର ଦାଶ ବିଦେଶରୁ ଆସି କେତେକ ଉଦ୍ଭିଦ ଯଥା ଗାଜର ଘାସ, ହଂସପାଦ, ପୋକ ଶୁଂଘା, ଶୁଆ ବବୁଲ ଇତ୍ୟାଦି ଆମ ଅଞ୍ଚଳରେ କାୟା ବିସ୍ତାର କରି କ୍ଷତି ଘଟାଉଛନ୍ତି, ଉକ୍ତ ଉଦ୍ଭିଦ ଗୁଡ଼ିକୁ ବ୍ୟବହାର କରି ସେଗୁଡ଼ିକୁ କିପରି ସଦ୍‌ଉପଯୋଗ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସାଧନ କର୍ମୀ ଚଣ୍ଡିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋପାଳ ଅମାତ ବିଭିନ୍ନ ବିଲାତି ଉଦ୍ଭିଦ ମାନଙ୍କୁ ନେଇ ବିଭିନ୍ନ ଉପଯୋଗୀ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଜିଲ୍ଲା ଇକୋ କ୍ଲବ ନୋଡାଲ ଅଧିକାରୀ ଆନନ୍ଦ କୁମାର ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଚଣ୍ଡିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜକୁମାର ପ୍ରଧାନ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ସମସ୍ତ ପ୍ରଶିକ୍ଷଣ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପ୍ରଶିକ୍ଷକଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ବନ୍ଧବାହାଲ ଶିଶୁମନ୍ଦିରରେ ମାତୃ କର୍ମଶାଳା

ଇବଥର୍ମାଲ, ୨୯ ।୧୦(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବନ୍ଧବାହାଲ ଶିଶୁ ବାଟିକା ବିଭାଗ ପକ୍ଷରୁ ଜଗନ୍ନାଥନଗର ବିଦ୍ୟାଳୟରେ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ 'ମାତୃ କର୍ମଶାଳା'ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ସଂକୁଳ ପ୍ରମୁଖ ଯୋଗେଶ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିଶୁବାଟିକା ପ୍ରମୁଖ ରୋଜାଲି ହୋତା କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୫୨ ଜଣ ମାଆ ଯୋଗଦେଇ ଥିଲେ। ଶିଶୁ ବାଟିକାର ୧୨ଟି ଶୈକ୍ଷିକ ବ୍ୟବସ୍ଥା ଆଧାରରେ ମୋଟ ୫ଟି ବିକାଶ କାଳାଂଶ ତଥା ଆଧ୍ୟାତ୍ମିକ ବିକାଶ, ମାନସିକ ବିକାଶ, ବୌଦ୍ଧିକ ବିକାଶ, ପ୍ରାଣିକ ବିକାଶ ଓ ଶାରୀରିକ ବିକାଶ ଉପରେ ଯଥାକ୍ରମେ ଗୁରୁଜୀ ସିମାଞ୍ଚଳ ଜେନା, ପ୍ରଜ୍ଞାପରମିତା ଦାଶ, ରୂପମା ଗୁପ୍ତା, ରଶ୍ମିତା ପାଢ଼ୀ, ରଶ୍ମିତା ସେଠ୍ ପୂଜା ମେହେର ପ୍ରମୁଖ ଗୁରୁମା କାଳାଂଶ ନେଇ ବିସ୍ତୃତ ଆଲୋକପାତ କରିବା ସହ କିଛି ଶାରୀରିକ ଅଭ୍ୟାସ, ବିଭିନ୍ନ ପ୍ରକାରର ଖେଳର ପ୍ରଦର୍ଶନ, ଭାରତୀୟ ସଂସ୍କୃତି ଆଧାରିତ ରଙ୍ଗମଞ୍ଚ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅଶୋକ ପାଢ଼ୀ, ଉପସଭାପତି ଦେବେନ୍ଦ୍ର କୁମାର ପାଢ଼ୀ, ଯୁଗ୍ମ ସମ୍ପାଦକ ଶରତ ପ୍ରଧାନ ବିଦ୍ୟାଳୟର ସଦସ୍ୟା ପୁଷ୍ପାଞ୍ଜଳି ବାରିକ ଓ ପୂର୍ବତନ ସଦସ୍ୟା ମଞ୍ଜୁଲତା ଭୂମିଜ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

୪୬ ବର୍ଷରେ ଟିଙ୍କବୀର ଗଜଲକ୍ଷ୍ମୀ ପୂଜା

ଗୁମ୍ଫା ଭିତରେ ପୂଜା ପାଉଛନ୍ତି ମା' ପଦ୍ମାଳୟା

ରିଆମାଳ, ୨୯ ।୧୦(ସମିସ)

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଧୀନ ଟିଙ୍କବୀର ଗ୍ରାମରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ୪୬ ବର୍ଷରେ ପଦାର୍ପଣ କରିଛି। ସ୍ଥାନୀୟ ଲାଲବହାଦୁର ଶାସ୍ତ୍ରୀ କ୍ଲବ୍ ପକ୍ଷରୁ ଚଳିତଥର ମଧ୍ୟ ପୂଜାକୁ ବେଶ୍ ଆକର୍ଷଣୀୟ ଓ ନିଆରା ଢଙ୍ଗରେ ଆୟୋଜନ କରାଯାଇଛି। ମୁଖ୍ୟ ଆକର୍ଷଣ ପାଲଟିଛି ଏକ ବିଶାଳ କୃତ୍ରିମ ଗୁମ୍ଫା। ଏହି ଗୁମ୍ଫା ମଧ୍ୟରେ ମା' ପଦ୍ମାଳୟାଙ୍କ ଭବ୍ୟ ମୃଣ୍ମୟୀ ପ୍ରତିମା ପୂଜାର୍ଚ୍ଚନା କରାଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଏହି ଗ୍ରାମରେ ସାଜସଜ୍ଜାକୁ କ୍ଲବର ସଦସ୍ୟମାନେ କରିଥାନ୍ତି। ତୋରଣକୁ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ତିଆରି କରିଛନ୍ତି। ମା'ଙ୍କ ଏହି ଦିବ୍ୟ ରୂପକୁ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଜିଲ୍ଲାରୁ ପ୍ରତିଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି। ଭିତରେ ଥିବା ଗୁମ୍ଫାକୁ ବାବୁଲି ନାୟକ ତିଆରି କରିଥିଲେ। କର୍ତ୍ତା ଭାବେ ଅରୁଣ ସାହୁ ଓ ତାଙ୍କ ପତ୍ନୀ ବିନୋଦିନୀ ସାହୁ ଦାୟିତ୍ୱ ତୁଲାଇ ଥିଲେ। ଆୟୋଜନରେ ବ୍ଲକ ସଭାପତି ବୀରବର ସାହୁ, ଉପସଭାପତି ଫକୀର ସାହୁ, ସମ୍ପାଦକ ଜ୍ଞାନୀରାମ ବେହେରା, ପ୍ରତାପ ବେହେରା, କୁଲୁ ଜ୍ୟୋତିଷ, ରୋହିତ ପ୍ରଧାନ, ଖଗ ନାୟକ, ସନ୍ତୋଷ ଜ୍ୟୋତିଷ, ସତ୍ୟବିଜୟ ସାହୁ, ରମାକାନ୍ତ ସାହୁ, ରମେଶ ସାହୁ, ବିଜୟ ନାୟକ, ହୃଦାନନ୍ଦ ସେଠ, ସଞ୍ଜୀବ ବେହେରା ଏବଂ ନେତାଜୀ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଆସନ୍ତା ୧ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



‘ଅର୍ଣ୍ଣବ’ ପ୍ରଭାବରେ ଲଗାଣ ବର୍ଷା

କ୍ଷେତରେ ଶୋଇଲା ପାଚିଲା ଧାନ; ଚିନ୍ତାରେ ଚାଷୀ

ଝାରବନ୍ଧ, ୨୯।୧୦(ସମିସ)

ମାସ ମାସର ପରିଶ୍ରମ ପରେ ଅମଳର ସମୟ ଆସିଥିଲା। ଭଲ ଫସଲ ଦେଖି ଚାଷୀଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଥିଲା। ହେଲେ ବାତ୍ୟା ‘ଅର୍ଣ୍ଣବ’ର ପ୍ରଭାବରେ ଲଗାଣ ବର୍ଷା ଓ ପବନ ସେହି ଆଶାରେ ପାଣି ଢାଳିଛି। ଝାରବନ୍ଧ ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲ ମାଟିରେ ଲୋଟି ପଡ଼ିଥିବାରୁ ଚାଷୀ ଚିନ୍ତାରେ।

ଗତକାଲିଠାରୁ ଜାରି ରହିଥିବା ବର୍ଷା ଓ ପବନର ପ୍ରଭାବରେ କ୍ଷେତରେ ପାଚିଲା ଧାନ ସହ ଅମଳ ଅପେକ୍ଷାରେ ଥିବା ଫସଲ ମଧ୍ୟ ତଳେ ପଡ଼ିଯାଇଛି। ଏହାଦ୍ୱାରା ଧାନ ଅମଳରେ ବାଧା ସୃଷ୍ଟି ହେବା ସହ ଶସ୍ୟ ଝଡ଼ିବା ଓ ଧାନର ମାନ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ବର୍ଷା ଲାଗି ରହିଲେ କ୍ଷୟକ୍ଷତି ଆହୁରି ବଢ଼ିବାର ଭୟ ମଧ୍ୟ ଚାଷୀଙ୍କୁ ଘାରିଛି।

ଏଭଳି ସ୍ଥିତିରେ ପ୍ରଶାସନ ଓ କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରାଯାଇ ଫସଲ କ୍ଷୟକ୍ଷତିର ବାସ୍ତବ ଆକଳନ କରିବାକୁ ଚାଷୀ ମହଲରୁ ଦାବି ହେଉଛି।

ବୁଦ୍ଧିଆପାଲିରେ ୭୦ ଏକର ମକା ଚାଷ ନଷ୍ଟ

ବରଗଡ଼, ୨୯।୧୦(ସମିସ): ଅର୍ଣ୍ଣବ ପ୍ରଭାବରେ ବରଗଡ଼ ଜିଲ୍ଲାର ଚାଷ ଓ ଚାଷୀ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଧାନ ଚାଷ ସହ ଅଣଧାନ ଫସଲ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ବରଗଡ଼ ବ୍ଲକ ଚକରକେନ୍ଦ ପଞ୍ଚାୟତ ଅନ୍ତର୍ଗତ ବୁଦ୍ଧିଆପାଲି ଗ୍ରାମରେ ପ୍ରାୟ ୫୦ରୁ ୭୦ ଏକର ମକା ଚାଷ ହୋଇଥିବାବେଳେ ଗଛ ଗୁଡ଼ିକ ଭାଙ୍ଗି ତଳେ ପଡ଼ିଯାଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

ଜିଲ୍ଲା କୃଷି ବିଭାଗର ତଥ୍ୟ ଅନୁଯାୟୀ, ବରଗଡ଼ ଜିଲ୍ଲାରେ ପ୍ରାୟ ୨୫୦୦ ହେକ୍ଟର ଅର୍ଥାତ୍ ୬୨୫୦୦ ଏକର ଜମିରେ ମକା ଚାଷ ହୋଇଛି। ବୁଦ୍ଧିଆପାଲି ଗ୍ରାମର ଚାଷୀମାନେ ମଧ୍ୟ ମକା ଚାଷରୁ ଭଲ ଅମଳ ଓ ଆର୍ଥିକ ଲାଭ ଆଶା ରଖିଥିଲେ।

ମାତ୍ର ମକା ଗଛରେ ଫଳ ଆସିବା ସମୟରେ ବାତ୍ୟା ପ୍ରଭାବରେ ଗଛଗୁଡ଼ିକ ଭାଙ୍ଗି ତଳେ ପଡ଼ିଯିବାରୁ ସେମାନଙ୍କ ଆଶା ମଉଳି ଯାଇଛି। ମକା ଗଛ ତଳେ ପଡ଼ିଗଲେ ପରାଗସଙ୍ଗମ ଓ ଦାନା ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇ ଅମଳ ହ୍ରାସ ପାଇବାର ଆଶଙ୍କା ରହିଛି। ଫଳରେ ଚାଷୀମାନେ ଆଶାନୁରୂପ ଉତ୍ପାଦନ ପାଇବା ନେଇ ସନ୍ଦେହରେ ଅଛନ୍ତି। ଏହି ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନେ ସଂଯୁକ୍ତ କୃଷକ ସଂଗଠନର କର୍ମକର୍ତ୍ତାଙ୍କୁ ନିଜ ସମସ୍ୟା ଜଣାଇଥିଲେ। ଖବର ପାଇ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ରବିଶଙ୍କର ପ୍ରଧାନ ଓ କୋଶଳ ସେନାର ବୀରବଳ ମହାକୁଡ଼ ପ୍ରଭାବିତ ମକା କ୍ଷେତ ପରିଦର୍ଶନ କରିଥିଲେ। ଗ୍ରାମର ଦୟାନିଧି ମେହେର, ଖତୁ ମେହେର, ବିନୋଦ ମେହେର, ବିଶ୍ୱାମିତ୍ର ମେହେର, ଦାଶରଥି ମେହେର, ରାଧାଚରଣ ମେହେର, କୃଷ୍ଣ ମେହେରଙ୍କ ସମେତ ଅନ୍ୟ ଚାଷୀଙ୍କ ଏକର ଏକର ମକା ଚାଷ

ନଷ୍ଟ ହୋଇଥିବା ସେମାନେ କହିଛନ୍ତି। ଚାଷୀଙ୍କ କହିବା ଅନୁଯାୟୀ, ଗୋଟିଏ ଏକର ମକା ଚାଷ ପାଇଁ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ଅମଳ ଭଲ ହେଲେ ଏକର ପିଛା ପ୍ରାୟ ଏକ ଲକ୍ଷ ଟଙ୍କାର ମକା ବିକ୍ରି ହୋଇଥାଏ। ଏଥିରୁ ସମସ୍ତ ଖର୍ଚ୍ଚ ବାଦ୍ ଦେଲେ ଏକର ପିଛା ୬୦ରୁ ୭୦ ହଜାର ଟଙ୍କା ଲାଭ ମିଳିବାର ଆଶା ରହିଥାଏ। କିନ୍ତୁ ବାତ୍ୟା ଯୋଗୁଁ ଗଛ ଭାଙ୍ଗି ପଡ଼ିବାରୁ ଚାଷୀମାନେ ବଡ଼ ଧରଣର ଆର୍ଥିକ କ୍ଷତିର ଆଶଙ୍କା କରୁଛନ୍ତି। ଅନ୍ୟପକ୍ଷରେ, ଚାଷୀଙ୍କୁ ଧାନ ବଦଳରେ ଅଣଧାନ ଫସଲ ଚାଷ କରିବା ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ମାତ୍ର ଅଣଧାନ ଫସଲ ପ୍ରାକୃତିକ ଦୁର୍ବିପାକରେ ନଷ୍ଟ ହେଲେ ଉପଯୁକ୍ତ କ୍ଷତିପୂରଣ ମିଳିବା ନେଇ ସ୍ପଷ୍ଟ ବ୍ୟବସ୍ଥା ନଥିବା ଅଭିଯୋଗ କରିଛି ସଂଗଠନ।

ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କ ଜମିର କ୍ଷୟକ୍ଷତି ତୁରନ୍ତ ଆକଳନ କରି ଉଚିତ କ୍ଷତିପୂରଣ ପ୍ରଦାନ କରିବା ସହ ଅଣଧାନ ଚାଷୀଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। କ୍ଷେତ୍ର ପରିଦର୍ଶନ ସମୟରେ ଗ୍ରାମର ୱାର୍ଡସଭ୍ୟ ପହିଲମାନ ମେହେର, ଲବ ମେହେର, ମାଧବ ପ୍ରଧାନ, ନେତ୍ରାନନ୍ଦ ସାହୁ, ଭଜମନ ମେହେରଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ଭେଡେନ, ୨୯।୧୦(ସମିସ): ଭେଡେନ ବ୍ଲକ ରକ୍ଷୁଡ଼ା ଗ୍ରାମରେ ବୁଧବାର ରାତି ୯ ଟାରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ହରିଚରଣ ପୋଢ଼ (୩୨)। ବୁଧବାର ରାତିରେ ହରିଚରଣ କୌଣସି କାମରେ ସନ୍ଧ୍ୟାରେ ଘରୁ ବାହାରକୁ ଯାଇ ରାତି ୯ ଟାରେ ଫେରିଥିଲେ। ଘର କବାଟ ଖୋଲିବାକୁ ଧରିଦେବାରୁ ଏହା ଚାର୍ଜ ହୋଇଥିବାରୁ ଲାଗି ରହିଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ରାତିରେ ବୁର୍ଲା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର ହୋଇଛି। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ସରପଞ୍ଚ ସୁରେନ୍ଦ୍ର କର୍ମୀଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ହରିଚରଣଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବାରୁ ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ହରିପ୍ରିୟା, ୧୩ ବର୍ଷର ପୁଅ ପୂର୍ଣ୍ଣଚନ୍ଦ୍ର, ୩ ବର୍ଷର ଝିଅ ପୁନମ, ମା ରାସେଶ୍ୱରୀ ବେସାହାରା ହୋଇପଡ଼ିଛନ୍ତି। ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

କଂସ ଭୂମିକାକୁ ନେଇ ସୁଶୀଲଙ୍କ ବିବାଦୀୟ ମନ୍ତବ୍ୟ
କଳାକାର ମହଲରେ ତୀବ୍ର ଅସନ୍ତୋଷ

ବରଗଡ଼, ୨୯।୧୦(ସମିସ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ନେଇ ପୁଣିଥରେ ବିବାଦ ମୁଣ୍ଡଟେକିଛି। ଗତବର୍ଷ ମହାରାଜ କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେରଙ୍କ ଏକ ସାକ୍ଷାତକାରର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ କଳାକାର ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେ ନିସର୍ତ୍ତରେ କ୍ଷମା ପ୍ରାର୍ଥନା ନକଲେ ଆଗାମୀ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ ନ କରିବାକୁ କିଛି କଳାକାର ଚେତାବନୀ ଦେଇଛନ୍ତି। ଭିଡିଓରେ ସୁଶୀଲ ମେହେର ଦେଇଥିବା ମନ୍ତବ୍ୟକୁ ନେଇ ସାଂସ୍କୃତିକ ଜଗତରେ ଚର୍ଚ୍ଚା ଜୋର ଧରିଛି। ସେ କହିଛନ୍ତି ଯେ, ‘ବଗଡ଼ରେ କଂସ ମୁଁ ସୁଶୀଲ ମେହେର ତିନିବର୍ଷ ପର୍ଯ୍ୟନ୍ତ...’ ଏବଂ ଗଜପତି ରାଜା ଅନୁପସ୍ଥିତ ରହିଲେ ମୋଦିରସ୍ତ ଜଣେ ରାଜା ବାହାର କରାଯାଉ ବୋଲି ସେ ମତ ଦେଇଛନ୍ତି। ତାଙ୍କର ଏହି ମନ୍ତବ୍ୟ ପରମ୍ପରା ଏବଂ କଳାକାର ମାନଙ୍କ ଭାବନାକୁ ଆଘାତ ଦେଇଥିବା ଅଭିଯୋଗ ହୋଇଛି। ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗକୁ ନେଇ ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନଥିଲେ ମଧ୍ୟ, ସ୍ଥିତି ଅନୁଧ୍ୟାନ ପାଇଁ ଖୁବ୍‌ଶୀଘ୍ର ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଆଗାମୀ ଦିନରେ ଏହି ବିବାଦ କେଉଁ ମୋଡ଼ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନଙ୍କ ଶେଷକୃତ୍ୟ

ଭେଡେନ, ୨୯।୧୦(ସମିସ): ଭେଡେନ ବ୍ଲକ ଅନ୍ତର୍ଗତ ରକ୍ଷୁଡ଼ା ଗ୍ରାମର ଆସାମ ରାଇଫଲ୍ ଯବାନ ସୁପ୍ରକାଶ ସେଟ୍ (୨୬)ଙ୍କର ବୁଧବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ବୁର୍ଲାରେ ଶବ ବ୍ୟବଚ୍ଛେଦ ହୋଇ ରାତି ୮ ଟାରେ ଗାଁରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରଚୁର ବର୍ଷା ସତ୍ତ୍ୱେ ସମସ୍ତ ଗ୍ରାମବାସୀ ଓ ଅଞ୍ଚଳବାସୀ ସୁପ୍ରକାଶଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏକ ବିରାଟ ପଟୁଆରରେ ଶବକୁ ନେଇ ଶ୍ମଶାନରେ ପହଞ୍ଚିବାପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରାତି ୯ ଟାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବାପା ଗଜେନ୍ଦ୍ର ସେଟ୍ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ବେଳେ ସମ୍ବଲପୁର ସ୍ଥିତ ଜୋନ୍ ଏଡିଏମ କମାଡାଣ୍ଟ ବିକାଶ ଗୁପ୍ତା ଓ ତାଙ୍କ ସହକର୍ମୀ, ଭେଡେନ ଥାନା ଅଧିକାରୀ ଅରୁପ ରଞ୍ଜନ ବାରିକ, ଫାଣ୍ଡି ଅଧିକାରୀ ଗୋଲକ ବିହାରୀ ସେଠୀ, ସରପଞ୍ଚ ସୁରେନ୍ଦ୍ର କର୍ମୀ, ଓଡ଼ିଶା ଅଣ ଗେଜେଟେଡ ବନ ସେବା ସଂଘ ରାଜ୍ୟ ସଭାପତି ଯଶୋବନ୍ତ ରଣବିଡା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ପୂର୍ବ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଯୁବନେତା ଶଙ୍କର୍ଷଣ କରଣ ପ୍ରମୁଖ ଯବାନଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି।

■ ଡଙ୍ଗରକେର୍ମେଲିରେ ସମଲେଇ ମନ୍ଦିର ପ୍ରତିଷ୍ଠା

ମା’ଙ୍କ ସ୍ୱପ୍ନାଦେଶରୁ ୨୮ ଦିନରେ ଭବ୍ୟ ମନ୍ଦିର

ମେଲଛାମୁଣ୍ଡା, ୨୯।୧୦(ସମିସ): ଘେଁସ ନିକଟସ୍ଥ ଡଙ୍ଗରକେର୍ମେଲି ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ଏବଂ ବୈଦିକ ରୀତିନୀତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ମା’ ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ। ମା’ଙ୍କ ଅଲୌକିକ ସ୍ୱପ୍ନାଦେଶ ଏବଂ ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟାରେ ମାତ୍ର ୨୮ ଦିନ ଭିତରେ ଏହି ନୂତନ ମନ୍ଦିର ନିର୍ମାଣ କରାଯାଇ ପ୍ରତିଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି।

ପ୍ରଥମ ଦିନରେ ଗ୍ରାମ ଏବଂ ଆଖପାଖ ଅଞ୍ଚଳରୁ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁ ସ୍ଥାନୀୟ ବଡ଼ବନ୍ଧ ଠାରେ ଏକତ୍ରିତ ହୋଇଥିଲେ। ପଣ୍ଡିତ ରିଙ୍କୁ ଦେବତା, ଆନନ୍ଦ ଦାଶ ଏବଂ ସାଥୀ ପଣ୍ଡିତମାନଙ୍କ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ଏହାପରେ କଳସ ଶୋଭାଯାତ୍ରା ନଗର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିବା ପରେ କଳସ ସ୍ଥାପନ କରାଯାଇଥିଲା। ଦୁଇଦିନ ଧରି ପୂଜାର୍ଚ୍ଚନା ଓ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା। ଗ୍ରାମର ଲୋକେଶ୍ୱର ପଧାନ ଓ ବିଲାସିନୀ ପଧାନ, ଡୋଲାମଣି ପଧାନ ଓ ଆହ୍ଲାଦିନୀ ପଧାନ, ରାଧେଶ୍ୟାମ ଭୁଏ ଓ ପ୍ରଭାସିନୀ ଭୁଏ, କ୍ଷୀରୋଦ୍ର ପଧାନ ଓ ରୀତା ପଧାନ, ଧ୍ୱଜ ମୁଟକିଆ ଓ ମାନସୀ ମୁଟକିଆ, ଡମ୍ବରୁ ବାରିକ ଓ ହେମସୂତା ବାରିକ, ଗୋବିନ୍ଦ ଗହକୀ ଓ ମାଧୁରୀ ଗହକୀ ଏବଂ ବନମାଳି ଭୁଏ ଓ ପଦ୍ମିନୀ ଭୁଏ ଏପରି ମୋଟ ଆଠଯୋଡ଼ି ଦମ୍ପତି କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ।

ଗ୍ରାମବାସୀଙ୍କ ସୂଚନାନୁଯାୟୀ, ଗ୍ରାମର ଆୟୁଷ ପଧାନଙ୍କୁ ଦେବୀ ସମଲେଇଙ୍କ ସ୍ୱପ୍ନାଦେଶ ହୋଇଥିଲା। ଏହାପରେ ସମସ୍ତଙ୍କ ସହଯୋଗ କ୍ରମେ ମାତ୍ର ୨୮ ଦିନ ମଧ୍ୟରେ ଏହି ଭବ୍ୟ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରିଷ୍ଠ ବିଜେପି ନେତା ଲୋକେଶ୍ୱର ସିଂ ବରିହା, ଘେଁସ ଜମିଦାର ରଣଜିତ ସିଂ ବରିହା, ବିଶିଷ୍ଟ ବିଜେଡି ନେତା ସୁବ୍ରତ ସିଂ, ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

କ୍ରିଷ୍ଣା ବିକାଶ ମଲ୍‌ଟି ସ୍ପେଶିଆଲିଟି ହସ୍‌ପିଟାଲରେ ଜଟିଳ ହୃଦ୍ ଅସ୍ତ୍ରୋପଚାର

ବରଗଡ଼, ୨୯।୧୦(ସମିସ): କ୍ରିଷ୍ଣା ବିକାଶ ମଲ୍‌ଟି ସ୍ପେଶିଆଲିଟି ହସ୍‌ପିଟାଲରେ ୪୦ ବର୍ଷୀୟା ଲକ୍ଷ୍ମୀ ଜେନାଙ୍କ ଜଟିଳ ହୃଦ୍ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଚି। ଗତ ୬ ମାସ ଧରି ଲକ୍ଷ୍ମୀ ଗୁରୁତର ଶ୍ୱାସକଷ୍ଟରେ ପୀଡ଼ିତ ଥିଲେ। ସେ ରୁମାଟିକ୍ ହୃଦ୍‌ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କ ହୃଦୟର ମିଟ୍ରାଲ୍ ଭାଲ୍‌ଭ ଅତ୍ୟଧିକ ସଂକୁଚିତ ହୋଇଯାଇଥିଲା।

୨୮ ଅକ୍ଟୋବର ୨୦୨୬ ଦିନ ସକାଳ ୧୧ଟାରେ ସେ କ୍ରିଷ୍ଣା ବିକାଶ ମଲ୍‌ଟି ସ୍ପେଶିଆଲିଟି ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିଲା। ହୃଦ୍‌ରୋଗ ଅସ୍ତ୍ରୋପଚାର ବିଶେଷଜ୍ଞ ଡା. ସୌମେନ କୁମାର ପାଲ ଏବଂ ହୃଦ୍‌ରୋଗ ନିଶ୍ଚେତକ ବିଶେଷଜ୍ଞ ଡା. ବରୁଣ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ତିନି ଘଣ୍ଟାରୁ ଅଧିକ ସମୟ ଧରି ହୃଦ୍-ଫୁସ୍‌ଫୁସ୍ ଯନ୍ତ୍ରର ସହାୟତାରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ଏଥିରେ ୨୩ ମି.ମି.ର ସ୍ୱଦେଶୀ ନିର୍ମିତ ମିଲଟୋନିଆ ଯାନ୍ତ୍ରିକ ମିଟ୍ରାଲ୍ ଭାଲ୍‌ଭ ପ୍ରତିରୋପଣ କରାଯାଇଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉତ୍ତମ ସୁଧାର ଦେଖାଦେଇଛି। ୨୯ ଅକ୍ଟୋବର ସକାଳେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇଛି। ଅସ୍ତ୍ରୋପଚାର ପରବର୍ତ୍ତୀ ଟ୍ରାନ୍ସଇସୋଫେଜିଆଲ୍ ଇକୋକାର୍ଡିଓଗ୍ରାଫି ପରୀକ୍ଷାରେ ପ୍ରତିରୋପିତ ଭାଲ୍‌ଭର କାର୍ଯ୍ୟ ସନ୍ତୋଷଜନକ ଥିବା ନିଶ୍ଚିତ ହୋଇଛି।

ପାଇକମାଲରେ ବର୍ଷାପବନ; ଗଛ ପଡ଼ି ରାସ୍ତା ଅବରୋଧ

ପାଇକମାଲ, ୨୯।୧୦(ସମିସ): ଅର୍ଣ୍ଣବର ପ୍ରଭାବରେ ପାଇକମାଲ ଅଞ୍ଚଳରେ ବୁଧବାର ସକାଳୁ ମୃଦୁ ପବନ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଛି। କେତେକ ଚାଷୀ ଧାନ କାଟି ବିଲରେ ରଖିଥିବାବେଳେ ବର୍ଷାରେ ତାହା ଭିଜିଯାଇଛି। ଫଳରେ ଧାନର ଗୁଣବତ୍ତା ନଷ୍ଟ ହେବା ସହ ଗଜା ହେବାର ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ନେଇ ଚିନ୍ତିତ ଅଛନ୍ତି। ବର୍ଷା ଜାରି ରହିଲେ ଧାନ ଅମଳ ଓ ସଂରକ୍ଷଣ କାର୍ଯ୍ୟ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ପବନ ଯୋଗୁଁ ଜାମସେଠ ପଞ୍ଚାୟତ ଅନ୍ତର୍ଗତ ଜାମସେଠ-ଭେରୁଆମୁଣ୍ଡା-ହରିଶଙ୍କର ରାସ୍ତାରେ ଏକ ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମବାସୀ ଏନେଇ ଦମକଳ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଶୁକ୍ରବାର ବରଗଡ଼ ଜିଲ୍ଲା ରେଡ୍ ଜୋନ୍‌ରେ ରହିଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସ୍କୁଲ ଛୁଟି ଘୋଷଣା କରିବାକୁ ଅଭିଭାବକମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।

୨୫ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ୩ ଗିରଫ

ପାଇକମାଲ, ୨୯।୧୦(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ଥାନା ପୁଲିସ ୨୫ କିଲୋ ୨୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଚାଲାଣରେ ବ୍ୟବହୃତ ଏକ ଇକୋ ଭ୍ୟାନ୍ ଓ ତିନୋଟି ମୋବାଇଲ ଫୋନ୍ ଜବତ ହୋଇଛି। ଜଣେ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୮ଟା ୧୦ ମିନିଟ୍‌ରେ ପାଇକମାଲ ଥାନାଧିକାରୀ ମାରିଆନୁସ ମିଞ୍ଜ ଏକ ଇକୋ ଭ୍ୟାନ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ସଦଳବଳେ ଚେରେଙ୍ଗାଝାଞ୍ଜି ବିଜୁ ଏକ୍ସପ୍ରେସ ଛକ ନିକଟରେ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ବେଳେ ଗାଡ଼ି ଭିତରୁ ୨୫ କିଲୋ ୨୫୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ପୁଲିସ ନୂଆପଡ଼ା ଜିଲ୍ଲା ବେଲଟୁକୁରୀ ଥାନା ଅନ୍ତର୍ଗତ ଡାଲେଶ୍ୱର ଗାଁର ପିଣ୍ଟୁ ଶତନାମୀ (୨୧), ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା କୋମାଖାନ ଥାନା ଅନ୍ତର୍ଗତ ଭାଟଗାଁର ହେମତାଜ ଶତନାମୀ (୨୦) ଏବଂ ନୂଆପଡ଼ା ଜିଲ୍ଲା ଖରିଆରରୋଡ୍ ଜୋଙ୍କ ଥାନା ଅନ୍ତର୍ଗତ ପରକୋଡ଼ ଗାଁର ରିକେଶ ଶତନାମୀ (୧୭)ଙ୍କୁ ଗିରଫ କରିଛି। ଏହି ଚାଲାଣରେ ପୁରେନା ଗାଁର ଅର୍ଜୁନ ବଗର୍ତ୍ତୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିବା ବେଳେ ସେ ଫେରାର ଥିବା ପୁଲିସ କହିଛି। ଘଟଣାସ୍ଥଳରେ ପାଇକମାଲର ଅତିରିକ୍ତ ତହସିଲଦାର ହରିଶ ସିଂ ମାଝୀଙ୍କ ଉପସ୍ଥିତିରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଶେଷ କରି ପୁଲିସ ଗଞ୍ଜେଇ, ଇକୋ ଭ୍ୟାନ୍ ଓ ତିନୋଟି ମୋବାଇଲ ଫୋନ୍ ଜବତ କରିଥିଲା।

ଜାତୀୟ ପ୍ରତିଯୋଗିତାରେ ଯୁବ କବାଡି ଖେଳାଳି ଶୁଭମ୍

ବରଗଡ଼, ୨୯।୧୦ (ସମିସ): ବରଗଡ଼ କବାଡି କ୍ଲବ୍ ଏବଂ ବରଗଡ଼ ଜିଲ୍ଲାର ପ୍ରତିଭାବାନ ଅଲରାଉଣ୍ଡର ଶୁଭମ୍ ଭୋଇ ଆସନ୍ତା ୫୨ତମ ଜୁନିଅର ଜାତୀୟ କବାଡି ଚାମ୍ପିଅନସିପ୍ ପାଇଁ ଓଡ଼ିଶା ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏହା ସମଗ୍ର ବରଗଡ଼ ଜିଲ୍ଲା ପାଇଁ ଏକ ବଡ଼ ଖୁସି ଖବର। ଆସନ୍ତା ୧ରୁ ୪ ନଭେମ୍ବର ପର୍ଯ୍ୟନ୍ତ ବିହାରଠାରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଶୁଭମ୍ ଭୋଇ ଏବଂ ସମଗ୍ର ଓଡ଼ିଶା ଦଳକୁ ଜିଲ୍ଲା କ୍ରୀଡ଼ା ସଂସଦ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି।

ଅତାବିରାରେ ନାଫେଡ୍ ବଜାର ଶୁଭାରମ୍ଭ

ଅତାବିରା, ୨୯।୧୦ (ସମିସ): ଅତାବିରା ପ୍ରାଥମିକ ସମବାୟ କୃଷି ସମିତିରେ ନାଫେଡ ବଜାର ଶୁଭାରମ୍ଭ ହୋଇଛି। ଅତାବିରା ବ୍ଲକର ଅତାବିରା ପ୍ୟାକ୍ସ କାର୍ଯ୍ୟାଳୟରେ ଅଟା, ହରଡ଼ ଡ଼ାଲି, ଶୋରିଷ ତେଲ, ରିଫାଇନ୍ ତେଲ ଓ ଚା’ ପତି ସରକାରୀ ଦରରେ ଉପଲବ୍ଧ ହେବ। ଗୁରୁବାର ଦିନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତାବିରା ପାକ୍ସ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ଡିଆରସିଏସ୍ ଯୁଗଳ କିଶୋର ଦାଶ, ଏଆରସିଏସ୍ ପାନୁଚରଣ ସାହୁ, ଏରିଆ ଅଫିସର ଡୋଳମଣି ପୁରୋହିତ, ପୁଷ୍ପଜା ପ୍ରଧାନ, ରାଜେଶ ମହାପାତ୍ର, ଶମ୍ଭୁ ନାଏକ, ସମିଧା ଅଗ୍ରୱାଲ, ଅତାବିରା ପ୍ୟାକ୍ସ ସମ୍ପାଦକ ସଞ୍ଜୟ ନାୟକ, ଅତାବିରା ପ୍ୟାକ୍ସର ସମସ୍ତ ନିର୍ଦ୍ଦେଶକ ଓ କର୍ମଚାରୀ, ଅତାବିରା ବ୍ଲକ୍‌ର ସମସ୍ତ ପ୍ୟାକ୍ସ ସମ୍ପାଦକ ଉପସ୍ଥିତ ଥିଲେ।

୨ୟ ରାଜ୍ୟସ୍ତରୀୟ ଶିବାଜୀ କପ୍ କ୍ରିକେଟ୍

ଡି. କେ. ଚାଲେଞ୍ଜର ଚାମ୍ପିଅନ୍

ପଦ୍ମପୁର, ୨୯।୧୦(ସମିସ): ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆଠାରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଶିବାଜୀ କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲ ମୁକାବିଲାରେ ଡିକେ ଚାଲେଞ୍ଜର ଏବଂ ଚୈତନ୍ୟ ଇଲେଭେନ୍ ନୂଆପଡ଼ା ଦଳ ପରସ୍ପରକୁ ଭେଟିଥିଲେ। ଡିକେ ଚାଲେଞ୍ଜର ଚାମ୍ପିଅନ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦ୍ୱାଦଶ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ବିରେନ୍ଦ୍ର ପ୍ରଧାନ, କିଶୋର ପାତ୍ର, ଟିକେଶ୍ୱର ପ୍ରଧାନ ଏବଂ ଝରଣା ଲୁହାର (ସରପଞ୍ଚ,)ରାକେଶ ସାହୁ, ଦିବ୍ୟକିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍: ହୃଷି ଦାସ, ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍: ମୁକେଶ ଶର୍ମା, ସର୍ବଶ୍ରେଷ୍ଠ ଫିଲ୍ଡର୍: ଅଜୟ ରାଉତ, ସର୍ବଶ୍ରେଷ୍ଠ ବୋଲର୍ ଭାବେ ଦୀପକ ତାଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା।

କେଜିରୁ ପିଜି ମାଗଣା; ରି-ଆଡମିଶନ ଫିଂ’ ଆଦାୟକୁ ନେଇ ବିବାଦ

ପ୍ରଶାସନର ହସ୍ତକ୍ଷେପ ପରେ ଆମରଣ ଅନଶନ ପ୍ରତ୍ୟାହୃତ

ବରଗଡ଼, ୨୯।୧୦(ସମିସ)

ରାଜ୍ୟ ସରକାରଙ୍କ ‘କେଜିରୁ ପିଜି ମାଗଣା’ ଯୋଜନା ମଧ୍ୟରେ ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରି-ଆଡମିଶନ ଫିଂ’ ଆଦାୟକୁ ନେଇ ବିବାଦ ତୀବ୍ର ହୋଇଛି। ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କଠାରୁ ୫ ହଜାରରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିବା ଅଭିଯୋଗ କରି ଅର୍ଥ ଫେରସ୍ତ ଦାବିରେ ଗୁରୁବାର ଅଭିଭାବକ ଓ ଛାତ୍ରଛାତ୍ରୀ କଲେଜ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ପରେ ପ୍ରଶାସନର ହସ୍ତକ୍ଷେପ ଓ ଆଲୋଚନା ପାଇଁ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ମୋଟ ୨୦୬ ଜଣ ଛାତ୍ରଛାତ୍ରୀଙ୍କଠାରୁ ହାରାହାରି ପ୍ରାୟ ୧୬ ଲକ୍ଷ ଟଙ୍କା ରି-ଆଡମିଶନ ଫିଂ’ ଆକାରରେ ଆଦାୟ କରାଯାଇଛି। ଏହି

ଅର୍ଥ ଫେରସ୍ତ ପାଇଁ ଦାବି ହୋଇଥିଲେ ମଧ୍ୟ ଏଯାଏଁ ଟଙ୍କା ଫେରସ୍ତ ହୋଇନଥିବା ସେମାନେ କହିଛନ୍ତି। ମାଗଣା ଶିକ୍ଷା ଯୋଜନା ଲାଗୁ ହୋଇଥିବା ସ୍ଥିତିରେ କେଉଁ ନିୟମ ଆଧାରରେ ଏତେ ପରିମାଣର ଅର୍ଥ ଆଦାୟ କରାଯାଇଥିଲା, ତାହାର ସ୍ପଷ୍ଟୀକରଣ ଦାବି କରିଛନ୍ତି ଅଭିଭାବକ। ଏହି ଫିଂ’ ଆଦାୟ ଘଟଣା ତତ୍କାଳୀନ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ରାଜନୀତି ବିଜ୍ଞାନ ଅଧ୍ୟାପକ ମନୋଜ ସାଗରଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ବେଳେ ତତ୍କାଳୀନ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ବିଜ୍ଞାନ ବିଭାଗର କର୍ମଚାରୀଙ୍କୁ ଦରମା ପ୍ରଦାନ କରିଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି।

ବର୍ତ୍ତମାନର ଅଧ୍ୟକ୍ଷା ସଙ୍ଗୀତା ବରିହା କହିଛନ୍ତି ଯେ, ସେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଏହି ଫିଂ’ ଆଦାୟ ହୋଇଥିଲା। ଏଥିସହ ବର୍ତ୍ତମାନ ସୁଦ୍ଧା କଲେଜର କାଗଜପତ୍ର ଓ ଆବଶ୍ୟକ ଦସ୍ତାବିଜର ଦାୟିତ୍ୱ ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ଏଯାଏଁ ହସ୍ତାନ୍ତର କରିନଥିବା ସେ ପ୍ରକାଶ କରିଛନ୍ତି। ଅନଶନ ଖବର ପାଇ ଝାରବନ୍ଧ ଅତିରିକ୍ତ ତହସିଲଦାର ବିଶ୍ୱକେସନ ପୁରୋହିତ ଆନ୍ଦୋଳନସ୍ଥଳରେ ପହଞ୍ଚି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ପାଇଁ ଏକ ପ୍ରତିନିଧି ଦଳ ପଦ୍ମପୁର ଉପଜିଲ୍ଲାପାଳଙ୍କ ନିକଟକୁ ଯାଇ ଆଲୋଚନା କରିବା ଏବଂ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଅନଶନକାରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଆମରଣ ଅନଶନକାରୀ ବିନୋଦ ବିହାରୀ ବାଗ, ସାମନ୍ତ ଶେଖର ମୁନା, ରମେଶ ସାହୁ, ତରୁଣ ସାହୁ, ବଳରାମ ଜାଲ, ମଦନ ସାହୁ ପ୍ରମୁଖ ଦାବି କରିଛନ୍ତି।

ବାତ୍ୟା ଉଜାଡ଼ିଲା ଗଞ୍ଜାମ; ଗାଁଠୁ ସହର ଜଳବନ୍ଦୀ

- ଗଞ୍ଜାମରେ ବନ୍ୟାର ବିଭୀଷିକା, ପାତ୍ରପୁରରେ ରେକର୍ଡ ୫୪୬ ମିମି ବର୍ଷା
- ୩୫ ବର୍ଷରେ ଦିନକରେ ସର୍ବାଧିକ ବର୍ଷା: ବନ୍ୟାର କରାଳ ରୂପ
- ସବୁଠି ପ୍ରକୃତିର ପ୍ରକୋପ; ଜନଜୀବନ ବିପର୍ଯ୍ୟସ୍ତ
- ପ୍ରବଳ ବର୍ଷାରେ ଭାସିଲା ଗଞ୍ଜାମ, ଚାଷ ଉଜୁଡ଼ିଲା, ଯାତାୟାତ ଠପ୍
- ୩୧ ଯାଏଁ ସ୍କୁଲ ବନ୍ଦ, ଜାତୀୟ ରାଜପଥ ଯାତାୟତ ଠପ୍

ବ୍ରହ୍ମପୁର,୨୯।୧୦(ସମିସ): ଆକାଶରୁ ଅବିଶ୍ରାନ୍ତ ବର୍ଷା, ନଦୀରେ ଉଚ୍ଛୁଳା ବନ୍ୟାଜଳ, ଗାଁ ଦାଣ୍ଡରୁ ସହର ରାସ୍ତା ସବୁଠି ପାଣିର ପ୍ରବଳ ସ୍ରୋତ। ଚାଷ ଜମି ବୁଡ଼ିଛି, ରାସ୍ତାଘାଟ ଭାଙ୍ଗିଛି, ଯାତାୟାତ ଠପ୍ ହୋଇଛି। ବାତ୍ୟାଜନିତ ପ୍ରବଳ ବର୍ଷା ଗଞ୍ଜାମ ଜିଲ୍ଲାକୁ ଏକପ୍ରକାର ଛାରଖାର କରିଦେଇଥିବା ବେଳେ ପାତ୍ରପୁରରେ ୨୪ ଘଣ୍ଟାରେ ୫୪୬ ମିଲିମିଟର ବର୍ଷା ରାଜ୍ୟରେ ସବୁଠାରୁ ଅଧିକ ରେକର୍ଡ ହୋଇଛି। ଗୁରୁବାର ସକାଳ ୮ଟା ୩୦ ସୁଦ୍ଧା ରେକର୍ଡ ହୋଇଥିବା ଏହି ବର୍ଷା ପରିମାଣ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାରେ ବନ୍ୟା ସ୍ଥିତିକୁ ଭୟାବହ କରିଛି। ପାତ୍ରପୁରଠାରୁ ସୋରଡ଼ା, ଚିକିଟିଠାରୁ ସାନଖେମୁଣ୍ଡି ଏବଂ ଆସିକାଠାରୁ ଭଞ୍ଜନଗର ପର୍ଯ୍ୟନ୍ତ ଅନେକ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି। ନଦୀ, ନାଳ ଓ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଥିବା ବେଳେ ବନ୍ୟାରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେବା ସହ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ଅକ୍ଟୋବର ୨୯ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟର ବିଭିନ୍ନ ବର୍ଷା ମାପକ କେନ୍ଦ୍ରରେ ଅସାଧାରଣ ବର୍ଷା ରେକର୍ଡ ହୋଇଛି। ପାତ୍ରପୁରରେ ୫୪୬ ମିଲିମିଟର ବର୍ଷା ହୋଇଥିବା ବେଳେ ସୋରଡ଼ାରେ ୫୦୩.୮ ମିଲିମିଟର, କନ୍ଧମାଳର ଜି. ଉଦୟଗିରିରେ ୪୬୨.୪ ମିଲିମିଟର ଏବଂ ଗଜପତି ଜିଲ୍ଲାର ମହେନ୍ଦ୍ରଗଡ଼ରେ ୪୫୮.୮ ମିଲିମିଟର ବର୍ଷା ହୋଇଛି। ଅଧିକାରୀଙ୍କ ସୂଚନା ଅନୁସାରେ, ଗତ ୩୫ ବର୍ଷ ମଧ୍ୟରେ ଓଡ଼ିଶାର ଗୋଟିଏ ସ୍ଥାନରେ ଗୋଟିଏ ଦିନରେ ରେକର୍ଡ ହୋଇଥିବା ଏହା ସର୍ବାଧିକ ବର୍ଷା ବୋଲି କୁହାଯାଉଛି। ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡିରେ ୩୮୮ ମିଲିମିଟର, ଚିକିଟିରେ ୩୦୯.୨ ମିଲିମିଟର, ରଙ୍ଗେଇଲୁଣ୍ଡାରେ ୨୬୧ ମିଲିମିଟର ଏବଂ ଦିଗପହଣ୍ଡିରେ ୨୫୨ ମିଲିମିଟର ବର୍ଷା ହୋଇଛି। ସେହିପରି କନ୍ଧମାଳ ଜିଲ୍ଲାର ରାଇକିଆରେ ୩୮୪.୮ ମିଲିମିଟର, ମୋହନାରେ ୨୯୯.୬ ମିଲିମିଟର, କେ. ନୂଆଗାଁରେ ୨୪୦.୮ ମିଲିମିଟର ଏବଂ ପିରିଙ୍ଗିଆରେ ୨୧୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଫୁଲବାଣୀରେ ୧୩୨.୬ ମିଲିମିଟର, ବ୍ରହ୍ମପୁରରେ ୧୨୭.୬ ମିଲିମିଟର, ବେଲଗୁଣ୍ଠାରେ ୧୨୩ ମିଲିମିଟର, ଗୋପାଳପୁରରେ ୧୧୮.୨ ମିଲିମିଟର ଏବଂ ଛତ୍ରପୁରରେ ୧୦୮.୮ ମିଲିମିଟର ବର୍ଷା ହୋଇଛି। ଏହି ଅସାଧାରଣ ବର୍ଷା ଦକ୍ଷିଣ ଓଡ଼ିଶାର ବିସ୍ତୀର୍ଣ୍ଣ ଅଞ୍ଚଳକୁ ପ୍ରଭାବିତ କରିଛି। ବିଶେଷକରି ଗଞ୍ଜାମ ଜିଲ୍ଲାରେ ବନ୍ୟାର ପ୍ରକୋପ ସାଂଘାତିକ ହୋଇଛି। ପାତ୍ରପୁର, ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡି, ସୋରଡ଼ା, ଭଞ୍ଜନଗର, ଆସିକା, ହିଞ୍ଜିଳି, ଶେରଗଡ଼ ଓ ଧରାକୋଟ ସମେତ ପୁରୁଷୋତ୍ତମପୁର, ଛତ୍ରପୁର ଏବଂ ବ୍ରହ୍ମପୁର ସହରରେ ଜଳବନ୍ଦୀ ସ୍ଥିତି ଦେଖାଦେଇଛି। ଧରାକୋଟ ବ୍ଲକରେ ବନ୍ୟାଜଳ ମଧ୍ୟରେ ଫସି ରହିଥିବା ଲୋକଙ୍କୁ ଏୟାରଲିଫ୍ଟ ଜରିଆରେ ଉଦ୍ଧାର କରାଯାଇଛି। ଅନେକ ସ୍ଥାନରେ ଘରଦ୍ୱାର ନିକଟରେ ପାଣି ଜମି ରହିଥିବାରୁ ଲୋକଙ୍କ ଦୈନନ୍ଦିନ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହେବାରୁ ବିପନ୍ନ ଅଞ୍ଚଳରେ ସହାୟତା ପହଞ୍ଚାଇବା ମଧ୍ୟ ଏକ ଆହ୍ୱାନ ପାଲଟିଛି। ଅନ୍ୟପକ୍ଷରେ ଜିଲ୍ଲାର କୃଷି କ୍ଷେତ୍ର ଉପରେ ବନ୍ୟାର ପ୍ରଭାବ ଗଭୀର ହୋଇଛି। ଖରିଫ ଧାନ ଅମଳ ସମୟରେ ବର୍ଷା ଓ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇଛି। ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ଦ୍ୱିଗୁଣିତ ହୋଇଛି। ଅନେକ ସ୍ଥାନରେ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜାତୀୟ ରାଜପଥରେ ମଧ୍ୟ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ଲୋକଙ୍କ ଯାତାୟାତ ସହ ମାଲ ପରିବହନ ଓ ଜରୁରିକାଳୀନ ସେବା ଉପରେ ପ୍ରଭାବ ପଡ଼ିଛି। ଏପଟେ ଋଷିକୂଲ୍ୟା, ମହେନ୍ଦ୍ରତନୟା, ବାହୁଦା, ବଘୁଆ ଓ ଘୋଡ଼ାହାଡ଼ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ବିପଦ ସୃଷ୍ଟି କରିଛି। ବାଘଲଟି, ଘୋଡ଼ାହାଡ଼ ସମେତ ବିଭିନ୍ନ ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯାଉଥିବାରୁ ନଦୀକୂଳିଆ ଓ ତଳିଆ ଅଞ୍ଚଳର ଲୋକଙ୍କ ପାଇଁ ସତର୍କତା ଜରୁରି ହୋଇପଡ଼ିଛି। ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳ ମଧ୍ୟ ଜଳବନ୍ଦୀ ସମସ୍ୟାରୁ ମୁକ୍ତ ହୋଇପାରିନାହିଁ। ବର୍ଷାର ପରିମାଣ କିଛି ମାତ୍ରାରେ କମିଥିଲେ ମଧ୍ୟ ଜମି ରହିଥିବା ବନ୍ୟାଜଳ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ବାତ୍ୟାର ପ୍ରଭାବ ଗଞ୍ଜାମ ପାଇଁ ଯେଉଁ ବିପର୍ଯ୍ୟୟ ଆଣିଛି, ତାହାର ପ୍ରକୃତ କ୍ଷୟକ୍ଷତି ଆକଳନ ଓ ପୁନର୍ବାସ କାର୍ଯ୍ୟ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ପାଇଁ ବଡ଼ ପରୀକ୍ଷା ହେବ। ଅନ୍ୟପକ୍ଷରେ ଜାତୀୟ ରାଜପଥ ଯାତାୟତ ଠପ୍ ହୋଇଛି। ଆନ୍ଧ୍ରର ଇଚ୍ଛାପୁରଠାରୁ ଛତ୍ରପୁର ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଟ୍ରକ୍ ଗୁଡ଼ିକ ପଡ଼ି ରହିଛି। ସେହିଭଳି ପାଣି ଘେରରେ ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୫୫୯ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିବା ବେଳେ ସେଥିମଧ୍ୟରୁ ୩୦୧ଟି ପ୍ରସବ ହୋଇସାରିଛି। ଅନ୍ୟପକ୍ଷରେ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ, କଲେଜ୍ ଆଦି ବନ୍ଦ ରହିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ବାତ୍ୟା "ଅର୍ଣ୍ଣବ'ର ପ୍ରଭାବରେ ଲଗାଣ ବର୍ଷା

ଜଳବନ୍ଦୀ ସହର; ସାହି ମଝିରେ ଚାଲିଛି ପାଣି

ବ୍ରହ୍ମପୁର,୨୯ ।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ବେହାଲ ହୋଇପଡ଼ିଛି ବ୍ରହ୍ମପୁର ସହର। ବିଭିନ୍ନ ସାହି ଓ ରାସ୍ତାରେ ବର୍ଷାଜଳର ପ୍ରଖର ସ୍ରୋତ ଯୋଗୁଁ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘରୁ ବାହାରିବା ମଧ୍ୟ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ ବିଧାୟକ କେ. ଅନିଲ କୁମାର ସହରର ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। କେତେକ ସ୍ଥାନରେ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଓ ପୋଷାକ ବଣ୍ଟନ କରାଯାଇଥିଲା। ସେହିପରି କର୍ପୋରେଟର ସମୀର କୁମାର ମିଶ୍ର ନିଜ ଅଞ୍ଚଳର ଜଳବନ୍ଦୀ ସ୍ଥାନ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ସହଯୋଗ କରିଥିଲେ। ଟିମ୍ କ୍ଲିନ୍ ସିଟି ବ୍ରହ୍ମପୁର ପକ୍ଷରୁ ଜଳବନ୍ଦୀ ଅଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ସହରର

- ଜଳବନ୍ଦୀଙ୍କ ପାଖରେ ପହଞ୍ଚିଲେ ମେୟର, ବିଧାୟକ ଓ କର୍ପୋରେଟର
- ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଲା ଟିମ୍ କ୍ଲିନ୍ ସିଟି

ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ, ଶଶିଭୂଷଣ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ ସମେତ କେତେକ ପାର୍କର କାନ୍ଥ ଭାଙ୍ଗିଯାଇଛି। ବିଭିନ୍ନ ରାସ୍ତାରେ ଗଛ ଭାଙ୍ଗି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ରାସ୍ତାରେ ପଡ଼ିଥିବା ଗଛ କାଟି ହଟାଇବା ପରେ ଯାତାୟାତ ସ୍ୱାଭାବିକ କରିଥିଲେ। ସେହିପରି ସହରର ବିଭିନ୍ନ ନାଳନର୍ଦ୍ଦମା ସଫା କରି ଜଳ ନିଷ୍କାସନ ସ୍ୱାଭାବିକ କରିବାକୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ତେବେ ଲଗାଣ ବର୍ଷାରେ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ରହିଥିବାରୁ ଜଳ ନିଷ୍କାସନ ଓ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଣ ଏବେ ପ୍ରମୁଖ ଆହ୍ୱାନ ପାଲଟିଛି। ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ସହ ନିୟମିତ ନାଳ ସଫେଇ ଓ ଉନ୍ନତ ଜଳ ନିଷ୍କାସନ ବ୍ୟବସ୍ଥାର ଆବଶ୍ୟକତା ପୁଣିଥରେ ସାମ୍ନାକୁ ଆସିଛି।

୩୧ ପର୍ଯ୍ୟନ୍ତ ଜିଲ୍ଲାରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ

ବ୍ରହ୍ମପୁର,୨୯ ।୧୦(ସମିସ): ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଜାରି ରହିଥିବାରୁ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଗଞ୍ଜାମ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ପୂର୍ବରୁ ଅକ୍ଟୋବର ୨୬ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଜିଲ୍ଲାରେ ଜାରି ରହିଥିବା ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି। ଏ ନେଇ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର କୁଳସଚିବ, ଡିଗ୍ରୀ କଲେଜର ଅଧ୍ୟକ୍ଷ, ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ଅବଗତ କରାଯାଇଛି।

ଜଳବନ୍ଦୀରୁ ଉଦ୍ଧାର ପାଇଁ ସିପିଏମ୍‌ର ଦାବି

ବ୍ରହ୍ମପୁର,୨୯ ।୧୦(ସମିସ): ସମଗ୍ର ଗଞ୍ଜାମ ଜିଲ୍ଲା ପାଣି ଘେରରେ ରହିଥିବା ବେଳେ ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ପାଣିପାଗ ବିଭାଗର ସତର୍କତା ସତ୍ତ୍ୱେ ସରକାରଙ୍କ ମୁକାବିଲା ଯୋଜନା ପ୍ରଚାର ସର୍ବସ୍ୱ ହୋଇଛି। ବନ୍ୟାର ପ୍ରଭାବ ଶେଷ ହେବା ଆଗରୁ ସରକାର ସଫଳ ମୁକାବିଲା କରିଛନ୍ତି ବୋଲି ଘୋଷଣା କରିସାରିଥିବା ସିପିଏମ ପକ୍ଷରୁ ଦାବି କରାଯାଇଛି। ଦ୍ୱିତୀୟରେ ଜିଲ୍ଲା ସାରା ମୁକାବିଲା କରିବା ଦୂରର କଥା ଖୋଦ ବ୍ରହ୍ମପୁର ସହରରେ ହଜାର ହଜାର ଲୋକ ପାଣି ଘେରରେ ରହିଛନ୍ତି। ଏହା ସରକାରଙ୍କ ବାତ୍ୟା ମୁକାବିଲାର ଚରମ ବିଫଳତାକୁ ପରିପ୍ରକାଶ କରିଛି। ତେଣୁ ଅତିଶୀଘ୍ର ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା, ଜଳଘେରିରେ ରହିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ, ସେମାନଙ୍କର ରହିବା ଓ ଖାଦ୍ୟ ବ୍ୟବସ୍ଥା କରିବା, ପିଇବା ପାଣି, ବିଜୁଳି, ଓ ଗମନା ଗମନ ବ୍ୟବସ୍ଥାକୁ ସଜାଡ଼ିବା କ୍ଷେତ୍ରରେ ଅତିଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ପାର୍ଟି ପକ୍ଷରୁ ଦାବୀ କରାଯାଇଛି। ସେହିଭଳି ମୃତ ବ୍ୟକ୍ତିଙ୍କୁ ସହାୟତା ଓ ଫସଲ ହାନିର କ୍ଷତି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଦାବି କରିଛନ୍ତି।

ଏମକେସିଜି କର୍କଟ ରୋଗ ବିଭାଗର ଖସିଲା ସିଲିଂ

ପାଣିପାଗ ବଦଳିଲେ ବଢୁଛି ଭୟ, କେତେ ସୁରକ୍ଷିତ ରୋଗୀ ଓ କର୍ମଚାରୀ

ବ୍ରହ୍ମପୁର,୨୯ ।୧୦(ସମିସ): ବାତ୍ୟା "ଅର୍ଣ୍ଣବ'ର ପ୍ରଭାବରେ ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଏମକେସିଜି ମେଡିକାଲ ପରିସରରେ ଥିବା ବିଭିନ୍ନ

କୋଠାର ସିଲିଂ ଦୁର୍ବଳ ହୋବାରେ ଲାଗିଛି। ନିୟମିତ ବର୍ଷା ଜାରି ରହିଥିବା ବେଳେ ବୁଧବାର ରାତିରେ କ୍ୟାନ୍ସର ୱାର୍ଡ(କର୍କଟ ରୋଗ ବିଭାଗ)ରେ ସିଲିଂ ଖସିଛି। ୱାର୍ଡରେ ବିଭିନ୍ନ ବେଡ୍ ଉପରେ ସିଲିଂ ଭୁଶୁଡ଼ିଛି। ଉକ୍ତ ବିଭାଗରେ ରୋଗୀଙ୍କ ଚିକିତ୍ସା ଜାରି ରହିଥିବା ବେଳେ ସିଲିଂ ପଡ଼ିଥିଲା। ଖବର ପାଇଁ ଏମକେସିଜି ମେଡିକାଲ ଅଧୀକ୍ଷକ ଡା. ସୁଦୀପା ଦାଶ ଓ ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ ଘଟଣାସ୍ଥଳ ପରିଦର୍ଶନ କରିବା ସହ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମେଡ଼ିକାଲ ଏହା ଗୋଟିଏ ବିଭାଗ ନୁହେଁ। ମେଡ଼ିକାଲ ପରିସରରେ ଥିବା ପିଏମଏସଏସୱାଇ ଓ ଏସଏସ କୋଠାର ରହିଥିବା ବିଭିନ୍ନ ବିଭାଗର ଲାଗିଥିବା ସିଲିଂଙ୍କ ମଧ୍ୟ ଦୁର୍ବଳ ହେବାରେ ଲାଗଛି। ଅନ୍ୟପକ୍ଷରେ ପାଗ ମେଘୁଆ କିମ୍ବା ଲଗାଣ ବର୍ଷା ହେବା ସମୟରେ ଏଭଳି ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଗତ ଦୁଇ ବର୍ଷ ପୂର୍ବେ ମେଡ଼ିକାଲ କୋଠାର ବିଭିନ୍ନ ମହଲାରେ ବାରମ୍ବାର ସିଲିଂ ଖସିବା ପରେ ଦୁର୍ବଳ ରହିଥିବା ସ୍ଥାନ ମରାମତି କରିବା ସହ କୋଠାର ରକ୍ଷଣାବେକ୍ଷଣ ସମେତ ଅନ୍ୟାନ୍ୟ ମରାମତି କାର୍ଯ୍ୟ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏଥି ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ବର୍ଷ ୩କୋଟି ୬୭ଲକ୍ଷ ୪୨ହଜାର ୮୧୭ଟଙ୍କା ଖର୍ଚ୍ଚ ହୋଇଛି। ପୂର୍ବରୁ ଲିସିଂରେ ଜିପସନ ବୋଡର୍ ବ୍ୟବହାର କରାଯାଇଥିବା ବେଳେ ତାହା ନଷ୍ଟ ହୋଇ ଖସୁଥିବା ବିଭାଗର ବରିଷ୍ଠ ଅଧିକାରୀ ମାନେ ଅନୁମାନ କରିଥିଲେ।

NAYAGARH DISTRICT CENTRAL CO-OPERATIVE BANK LTD.
AT/PO/DIST. NAYAGARH (ODISHA)
Telephone (06753) 252232,211200,211202, 252208
email-nayagarhccb@yahoo.co.in
ପଞ୍ଜିକରଣ ନଂ ୯୨ ପି ସ୍ତୁ ତା ୩୦.୦୩.୧୯୪୯
ପତ୍ର ସଂଖ୍ୟା -୨୪୧୧, ତାରିଖ: ୨୯.୧୦.୨୦୨୬

ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି

ଏତଦ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂର ସମସ୍ତ ଅଂଶୀଦାର ସଭ୍ୟ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୬୭ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା ୦୯.୧୧.୨୦୨୬ ରିଖ ସୋମବାର ସକାଳ ୧୦.୩୦ ମିନିଟ୍ ସମୟରେ ସୃଜନ ହଲ (DRDA) ପରିସରରେ ଅନୁଷ୍ଠିତ ହେବ।
ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧ ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାଇ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।
କାର୍ଯ୍ୟସୂଚୀ:
୧. ବ୍ୟାଙ୍କର ୬୬ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୪-୨୫ ଓ ୨୦୨୫-୨୬ ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୪-୨୫ ଓ ୨୦୨୫-୨୬ ବର୍ଷର ଅଡିଟ ରିପୋର୍ଟ ଅନୁମୋଦନ ଓ ଗ୍ରହଣ।
୪. ବ୍ୟାଙ୍କର ୨୦୨୬-୨୭ ବର୍ଷର ବାର୍ଷିକ ଆୟ ବ୍ୟୟ ଅଟକଳ ପଠନ ଓ ଅନୁମୋଦନ।
୫. ବ୍ୟାଙ୍କର ୨୦୨୩-୨୪, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷର ଲାଭାଂଶ ବଣ୍ଟନ କରିବା ନିମନ୍ତେ ଅନୁମୋଦନ।
୬. ବ୍ୟାଙ୍କର ପଦାକାରୀମାନେ ଏବଂ ସେମାନଙ୍କର ନିକଟ ସମ୍ପର୍କୀୟ ବା ପରିବାର ସଦସ୍ୟମାନଙ୍କୁ ମଞ୍ଜୁର କରାଯାଇଥିବା ଋଣଗୁଡ଼ିକର ସମୀକ୍ଷା କରିବା ଏବଂ ଉକ୍ତ ଋଣଗୁଡ଼ିକର ଆଦାୟ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ।
୭. ଅଡିଟ୍, ନିରୀକ୍ଷଣ ଓ ତଦନ୍ତ ରିପୋର୍ଟ, ବାର୍ଷିକ ରିପୋର୍ଟ, ମହାଲେଖାପରୀକ୍ଷକଙ୍କ ବାର୍ଷିକ ରିପୋର୍ଟ ଏବଂ ଯଦି କୌଣସି ସରକାରୀ ନିର୍ଦ୍ଦେଶ ଥାଏ, ତାହାର ବିଚାର ଓ ସମିତି ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପର ସମୀକ୍ଷା।
୮. ସମିତି, ଉପସମିତି ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ରିପୋର୍ଟଗୁଡ଼ିକର ସମୀକ୍ଷା।
୯. ସଂରକ୍ଷିତ ପାଣ୍ଠି ଏବଂ ଅନ୍ୟାନ୍ୟ ପାଣ୍ଠି ସୃଷ୍ଟି କରିବା ଓ ସେଗୁଡ଼ିକର ବିନିଯୋଗର ସମୀକ୍ଷା।
୧୦ ବ୍ୟାଙ୍କର ଉପବିଜ୍‌ରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକୁ ବିଚାର କରି ଅନୁମୋଦନ କରିବା।
୧୧. ବ୍ୟାଙ୍କର ଅନୁମୋଦିତ ପୁଞ୍ଜିକୁ (Authorized Share Capital) ୧୫୦ କୋଟି ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ବ୍ୟାଙ୍କର ଉପବିଧି (ଧାରା ନଂ ୪) ରେ ଆବଶ୍ୟକୀୟ ସଂଶୋଧନ କରିବା ପ୍ରସ୍ତାବ ଉପରେ ବିଚାର କରି ଅନୁମୋଦନ କରିବା।
୧୨. ବ୍ୟାଙ୍କର ଓଡ଼ଗାଁ ଶାଖା, ଦଶପଲ୍ଲା ଶାଖା ଏବଂ ମୁଖ୍ୟ କାର୍ଯ୍ୟାଳୟ ଶାଖାଠାରେ ୩ (ତିନି)ଟି ଏଟିଏମ୍ (ATM) ସ୍ଥାପନ କରିବା ସମ୍ପର୍କରେ ବିଚାର କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିବା।
୧୩. ୪ (ଚାରି) ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି (PACS) କୁ ବ୍ୟାଙ୍କ ସହ ଅନୁବନ୍ଧିତ କରିବା ନିମନ୍ତେ ପ୍ରସ୍ତାବ ଉପରେ ବିଚାର କରି ଅନୁମୋଦନ ପ୍ରଦାନ କରିବା।
୧୪. ବ୍ୟାଙ୍କର ମହିଳା ଶାଖା ଏବଂ ନାଇଟ୍ ଶାଖାକୁ ଉପଯୁକ୍ତ ଓ ସୁବିଧାଜନକ ନୂତନ ସ୍ଥାନକୁ ସ୍ଥାନାନ୍ତର କରିବା ସମ୍ପର୍କରେ ବିଚାର କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିବା।
୧୫. ପଦାଧିକାରୀମାନଙ୍କୁ ସେମାନଙ୍କ ପଦବୀ ଅନୁଯାୟୀ ସମ୍ପାଦନ କରାଯାଉଥିବା କାର୍ଯ୍ୟ ଏବଂ ବୈଠକରେ ଯୋଗଦାନ ସମ୍ବନ୍ଧରେ ଦିଆଯିବାକୁ ଥିବା ପାରିଶ୍ରମିକ ଓ ଅନ୍ୟାନ୍ୟ ସୁବିଧା ନିର୍ଦ୍ଧାରଣ
୧୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)।

ସଭାପତିଙ୍କ ଅନୁମୋଦନ କ୍ରମେ
ଶ୍ରୀଯୁକ୍ତ କରୁଣାକର ସାହୁ
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲି

OFFICE OF THE PANCHAYAT SAMITI, BHANDARIPOKHARI
At/Po - Bhandaripokhari, Dist - Bhadrak, E-Mail: ori-bhandaripokhari@nic.in

Letter no. 2846 Date: 28.10.2026

Tender for Construction of Additional Classroom of Belagadia High School & Repair and Maintance of Cyclone Shelter at Bandalo Madhiali, Malda & Maninathpur

1. Name of the Work : Construction of Additional Classroom of Belagadia High School & Repair and Maintance of Cyclone Shelter at Bandalo Madhiali, Malda & Maninathpur
2. Total No. of Work : 04 nos
3. Approximate Estimated Cost : As per DTCN
4. Class Contractor : (C & D)
5. Period of Completion : Three Calendar Months for (i), (ii), (iii) & Six Calendar Months for (iv).
6. Other Details : The Details are as follows

Sl. No.	Bid Identification No.	Available Tender for bidding		Last date for receipt of Bids	Date & Time of Opening of Bid
		From	To		
1	PSB-09/2026-27 to PSB-12/2026-27	30.10.2026 10 AM	13.11.2026 5 PM	13.11.2026 5 PM	16.11.2026 11 AM

1. Further details can be seen from the website portal http://bhadrak.odisha.gov.in
2. Any other changes/ Corrigendum/ Addendum may be seen only in website http://bhadrak.odisha.gov.in

Block Development Officer
Bhandaripokhari Block

JAGATSINGHPUR MUNICIPALITY
e- Procurement Notice
No. 6362 Dt. 13.10.2026 13001/2291/2627
Email: Jagatsinghpur Municipality.gov.in

On behalf of the Municipal Council, Jagatsinghpur Municipality, Executive Officer JAGATSINGHPUR MUNICIPALITY invites Percentage Rate Bids from the eligible bidders for the works mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid system from intending bidders fulfilling the eligibility criteria mentioned in the DTCN. Each bid should be submitted online through the website www.tendersodisha.gov.in by eligible bidders.

1.	Nature of the Works	:	Civil Construction
2.	No. of Works	:	01 (One) No.
3.	Estimated Cost	:	Rs. 1,06,68,695.24/- (Excluding GST)
4.	Class of contractor	:	"B" Class as indicated against the work mentioned in the DTCN.
5.	Period of completion	:	9 (Nine) Month
6.	Date and Time of Availability of Bid document in the portal	:	From 10:30 A.M. of 16.10.2026 to 05:00 P.M. of 06.11.2026
7.	Last date/Time of submission of bids in the portal	:	05:00 P.M. of 06.11.2026
8.	Date of opening of Technical Bids from Portal	:	09.11.2026 (11:00 A.M. onwards)
9.	Date of opening of Financial Bids	:	Will be intimated later

Further details can be seen from the e-Procurement portal https://www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Executive Officer
Jagatsinghpur Municipality
OIPR-13001/13087/1/26-27/0010

ଆଜିର ରାଶିଫଳ

ମେଷ: ଅସ୍ଥିରତା କାରଣରୁ କାର୍ଯ୍ୟହାନି ହୋଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭଫଳ ପାଇବେ। ସମସ୍ୟା ଲାଗିରହିବ। ଆଳସ୍ୟତା ହେତୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଗିଡ଼ି ଯାଇପାରେ।

ବୃଷ: ବିଭିନ୍ନ ମାର୍ଗରେ ସଫଳତା ପାଇବେ। କାର୍ଯ୍ୟସିଦ୍ଧି ସହ ସୁଖସମ୍ମାନ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ରହିବ। ପରିବାରବର୍ଗଙ୍କ ସହ ନିବିଡ଼ତା ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହଯୋଗ ପାଇବେ।

ମିଥୁନ: ଗୁରୁଜନଙ୍କ ଉପଦେଶ ଅନୁସାରେ କାର୍ଯ୍ୟ କରିବେ। ଭାଇଭଉଣୀଙ୍କ ସହଯୋଗ ପାଇବେ। ପ୍ରଶାସନିକ ଓ ରାଜନୀତି ସହ ଜଡ଼ିତ ବ୍ୟକ୍ତି ଶୁଭଫଳ ପାଇବେ।

କର୍କଟ: ମନର କଥାକୁ ଗୋପନ ରଖି କଷ୍ଟ ପାଇବେ। କର୍ମକ୍ଷେତ୍ରରେ ବିଷମ ପରିସ୍ଥିତି ରହିବ। ଗୁରୁଜନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଅଧିକ ଚିନ୍ତା କରି ଅସୁସ୍ଥ ମନେ କରିପାରନ୍ତି।

ସିଂହ: ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚିନ୍ତାରେ ପଡ଼ିପାରନ୍ତି। ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବ। କର୍ମକ୍ଷେତ୍ରରେ ଲୋକପ୍ରିୟତା ବୃଦ୍ଧିପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

କନ୍ୟା: କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ଦୂରଯାତ୍ରା କରିପାରନ୍ତି। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଭ୍ରମଣପ୍ରିୟ ହେବେ।

ତୁଳା: ଶାରୀରିକ ସମସ୍ୟା ଦେଖାଦେଇପାରେ। ଅର୍ଥ ଦିଆନିଆ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଆଶା କରିଥିବା ଦିଗରୁ ଫଳ ପାଇବେ। ପ୍ରେମ ଓ ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ବିଛା: ଦିନଟି ବ୍ୟସ୍ତତା ଭିତରେ କଟିବ। ନୂତନ କାର୍ଯ୍ୟରେ ରୁଚି ଦେଖାଇବେ। କର୍ମକ୍ଷେତ୍ରରେ ଦାୟିତ୍ୱ ବଢ଼ିବାକୁ ଲାଗିବ। ପରିବାରବର୍ଗଙ୍କ ସହ ତୀର୍ଥସ୍ଥଳୀକୁ ଯାତ୍ରା କରିପାରନ୍ତି।

ଧନୁ: ସାମାଜିକ କାର୍ଯ୍ୟରେ ଅଧିକ ସମୟ କଟିବ। ବ୍ୟବସାୟରେ ଠକାମିରେ ପଡ଼ିପାରନ୍ତି। ଶତ୍ରୁମାନଙ୍କ ଷଡ଼ଯନ୍ତ୍ରର ଶିକାର ହେବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ।

ମକର: କୌଣସି କାର୍ଯ୍ୟରେ ଜୀବନସାଥୀଙ୍କ ପରାମର୍ଶ ଲୋଡ଼ିବେ। କର୍ମକ୍ଷେତ୍ରରେ କଠିନ ପରିଶ୍ରମର ଫଳ ମିଳିବ। ଦେହ ଓ ମନ ଭଲ ରହିବ। ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ସନ୍ତୋଷ ପାଇବେ।

କୁମ୍ଭ: ପାରିବାରିକ ବୁଝାମଣା ଉତ୍ତମ ରହିବ। କର୍ମକ୍ଷେତ୍ରରେ ଉତ୍ସାହର ସହ କାର୍ଯ୍ୟ କରିବେ । ଦାମ୍ପତ୍ୟ ଜୀବନରେ ମଧୁର ସମ୍ପର୍କ ରହିବ। ମହିଳାମାନେ ପ୍ରସନ୍ନ ରହିବେ। ଦୀର୍ଘଦିନର ସମସ୍ୟା ଭିନ୍ନ ମୋଡ଼ ନେବ।

ମୀନ: କେତେକ କାର୍ଯ୍ୟକୁ ନେଇ ଚିନ୍ତିତ ରହିବେ। ମହିଳାମାନେ ଉଦାସ ରହିବେ। ବ୍ୟବସାୟରେ ଉନ୍ନତି ପାଇଁ ନୂତନ ପଥ ଚୟନ କରିବେ। ଛାତ୍ରଛାତ୍ରୀ ଅସ୍ଥିରମନା ରହିବେ।

ଆଜିର ଇତିହାସ

- ୧୮୮୩: ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦେହାନ୍ତ।
- ୧୯୨୫: ପ୍ରଥମଥର ଲଣ୍ଡନରେ ଟେଲିଭିଜନ ପ୍ରସାରଣ ସେବା ଆରମ୍ଭ।
- ୧୯୫୬: ଦିଲ୍ଲୀରେ ଦେଶର ପ୍ରଥମ ପଞ୍ଚତାରକା ହୋଟେଲ 'ଅଶୋକ' ଖୋଲିଲା।
- ୧୯୬୦: ବ୍ରିଟେନରେ ପ୍ରଥମଥର ସଫଳତା ପୂର୍ବକ ବୃକକ୍ ପ୍ରତ୍ୟାରୋପଣ କରାଗଲା।

ସୋନମ୍‌ଙ୍କ ଫ୍ୟାମିଲି ଟାଇମ୍

ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ସୋସିଆଲ ମିଡିଆରେ ନିଜ ଘରୋଇ ଜୀବନର କିଛି ସୁନ୍ଦର ଝଲକ ସେୟାର କରି ତାଙ୍କର ମାତୃତ୍ୱ ଅନୁଭୂତି ବିଷୟରେ ପ୍ରକାଶ କରିଛନ୍ତି । ଏବେ ସେ ନିଜ ଦୁଇ ପୁଅଙ୍କ ସହ ସମୟ ଅତିବାହିତ କରୁଥିବା କଥା କହିଛନ୍ତି। ଏହାସହ ଏହାର କିଛି ଫଟୋ ବି ସେୟାର୍ କରିଛନ୍ତି। ସୋନମ୍ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ଚାରିଆଡ଼େ ଖେଳଣା, ଘରେ ଏଣେତେଣେ ହୋଇ ପଡ଼ିଛି, ମନ କିନ୍ତୁ ଆନନ୍ଦିତ। ଏବେର ଜୀବନ ଖୁବ୍ ଶାନ୍ତମୟ। କେବଳ ଧ୍ୟାନର ସହ ରହିବାର ଅଛି।' ସେ ସେୟାର୍ କରିଥିବା ପ୍ରଥମ ଫଟୋରେ ସୋନମ୍ ସୋଫାରେ ବସି ସାନ ପୁଅକୁ କୋଳରେ ଧରିଥିବାର ଦେଖାଯାଇଛନ୍ତି। ତାଙ୍କ ବଡ଼ ପୁଅ ସୋନମ୍‌ଙ୍କୁ ଧରିଛି। ଏହି ଫଟୋଟି ସହିତ ସେ ଲେଖିଛନ୍ତି, 'ଆଜିକାଲି ମୋର ଜୀବନ ପୂରା ଦୁଇ ପୁଅଙ୍କ ଚାରିପାଖରେ ବିତୁଛି।' ଆଉ ଏକ ଫଟୋରେ ସୋନମ୍‌ଙ୍କ ସ୍ୱାମୀ ଆନନ୍ଦ ଆହୁଜା ତାଙ୍କ ଦୁଇ ପୁଅଙ୍କ ସହିତ ନଜର ଆସିଥିବା ଦେଖିବାକୁ ମିଳିଛି। ଏହାବାଦ୍ ସୋନମ୍ କପ୍ କେକ୍ ଫଟୋ ମଧ୍ୟ ସେୟାର୍ କରିଛନ୍ତି। ଯାହାକୁ ସେ ନିଜ ପୁଅ ସହ ମିଶିକି ତିଆରି କରିଛନ୍ତି। ଫ୍ୟାମିଲି ଟାଇମ୍ ମଧ୍ୟରେ ସେ ନିଜ ସ୍ୱାମୀ ଆନନ୍ଦଙ୍କୁ ମିସ୍ କରୁଥିବା କଥା ମଧ୍ୟ କହିଛନ୍ତି। ସୋନମ୍‌ଙ୍କ ଏହି ଫଟୋଗୁଡ଼ିକୁ ଦେଖି କରିନା କପୁର, ବିପାଶା ବସୁ ଏବଂ କରିସ୍ମା କପୁରଙ୍କ ଭଳି ତାରକାମାନେ ବହୁତ ଭଲପାଇବା ଜଣାଇଛନ୍ତି । ତାଙ୍କ ମାଆ ସୁନୀତା କପୁର ମଧ୍ୟ ନାତିମାନଙ୍କୁ 'ଏଞ୍ଜେଲ୍ସ' ବୋଲି କହିଛନ୍ତି । ସୋନମ୍ କପୁର ବର୍ତ୍ତମାନ ଫିଲ୍ମ ଦୁନିଆରୁ ଦୂରେଇ ନିଜ ପରିବାର ଏବଂ ପିଲାମାନଙ୍କୁ ସମ୍ପୂର୍ଣ୍ଣ ସମୟ ଦେଉଛନ୍ତି।

ଷ୍ଟେସନ୍ ସଫେଇ କରୁଛନ୍ତି ଛେଳି

ସାଧାରଣତଃ ଷ୍ଟେସନରେ ଲୋକମାନେ କାମ କରୁଥିବା ସମସ୍ତେ ଜାଣନ୍ତି। ସେହିପରି ସଫାସଫି ଲାଗି ମେସିନ୍ ବ୍ୟବହାର କରାଯାଉଥିବା ସମସ୍ତେ ଦେଖିଛନ୍ତି। ହେଲେ ଜାପାନ ରାଜଧାନୀ ଟୋକିଓର ଏକ ଷ୍ଟେସନରେ ଛେଳି କାମ କରୁଛନ୍ତି। ଶୁଣିବାକୁ ଅଜବ ଲାଗିଲେ ବି ଘଟଣାଟି ସମ୍ପୂର୍ଣ୍ଣ ସତ। ଟୋକିଓର ୟୋସୁୟା ଷ୍ଟେସନରେ ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ଏହି ଦୁଇ ଛେଳିଙ୍କୁ 'ଘାସ ସଫା' କାର୍ଯ୍ୟରେ ଲଗାଯାଇଛି। ଏହି ଅଭିନବ ଏବଂ ପରିବେଶ ଅନୁକୂଳ ପଦକ୍ଷେପ ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ନାଗି ଏକ ୧ ବର୍ଷର ଅଣ୍ଡିରା ଛେଳି ହୋଇଥିବା ବେଳେ ପୋକେ ହେଉଛି ଏକ ୨ ବର୍ଷର ମାଈ ଛେଳି। ଜାପାନର ପ୍ରସିଦ୍ଧ ରେଳ କମ୍ପାନି ଜେଆର୍ ଇଷ୍ଟ ପକ୍ଷରୁ ସେମାନଙ୍କୁ ଷ୍ଟେସନ ପରିସରରେ ଘାସ କାଟିବା କାମରେ ମୁତୟନ କରାଯାଇଛି। ୟୋସୁୟା ଷ୍ଟେସନର ଆକାସାକା ଏଗଜିଟ୍ ନିକଟରେ ଏକ ବଡ଼ ଢାଲୁଆ ସ୍ଥାନ ରହିଛି, ଯେଉଁଠି ପ୍ରଚୁର ଅନାବନା ଘାସ ଉଠିଥାଏ। ଢାଲୁଆ ସ୍ଥାନ ହୋଇଥିବାରୁ ମେସିନ୍ ସାହାଯ୍ୟରେ ଘାସ କାଟିବା କଷ୍ଟକର ଏବଂ ବିପଜ୍ଜନକ ହୋଇଥାଏ। ଏହାସହ ଘାସ କାଟିବା ପାଇଁ ଉଦ୍ଦିଷ୍ଟ ମେସିନ୍‌ରୁ ବାହାରୁଥିବା ଧୂଆଁ ପରିବେଶ ପ୍ରଦୂଷିତ କରୁଥିଲା। ଏହାପରେ ଷ୍ଟେସନର ଜଣେ କର୍ମଚାରୀ ଘାସ କାଟିବା ପାଇଁ ପ୍ରକୃତିର ସାହାଯ୍ୟ ନେବାକୁ ପ୍ରସ୍ତାବ ଦେଇଥିଲେ। ମେସିନ୍ ବଦଳରେ ଛେଳି ଛାଡ଼ିବା ଦ୍ୱାରା ଇନ୍ଧନ ଖର୍ଚ୍ଚ ବଞ୍ଚିବା ସହ ଶବ୍ଦ ଓ ବାୟୁ ପ୍ରଦୂଷଣରୁ ମଧ୍ୟ ମୁକ୍ତି ମିଳିପାରିଛି। ନାଗି ଏବଂ ପୋକେ ଷ୍ଟେସନକୁ ଆସିବା ପରେ ସେଠାକାର ପରିବେଶ ସମ୍ପୂର୍ଣ୍ଣ ବଦଳି ଯାଇଛି। ଦୈନିକ ଟ୍ରେନରେ ଯାତାୟାତ କରୁଥିବା ହଜାର ହଜାର ଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏହି ଦୁଇ ଛେଳି ଏବେ ମୁଖ୍ୟ ଆକର୍ଷଣ ସାଜିଛନ୍ତି। ଲୋକେ ବ୍ରିଜ୍ ଉପରେ ଠିଆ ହୋଇ ସେମାନଙ୍କର ଫଟୋ ଓ ସେଲଫି ଉଠାଉଛନ୍ତି। ସେମାନଙ୍କର ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ନଜରରେ ରଖି ଷ୍ଟେସନ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ସେମାନଙ୍କୁ ବାହାରୁ ଆଣିଥିବା କୌଣସି ଖାଦ୍ୟ ନ ଦେବାକୁ ଅନୁରୋଧ କରିଛନ୍ତି। କମ୍ପାନି ଅନୁସାରେ, ଛେଳି ଦ୍ୱୟ ଡିସେମ୍ବର ପର୍ଯ୍ୟନ୍ତ ଏଠାରେ ରହିବେ। ଯଦି ପୂର୍ବରୁ ସେମାନେ ଘାସ ସଫା କରିଦିଅନ୍ତି, ତେବେ ସେମାନଙ୍କୁ ଛାଡ଼ି ଦିଆଯିବ। ଟୋକିଓର ଏହି ପ୍ରୟାସ ଦେଖାଇଦେଇଛି ଯେ, ଟେକ୍ନୋଲୋଜି ଉପରେ ସମ୍ପୂର୍ଣ୍ଣ ନିର୍ଭର ନ କରି ପ୍ରାକୃତିକ ଉପାୟରେ ବି ସହରକୁ ସୁନ୍ଦର କରାଯାଇ ପାରିବ।

ଫିଟ୍‌ନେସ୍ ପାଇଁ ଖାଇଲେ ଜୀଅନ୍ତା ପିମ୍ପୁଡ଼ି

ସାଧାରଣତଃ ଖାଦ୍ୟରୁ ପିମ୍ପୁଡ଼ି ବାହାରିଲେ ଲୋକେ ତାକୁ ବାହାର କରି ଫିଙ୍ଗି ଦିଅନ୍ତି। ନିକଟରେ ବ୍ରାଜିଲର ଜଣେ ଜଣାଶୁଣା ଫିଟନେସ୍ ଇନଫ୍ଲୁଏନସର୍ ଆଡ୍ରିଆନୋ ବୋଲାଡୋ କ୍ୟାମେରା ସମ୍ମୁଖରେ ଏକ ପାତ୍ର ଭର୍ତ୍ତି ଜୀବିତ ଆମାଜୋନିଆନ୍ 'ତାନାଜୁରା' ପିମ୍ପୁଡ଼ି ଖାଇ ଚର୍ଚ୍ଚାରେ। ଏହି ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବେଶ୍ ଭାଇରାଲ ହେଉଛି । ଆଡ୍ରିଆନୋ ଦାବି କରିଛନ୍ତି ଯେ, ଏହି ପିମ୍ପୁଡ଼ିଗୁଡ଼ିକ ପ୍ରୋଟିନ୍‌ରେ ଭରପୂର ଏବଂ ତାଙ୍କ ଫିଟନେସ୍ ପାଇଁ ବେଶ୍ ଲାଭଦାୟକ । ସେ ଏହାକୁ ଖାଇବା ସହ ଏକ ଏନର୍ଜି ଡ୍ରିଙ୍କ୍ ମଧ୍ୟ ପିଇଥିଲେ। ଏହି ପିମ୍ପୁଡ଼ି ବ୍ରାଜିଲରେ ଦେଖାଯାଉଥିବାବେଳେ ଏହା ସାଧାରଣ ପିମ୍ପୁଡ଼ି ତୁଳନାରେ ଆକାରରେ ବେଶ୍ ବଡ଼ ହୋଇଥାନ୍ତି। ତେବେ ବ୍ରାଜିଲର କିଛି ସ୍ଥାନରେ ଏହାକୁ ଖାଇବାର ପରମ୍ପରା ରହିଛି। ବର୍ଷା ଦିନେ ଯେତେବେଳେ ପ୍ରଜନନ ପାଇଁ ସେମାନେ ଗାତରୁ ବାହାରକୁ ବାହାରନ୍ତି, ଲୋକେ ଏହାକୁ ଧରି ଏକତ୍ର କରିଥାନ୍ତି। ସେହିପରି ଏହି ପିମ୍ପୁଡ଼ିକୁ ଭାଜି ନଚେତ୍ ଅନ୍ୟ କୌଣସି ରାନ୍ଧଣାରେ ମିଶାଇ ଖିଆଯାଏ। ଏପରିକି କିଛି ସ୍ଥାନରେ ଏହି ପିମ୍ପୁଡ଼ିରେ ଫରୋଫା ନାମକ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଅନେକ ଲୋକ ଏହାକୁ ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ ବୋଲି କହିଥିବାବେଳେ ଆଉ କିଛି ଜଣ କିଛି ଲାଇକ୍ସ ଏବଂ ଭିୟୁଜ୍ ପାଇଁ ଏଭଳି କାମ କରିବା ନେଇ ତାଙ୍କୁ ସମାଲୋଚନା କରିଛନ୍ତି।

'ସକାଳ'ର ସ୍ୱାସ୍ଥ୍ୟ

ନ୍ୟୁମୋନିକ୍ ପ୍ଲେଗ୍

ପ୍ଲେଗ୍‌ର ବିଭିନ୍ନ ପ୍ରକାର ମଧ୍ୟରୁ ନ୍ୟୁମୋନିକ୍ ସବୁଠୁ ବିପଜ୍ଜନକ। ଏହା ସିଧାସଳଖ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ। ୟର୍ସିନିଆ ପେଷ୍ଟିସ୍ ଜୀବାଣୁ ଦ୍ୱାରା ଏହି ରୋଗ ବ୍ୟାପିଥାଏ। ନିକଟରେ ଇର୍କଟୁକ୍ସ ପ୍ଲେଗ୍ ଗବେଷଣାଗାରରେ କାର୍ଯ୍ୟରତ ଯୁବତୀଙ୍କ ମୃତ୍ୟୁ ଏବଂ ରୁଷିଆ ସାଇବେରିଆ ଅଞ୍ଚଳରେ ଏହି ରୋଗ ବ୍ୟାପିବା ପରେ ଚର୍ଚ୍ଚାକୁ ଆସିଛି। ତେବେ ରୋଗ ସଂକ୍ରମିତ ବ୍ୟକ୍ତିଙ୍କ କାଶ, ଏବଂ ଶ୍ୱାସକ୍ରିୟାର ସୂକ୍ଷ୍ମ କଣିକା ବାୟୁରେ ମିଶି ଅନ୍ୟଙ୍କୁ ଆକ୍ରାନ୍ତ କରାଏ। ଏଣୁ ବିଶେଷଜ୍ଞଙ୍କ ଅନୁଯାୟୀ ଠିକ୍ ସମୟରେ ରୋଗ ଚିହ୍ନଟ କରି ଚିକିତ୍ସା ନ କଲେ ମୃତ୍ୟୁ ହେବାର ଆଶଙ୍କା ରହିଛି।

ଲକ୍ଷଣ : ରୋଗ ସଂକ୍ରମିତ ହେବାର ଦିନେ, ଚାରିଦିନ ମଧ୍ୟରେ ଲକ୍ଷଣମାନ ଦେଖାଯାଏ। ପରେ ଏହା ଗୁରୁତର ରୂପ ନେଇଥାଏ। ଏଥିରେ ଫୁସ୍‌ଫୁସ୍ ସଂକ୍ରମଣ ଯୋଗୁଁ ଶ୍ୱାସକ୍ରିୟାରେ କଷ୍ଟ, ଜ୍ୱର, ମୁଣ୍ଡବ୍ୟଥା, ଅଣନିଶ୍ୱାସୀ ଲାଗିବା, ଦୁର୍ବଳ, ଥକା ଲାଗିବା, ବାନ୍ତି ଭଳି ଲକ୍ଷଣମାନ ଦେଖା ଦେଇଥାଏ। ଛାତିରେ ଅତ୍ୟଧିକ ଯନ୍ତ୍ରଣା ସହ କଫରେ ସାମାନ୍ୟ ରକ୍ତ ପଡ଼ିଥାଏ। ଅଧିକ ଥକ୍କା ଲାଗିବାରୁ ଶରୀର ଦୁର୍ବଳ ହୋଇଯାଏ। ଏହାଦ୍ୱାରା ଦୈନନ୍ଦିନ କାର୍ଯ୍ୟ କରିବାରେ ବାଧା ସୃଷ୍ଟି ହୋଇଥାଏ।

ଚିକିତ୍ସା ପଦ୍ଧତି: ରୋଗାକ୍ରାନ୍ତ ହେବାର ୨୪ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ଆଣ୍ଟିବାୟୋଟିକ୍ ଯଥା - ସିପ୍ରୋଫ୍ଲୋକ୍ସାସିନ୍, ଲେଭୋଫ୍ଲୋକ୍ସାସିନ୍, ମକ୍ସିଫ୍ଲୋକ୍ସାସିନ ଶିରାରେ ଦିଆଯିବା ଜରୁରୀ। ଏହା ଦ୍ୱାରା ରୋଗୀ ସୁସ୍ଥ ହେବାର ସମ୍ଭାବନା ଅଧିକ ଥାଏ। ସେହିପରି ସଂକ୍ରମିତ ରୋଗୀକୁ ଅନ୍ୟମାନଙ୍କଠୁ ଦୂରେଇ ସ୍ୱତନ୍ତ୍ର କୋଠରୀରେ ପୃଥକବାସ କରିବା ଉଚିତ୍। ଏହାଦ୍ୱାରା ସଂକ୍ରମଣ ଅନ୍ୟକୁ ବ୍ୟାପେ ନାହିଁ। ରୋଗୀଙ୍କ ସେବା କରୁଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ପରିବାର ଲୋକେ ମୁହଁରେ ମାସ୍କ ବ୍ୟବହାର କରିବା ଆବଶ୍ୟକ।

କେଶ ପ୍ରତିରୋପଣ ପରର ଯତ୍ନ

ଆଜିକାଲି କେଶ ଝଡ଼ିବା ଏକ ସାଧାରଣ ସମସ୍ୟା ପାଲଟିଛି। ବଂଶାନୁଗତ, ପ୍ରଦୂଷଣ, ମାନସିକ ଚାପ, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ସେବନ ଆଦି ଯୋଗୁଁ କେଶ ଝଡ଼ିଥାଏ। କେଶଝଡ଼ା ରୋକିବାକୁ ବିଭିନ୍ନ ଉପାୟରୁ ସୁଫଳ ନ ମିଳିଲେ କେଶ ପ୍ରତିରୋପଣ (ହେୟାର ଟ୍ରାନ୍ସପ୍ଲାଣ୍ଟ) କରାଯାଏ। ତେବେ କେଶ ପ୍ରତରୋପଣ ପରେ କେଶର ସଠିକ୍ ଯତ୍ନ ନେବା ଏକାନ୍ତ ଆବଶ୍ୟକ।

କେଶ ପ୍ରତିରୋପଣ ଏକ ସୁରକ୍ଷିତ ଏବଂ ସ୍ଥାୟୀ ଚିକିତ୍ସା ପଦ୍ଧତି। ଏଥିରେ ଆଧୁନିକ ଚିକିତ୍ସା ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଧିରେ ନୂଆ କେଶ ସୃଷ୍ଟି କରାଯାଇଥାଏ। ସେଥିପାଇଁ କେଶ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେଶକୁ ଧୋଇବା ଅନୁଚିତ। ତିନିଦିନ ଯାଏଁ ସାଲାଇନ୍ ଲଗାଇବା ଆବଶ୍ୟକ। ପ୍ରଥମ ୧୦ ଦିନ ପିଠିରେ ଆଉଜେଇ ଶୋଇବାକୁ ହୋଇଥାଏ। ନିଜର ଚର୍ମ ଅନୁସାରେ ବିନା ସୁଗନ୍ଧିତ ସାମ୍ପୋରେ ହାଲୁକା ଭାବେ କେଶ ସଫା କରିପାରିବେ। ସର୍ବଦା କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବା ଭଲ।

କେଶ ପ୍ରତିରୋପଣର କିଛି ଦିନ ଯାଏଁ ଢ଼ିଲା ପୋଷାକ ପିନ୍ଧିବା ଜରୁରି। କେଶରେ ହାତ ନ ମାରିବା ସହ ସର୍ଜରୀ ସ୍ଥାନରେ ଚାପ ପକାଇବା ଅନୁଚିତ। କେଶକୁ ସିଧାସଳଖ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି। କେଶ ପ୍ରତିରୋପଣ ପରେ କିଛି ସପ୍ତାହ କେଶ ଝଡ଼ିବା ସାଧାରଣ କଥା। ଏହାକୁ 'ଶକ ଲସ' କୁହାଯାଏ। ୩ରୁ ୪ ମାସ ପରେ ନୂଆ କେଶ ସୃଷ୍ଟି ହୋଇ ୧୨ରୁ ୧୮ ମାସରେ କେଶ ସ୍ପଷ୍ଟ ଦେଖାଯାଏ। ଏହାବାଦ୍ ଯଦି ଯନ୍ତ୍ରଣା କିମ୍ବା ସଂକ୍ରମଣ ହୁଏ, ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଏକାନ୍ତ ଆବଶ୍ୟକ।

ହାତ ଥରୁଥିଲେ...

ଅତ୍ୟଧିକ ଭୟ, ଚିନ୍ତା ତଥା ଥକ୍କାପଣ ଯୋଗୁଁ ହାତ ଥରିଥାଏ। ଏହା ସାଧାରଣ କଥା। ହେଲେ କୌଣସି କାରଣ ନଥାଇ ବାରମ୍ବାର ହାତ ଥରିବା ସ୍ୱାସ୍ଥ୍ୟ ସମସ୍ୟାକୁ ସୂଚାଏ।

ହାତ ଥରିବା ପାର୍କିନସନ୍ ରୋଗର ସଙ୍କେତ ହୋଇପାରେ। ଏହି ରୋଗରେ ସାଧାରଣତଃ ବିଶ୍ରାମ ନେବା ସମୟରେ ହାତ କମ୍ପନ ହୋଇଥାଏ। ଏହା ସହିତ ଚଲାବୁଲାରେ ସମସ୍ୟା, ଶରୀରରେ କଠିନତା ଏବଂ

ଭାରସାମ୍ୟ ହରାଇବା ଭଳି ସମସ୍ୟା ଦେଖାଯାଇପାରେ।

ଏସେନସିଆଲ ଟ୍ରେମୋର ବି ହାତ ଥରିବାର ବି ମୂଳ କାରଣ। ଏହି ସ୍ଥିତିରେ କୌଣସି ବସ୍ତୁକୁ ଧରିଲେ, ଲେଖାଲେଖି କିମ୍ବା କୌଣସି କାମ କରିବା ସମୟରେ ହାତ ଅନିୟନ୍ତ୍ରିତ ଭାବେ ଥରି ଉଠେ। ବଂଶଗତ କାରଣ କିମ୍ବା ୪୦ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ସେହିପରି ଶରୀରରେ ଥାଇରଏଡ଼ ହରମୋନ୍ ସ୍ତର ବଢ଼ିଗଲେ ମଧ୍ୟ ହାତ ଥରିଥାଏ। ଏହାବାଦ୍ ଦ୍ରୁତ ହୃଦ୍‌ସ୍ପନ୍ଦନ, ଓଜନ କମ୍ ହେବା, ଅଧିକ ଝାଳ ବାହାରି ବିଚଳିତ ଲାଗିବା ପରି ଲକ୍ଷଣ ଦେଖାଯାଇପାରେ।

ଶରୀରରେ ରକ୍ତ ଶର୍କରା ସ୍ତର ବହୁତ କମିଗଲେ ହାତ ଥରିବା ସହ ଦୁର୍ବଳ ଲାଗିବା, ମୁଣ୍ଡବୁଲାଇବା, ଝାଳ ବାହାରିବା ଅନୁଭବ ହୋଇପାରେ। ଶରୀରରେ ଭିଟାମିନ୍ ବି୧୨ର ଅଭାବ ସ୍ନାୟୁକୁ ପ୍ରଭାବିତ କରିଥାଏ। ଏହି କାରଣରୁ ହାତ ଗୋଡ଼ ଝିମ୍ ଝିମ୍ ଲାଗିବା, ଦୁର୍ବଳ ଅନୁଭବ ଏବଂ ହାତ ଥରିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ହାତ ଥରିବା ଲକ୍ଷଣ ଦେଖାଦେଲେ ମନଇଚ୍ଛା ଔଷଧ ସେବନ ନ କରି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ।

ଫ୍ୟାଟି ଲିଭରର ଆୟୁର୍ବେଦିକ ଉପଚାର

ଅଧିକ ଚର୍ବି ଏବଂ ଶ୍ୱେତସାରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଯକୃତ୍‌ରେ ଚର୍ବି ଜମିଯାଏ। ଉଚ୍ଚ କୋଲେଷ୍ଟ୍ରଲ, ମୋଟାପଣ, ମଦ୍ୟପାନ, ମଧୁମେହ, ବୟସ ବୃଦ୍ଧି ଆଦି କାରଣରୁ ମଧ୍ୟ ଯକୃତରେ ଚର୍ବି ଜମାହୁଏ। ଏଣୁ ନିର୍ଦ୍ଦିଷ୍ଟ ସମୟରେ ଫ୍ୟାଟି ଲିଭରର ଉପଚାର ନ କଲେ, ଏହା ଗମ୍ଭୀର ସମସ୍ୟାର ରୂପ ନେଇଥାଏ।

- ଚର୍ବିଜାତୀୟ ଜିନିଷ ଓ ଶ୍ୱେତସାରଜାତୀୟ ଖାଦ୍ୟ ଯେତେ କମ୍ କରାଯିବ ଭଲ। ଭୋଜନରେ ନିୟମିତ ତନ୍ତୁଜାତୀୟ ଖାଦ୍ୟ ସାମିଲ କରିପାରିବେ। ସାମର୍ଥ୍ୟ ଅନୁଯାୟୀ ଶାରୀରିକ ଶ୍ରମ ଦ୍ୱାରା ଚର୍ବି ହ୍ରାସ ହୁଏ।
- ଖାଲିପେଟରେ ଉଷୁମ ପାଣିରେ ଏକ ଚାମଚ ମହୁ, ଫାଳେ ଲେମ୍ବୁ ଚିପୁଡ଼ି ସକାଳେ ପାନ କରିବା ହିତକର।
- ଗୁଗ୍ଗୁଲୁ ଜାତୀୟ ସମସ୍ତ ଔଷଧ ଚର୍ବିକୁ ହଜମ କରିବାରେ ସହାୟତା କରେ। କୋଳଥ ପାଣି, କୋଳଥ ଡାଲି ପାଣି ପିଇବା ହିତକର। ବରୁଣ ଗଛର ପତ୍ରରସ ୧୦ ମିଲି, ମାତ୍ରାର ଦିନକୁ ଦୁଇଥର ସେବନ କଲେ ମେଦରୋଗରେ ଉପକାର ହୁଏ।
- ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅରଖ ଫୁଲର ଚୂର୍ଣ୍ଣ ୨୦୦ ମିଲି ଗ୍ରାକୁ ଗୁଡ଼ ସହିତ ଦିନକୁ ଥରେ ଲେଖାଏଁ କିଛିଦିନ ସେବନ କଲେ ମେଦରୋଗରୁ ଉପଶମ ମିଳେ।

ସର୍ପଗନ୍ଧା

ସର୍ପଗନ୍ଧାକୁ ଓଡ଼ିଆରେ ପାତାଳ ଗରୁଡ କୁହାଯାଏ। ସର୍ପଗନ୍ଧାର ଫୁଲ, ପତ୍ର, ମୂଳ, କାଣ୍ଡ, ଚେରରେ ଔଷଧୀୟ ଗୁଣ ରହିଛି। ଏହା ବିଭିନ୍ନ ରୋଗ ଦୂର କରିବାରେ ସାହାଯ୍ୟ କରେ।

ଉଚ୍ଚ ରକ୍ତଚାପ, ଚିନ୍ତା, ମାନସିକ ରୋଗ, ନିଦ୍ରାହୀନତା ଆଦି ପାଇଁ ସର୍ପଗନ୍ଧା ଲାଭକରୀ। ଚିକିତ୍ସକଙ୍କ ପରାମର୍ଶକ୍ରମେ ସର୍ପଗନ୍ଧାର ପତ୍ର, ମୂଳ, କାଣ୍ଡ, ଚେର ଯେକୌଣସିକୁ ଅନୁମୋଦିତ ହାତରେ କ୍ୱାଥ କରି ସେବନ କରାଗଲେ ଚକ୍ତଚାପ ନିୟନ୍ତ୍ରଣରେ ରୁହେ। ହୃଦୟ ସୁସ୍ଥ ରୁହେ। ସେହିପରି ପୂରା ପଞ୍ଚାଙ୍ଗର ଚୂର୍ଣ୍ଣରୁ ବଟିକା ବା ଘନ ବଟିକା ଉପଲବ୍ଧ ରହିଛି। ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୁଏ। ଅପସ୍ମାର, ମସ୍ତିଷ୍କ ରୋଗ, କଲେରା ଆଦି ରୋଗରେ ସର୍ପଗର୍ନ୍ଧାକୁ ଏକ ଉପଯୋଗୀ ଔଷଧ ଭାବେ ବ୍ୟବହାର କରାଯାଏ।

ବାତ, ଯନ୍ତ୍ରଣା, ଜ୍ୱର ଆଦି ଦୂର କରିବାର ମଧ୍ୟ ଏହାର ଶକ୍ତି ରହିଛି। କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ରୋଗରେ ଏହା ଉପକାରୀ ଔଷଧ ଭାବେ ବ୍ୟବହୃତ ହୁଏ।

ବିନା ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ସେବନ କରିବା ଅନୁଚିତ।

ଘର ବଇଦ

କଫ ଉପଚାର

- ପିପ୍‌ପଳୀ ଚୂର୍ଣ୍ଣ ମହୁ ସଙ୍ଗରେ ଖାଇଲେ କଫଜ୍ୱର ଦୂର ହୁଏ।
- ଅଗସ୍ତି ଫୁଲର ରସ ଅଧତୋଳା ମାତ୍ରାରେ ଖାଇଲେ ଗାଢ଼ ଶ୍ଳେଷ୍ମା ସରଳ ହୋଇ ବାହାରି ପଡ଼େ। କଫ ଭଲ ହେବା ପର୍ଯ୍ୟନ୍ତ ଖାଇବେ। ଅଗସ୍ତି ଫୁଲ ନ ମିଳିଲେ ଅଗସ୍ତି ପତ୍ର ରସ ଏକ ତୋଳା ଖାଇବେ ଏବଂ ଅଗସ୍ତିଫୁଲକୁ ସୋରିଷ ତେଲରେ ଫୁଟାଇ ସେହି ତୈଳ ଛାତିରେ ମାଲିସ କରିବେ।
- କଫ ପ୍ରବଳ ହେଲେ କଇଞ୍ଚିକୋଳି ଗଛର ଚେର ଅଧତୋଳାକୁ ୨୬ଟି ଗୋଲମରିଚ ସହ ବାଟି ଖାଇବେ।
- ଗାଈଘିଅ ଏକ ସେର କରେଇରେ ତତାଇବେ। ତା' ପରେ ଗୋଟିଏ ଅରଖପତ୍ର ପକାଇବେ। ସେ ପତ୍ର ପାକ ହେଲା ପରେ ଆଉ ଗୋଟିଏ ପତ୍ର ପକାଇବେ। ଏହିପରି ଗୋଟିଏ ପରେ ଗୋଟିଏ ଏକ ଶହ ଅରଖପତ୍ର ପକାଇ ପାକ କରିବେ। ତା'ପରେ ଛାଣି ଘିଅକୁ ରଖିବେ। ଏହି ଘିଅରୁ ଦୁଇ ତୋଳା ହିସାବରେ ଗହମ ରୁଟି ଏବଂ ମାଂସ ତରକାରୀ ସଙ୍ଗେ ଖାଇଲେ କଫଜ ସମସ୍ତ ରୋଗ ନଷ୍ଟ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

■ ଆଇପିଏଲ୍-୨୦

ମାଲିଙ୍ଗାଙ୍କ ସହ ସମ୍ପର୍କ ଛିନ୍ନ କଲା ମୁମ୍ବଇ ଇଣ୍ଡିଆନ୍ସ



ମୁମ୍ବଇ, ୨୯ ।୧୦ (ଏଜେନ୍ସି): ରେକର୍ଡ ପାଞ୍ଚଥରର ବିଜେତା ମୁମ୍ବଇ ଇଣ୍ଡିଆନ୍ସ ଆଇପିଏଲ୍‌ର ଆଗାମୀ ୨୦ତମ ସଂସ୍କରଣ ପୂର୍ବରୁ କୋଚିଂ ଟିମ୍‌ରେ ବ୍ୟାପକ ପରିବର୍ତ୍ତନ କରିଛି। ନିକଟରେ ଫ୍ରାଞ୍ଚାଇଜ ମାହେଲା ଜୟବର୍ଦ୍ଧନେଙ୍କ ସ୍ଥାନରେ କାଇରନ ପୋଲାର୍ଡଙ୍କୁ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରିଥିଲା। ଏବେ ମୁମ୍ବଇ ଇଣ୍ଡିଆନ୍ସ ବୋଲିଂ କୋଚ୍ ଲସିଥ ମାଲିଙ୍ଗାଙ୍କ ସହ ସମ୍ପର୍କ ଛିନ୍ନ କରିଛି। ସେହିଭଳି ଫିଲ୍ଡିଂ କୋଚ୍ କାର୍ଲ ହୋପକିନସନ ଓ ସହାୟକ କୋଚ୍ ପାରସ ମହାମ୍ବ୍ରେ ମଧ୍ୟ ନିଜ ନିଜ ପଦବୀରୁ ବିଦାୟ ନେଇଥିବା ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୪୩ ବର୍ଷୀୟ ପୂର୍ବତନ ସିଂହଳୀ କ୍ରିକେଟର୍ ମାଲିଙ୍ଗା ଦୀର୍ଘ ବର୍ଷ ଧରି ମୁମ୍ବଇ ଦଳ ସହ ଜଡ଼ିତ ରହିଥିଲେ। ପ୍ରଥମେ ଖେଳାଳି ଭାବରେ ମାଲିଙ୍ଗା ମୁମ୍ବଇ ପାଇଁ ୪ଟି ଆଇପିଏଲ୍ ଓ ଗୋଟିଏ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ଜିତିଥିଲେ। ପରବର୍ତ୍ତୀ ସମୟରେ ଅବସର ପରେ ମୁମ୍ବଇ ଦଳର ପରାମର୍ଶଦାତା ଓ ବୋଲିଂ କୋଚ୍ ଦାୟିତ୍ୱ ତୁଲାଇଥିଲେ।

ବିଜୟ ସହ ଇଂଲଣ୍ଡର ବିଦାୟ

ଲାହୋର, ୨୯ ।୧୦ (ଏଜେନ୍ସି): ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜର ଅନ୍ତିମ ରାଉଣ୍ଡ-ରବିନ ମ୍ୟାଚରେ ଇଂଲଣ୍ଡ ବିଜୟୀ ହୋଇଛି। ଏହି ମ୍ୟାଚରେ ଇଂଲଣ୍ଡ ୫୫ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲେ ମଧ୍ୟ ପ୍ରତିଯୋଗିତାରୁ ବିଦାୟ ନେଇଛି। ଇଂଲଣ୍ଡ ଚତୁର୍ଥ ମ୍ୟାଚରୁ ପ୍ରଥମ ବିଜୟ ସହ ୨ ପଏଣ୍ଟ ପାଇ ଅଭିଯାନ ଶେଷ କରିଛି। ଅପରପକ୍ଷରେ ଶ୍ରୀଲଙ୍କା ୪ଟି ମ୍ୟାଚରୁ ଦୁଇଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଫାଇନାଲରେ ପହଞ୍ଚିଛି। ଶନିବାର ଆୟୋଜକ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ଖେଳାଯିବ। ପାକିସ୍ତାନ ୪ଟି ମ୍ୟାଚରୁ ସର୍ବାଧିକ ୩ଟି ଜିତି ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଥିଲା। ଗୁରୁବାର ଅନୁଷ୍ଠିତ ଅନ୍ତିମ ମ୍ୟାଚରେ ବେନ୍ ଡକେଟ୍ଟ (୧୬୭ ରନ, ୨୪ ଚୌକା)ଙ୍କ ଶତକ ବଳରେ ଇଂଲଣ୍ଡ ୫୦ ଓଭରରେ ୫ ୱିକେଟ ହରାଇ ୩୮୬ ରନ କରିଥିଲା। ଜବାବରେ ପବନ ରତ୍ନନାୟକେଙ୍କ (୧୧୮) ଶତକ ସତ୍ତ୍ୱେ ଶ୍ରୀଲଙ୍କା ୪୫.୧ ଓଭରରେ ୩୩୧ ରନ କରି ଅଲଆଉଟ୍ ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ, ବିନା ଛକାରେ ଡକେଟ୍ଟ ଏକଦିବସୀୟ କ୍ରିକେଟରେ ଦ୍ୱିତୀୟ ସର୍ବୋଚ୍ଚ ପାଳି ଖେଳିଛନ୍ତି। ଡେଭିଡ ୱାର୍ଣ୍ଣର (୧୭୩ ରନ, ୨୪ ଚୌକା ବନାମ ଦ.ଆଫ୍ରିକା) ଏହି ତାଲିକାର ଶୀର୍ଷରେ ରହିଛି।

ମଜଭୁତ ସ୍ଥିତିରେ ଅଷ୍ଟ୍ରେଲିଆ

କେପ୍‌ଟାଉନ୍,୨୯ ।୧୦(ଏଜେନ୍ସି): ଜୋଶ ଇଂଲିଶଙ୍କ ଶତକ, ମ୍ୟାଟ୍ ରେନ୍‌ଶା (୧୩୯ ବଲ୍‌ରେ ୭୪ରନ୍), କାମେରନ ଗ୍ରୀନ୍ (୧୧୦ବଲ୍‌ରେ ୬୫ରନ୍) ଓ ୱିକେଟକିପର ଆଲେକ୍ସ କ୍ୟାରୀ (୧୬୮ ବଲ୍‌ରେ ୮୦ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଟେଷ୍ଟରେ ଅଷ୍ଟ୍ରେଲିଆ ୧୦୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ନେଇଛନ୍ତି। ଇଂଲିଶ ୧୩୫ ବଲ୍‌ରେ ୧୧ଚୌକା ଓ ୨ ଛକା ସହ ସର୍ବାଧିକ ୧୦୨ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ସାଇମନ୍ ହାର୍ମର ୪ଟି ଓ ମାର୍କୋ ଜାନସେନ୍ ୩ଟି ୱିକେଟ ନେଇଥିଲେ। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୧୪୦ ରନ୍ କରିନେଇଛି। ପ୍ରଥମ ଇନିଂସରେ ୯୫ରନ୍ କରିଥିବା ମାର୍କସ ଆକରମ୍ୟାନ୍ ଦ୍ୱିତୀୟ ଇନିଂସରେ ୬୨ ଓ ତେମ୍ବା ବଭୁମା ୩୫ ରନ୍ କରି ଆଉଟ ହୋଇଛନ୍ତି। ମିଚେଲ ଷ୍ଟାର୍କ ୬ ୱିକେଟ ନେବା ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୩୨୯ରେ ଶେଷ ହୋଇଥିଲା।

କିଟ୍‌ରେ ରାଜ୍ୟ ସିନିଅର ମହିଳା ଚେସ୍ ୨ରୁ

ଭୁବନେଶ୍ୱର,୨୯।୧୦(ସମିସ): ଓଡ଼ିଶା ରାଜ୍ୟ ସିନିଅର ମହିଳା ଫିଡେ ରେଟେଡ ଚେସ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କିଟ୍ ପରିସରସ୍ଥ ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ରେ ନଭେମ୍ବର ୨ରୁ ୫ ତାରିଖଯାଏ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଜଗତସିଂହପୁର ଚେସ ସଂଘ ଆନୁକୂଲ୍ୟରେ ପାରାଦୀପରେ ଖେଳାଯିବାର ଥିଲା। କିନ୍ତୁ ବାରମ୍ବାର ଲଘୁଚାପ ଓ ବାତ୍ୟା ଯୋଗୁଁ ଏହାକୁ କିଟ୍ ପରିସରକୁ ସ୍ଥାନାନ୍ତରିତ କରାଯାଇଛି। ଏଥିରେ ଏଣ୍ଟ୍ରି ଫି ୭୦୦ ଟଙ୍କା ରଖାଯାଇଥିଲାବେଳେ ଚାମ୍ପିଅନଙ୍କୁ ୧୫,୦୦୦ ଟଙ୍କା ସହ ମୋଟ ୫୦,୫୦୦ ଟଙ୍କାର ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏଥିରେ ସଫଳତା ପାଇଥିବା ପ୍ରଥମ ୪ଜଣ ଖେଳାଳି ହାଇଦ୍ରାବାଦରେ ନଭେମ୍ବର ୩୦ରୁ ଡିସେମ୍ବର ୧୦ ଯାଏ ହେବାକୁ ଥିବା ଜାତୀୟ ମହିଳା ଚାମ୍ପିଅନସିପ୍ ଲାଗି ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀମାନେ ସଞ୍ଜୀବ ମହାନ୍ତିଙ୍କୁ ଫୋନ ନଂ-୯୭୮୧୭-୭୨୩୩୮ କିମ୍ବା ଏଓସିଏ କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତିଙ୍କୁ ଫୋନ୍ ନଂ-୯୯୩୭୮-୮୭୩୭୨ରେ ଯୋଗାଯୋଗ କରିବାକୁ ଆୟୋଜକ ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି।

ଇଡେନ୍ ପାର୍କର ଛୋଟିଆ ବାଉଣ୍ଡାରୀରେ ରନ୍ ବର୍ଷା ସମ୍ଭାବନା

ବିଜୟ ଧାରା ବଜାୟ ଲକ୍ଷ୍ୟରେ ଭାରତ

ଅକ୍‌ଲାଣ୍ଡ,୨୯।୧୦(ଏଜେନ୍ସି)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଚତୁର୍ଥ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ସ୍ଥାନୀୟ ଇଡେନ ପାର୍କ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ଲଢ଼େଇ ପୂର୍ବରୁ ଖେଳାଯାଇଥିବା ପ୍ରଥମ ୩ଟିଯାକ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ଫଳରେ ଭାରତ ୩-୦ରେ ଅପରାଜେୟ ସିରିଜ୍ ଅଗ୍ରଣୀ ନେଇଛି। ଏହାର ଅର୍ଥ ୨ଟି ମ୍ୟାଚ୍ ବାକିଥାଇ ଭାରତ ଆଗୁଆ ସିରିଜ୍ କବ୍‌ଜା କରିଛି। ଏହା ମଧ୍ୟରେ ଲକି ଫର୍ଗୁସନ ନ୍ୟୁଜିଲାଣ୍ଡର ତୃତୀୟ ଫାଷ୍ଟ ବୋଲର ଭାବେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଭାରତର ଇଶାନ କିଶାନଙ୍କ ଫିଟ୍‌ନେସ ଉପରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଏହା ସତ୍ତ୍ୱେ ଆସନ୍ତାକାଲି ମ୍ୟାଚ୍‌ରେ ଉଭୟ ଦଳ କିଛି ଖେଳାଳିଙ୍କୁ ବିଶ୍ରାମ ଦେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ବିଶେଷ କରି ଭାରତର ଦିନିକିଆ ଦଳରେ ସ୍ଥାନ ପାଇଥିବା ଅର୍ଶଦୀପ ସିଂହ ଓ ନୀତିଶ କୁମାର ରେଡ୍ଡୀଙ୍କୁ ବିଶ୍ରାମ ଦିଆଗଲେ କିମ୍ବା ପରିବର୍ତ୍ତନ କରାଗଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବିଶେଷ କରି ପ୍ରଥମ ୩ଟି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ପାଇ ନ ଥିବା ଶିବମ ଦୁବେ, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ କେହି ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ।

ନ୍ୟୁଜିଲାଣ୍ଡ ମାଟିରେ ଘରୋଇ ବୋଲରଙ୍କ ବିପକ୍ଷରେ ଏଭଳି ପ୍ରଭାବଶାଳୀ ଖେଳିବା ଏହି ଭାରତୀୟ ଦଳ ପ୍ରଥମ। ଆୟର୍ଲାଣ୍ଡ ଓ ଇଂଲଣ୍ଡର ସୁଇଂ ବୋଲରଙ୍କ ବିପକ୍ଷରେ ଆଡଜଷ୍ଟ କରିପାରି ନ ଥିବା ଭାରତୀୟ ବ୍ୟାଟର ଏବେ ନିଜ ଦକ୍ଷତା ଓ ଲୟକୁ ଫେରିଛନ୍ତି। ଯାହା ଫଳରେ ୩ଟି ମ୍ୟାଚ୍‌ରେ ୩ଜଣ ଭିନ୍ନ ଭିନ୍ନ ବ୍ୟାଟର ଭାରତର ରନ୍ ଚେଜ୍‌ରେ ହିରୋ ସାଜିଛନ୍ତି। ସଞ୍ଜୁ ସାମସନ, ଅଭିଷେକ ଶର୍ମା, ଶ୍ରେୟସ ଆୟର, ନମନ ଧୀର ଓ ତିଲକ ବର୍ମା ବେଶ ବୀରତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ସମସ୍ତ ମ୍ୟାଚ୍‌ରେ ଫିନ୍ ଆଲେନ ଓ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଗ୍ଲେନ୍ ଫିଲିପ୍ସଙ୍କୁ ଛାଡିଦେଲେ ଅନ୍ୟ କେହି କ୍ଲିକ୍ କରିନାହାନ୍ତି। ଏଣୁ ନ୍ୟୁଜିଲାଣ୍ଡ ଇଡେନର ଛୋଟିଆ ବାଉଣ୍ଡାରୀ ଥିବା ଗ୍ରାଉଣ୍ଡରେ କିପରି ରନ୍ ସଂଗ୍ରହ କରିବେ ତାହା ଦେଖିବାର କଥା। ଏହି ଗ୍ରାଉଣ୍ଡରେ ଷ୍ଟ୍ରେଟ୍ ବାଉଣ୍ଡାରୀ ଅପେକ୍ଷାକୃତ ଛୋଟ। କିନ୍ତୁ ସ୍କୋୟାର ବାଉଣ୍ଡାରୀ ବଡ଼। ଏଣୁ ୩୦ ଗଜ ଏରିଆ ଏକ ରେକ୍ଟାଙ୍ଗଲ ଭଳି ଦେଖାଯାଏ। ଏଭଳି ପିଚ୍‌ରେ ବୋଲରଙ୍କୁ ମାପିଚୁପି ବୋଲିଂ କରିବାକୁ ହେବ। ସେହିପରି ବ୍ୟାଟରମାନେ ମଧ୍ୟ ଟେକ୍‌ନିକ୍‌ରେ କିଛି ପରିବର୍ତ୍ତନ କରିବାକୁ ପଡ଼ିବ। ବାଉଣ୍ଡାରୀ ଛୋଟିଆ ହୋଇଥିବାରୁ ଏଠାରେ ରନ୍ ବର୍ଷା ହେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ଏପରିକି ଚଳିତ ସିରିଜ୍‌ରେ ପିଚ୍‌ରୁ ସହାୟତା ମିଳୁଥିଲେ ମଧ୍ୟ ବ୍ୟାଟରଙ୍କୁ ଅଟକାଇବା ଉଭୟ ଦଳର ବୋଲରଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ପ୍ରଥମ ୩ଟି ଦିନିକିଆରେ ନ୍ୟୁଜିଲାଣ୍ଡ ସମସ୍ତ ୬୦ ଓଭର ଖେଳି ୬୦୩ ରନ୍ କରିଛି। ଏହାର ଅର୍ଥ ଓଭର ପ୍ରତି ୧୦.୦୫ ହାରରେ ରନ୍ ସଂଗ୍ରହ କରିବା। ଜବାବରେ ରନ୍ ଚେଜ୍ କରିଥିବା ଭାରତୀୟ ବ୍ୟାଟରମାନେ ୩ଟି ମ୍ୟାଚ୍‌ରେ ୫୨.୫ ଓଭର ଖେଳି ୬୧୦ ରନ୍ ସଂଗ୍ରହ କରିଛନ୍ତି। ଏହାର ଅର୍ଥ ଭାରତୀୟ ବ୍ୟାଟର ଓଭରପ୍ରତି ୧୧.୬୧ ହାରରେ ରନ୍ କରିଛନ୍ତି। ୱେଲିଂଟନରେ ନ୍ୟୁଜିଲାଣ୍ଡ ପ୍ରଦତ୍ତ ୧୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୩.୨ ଓଭରରେ ହାସଲ କରିବା ପରେ ବ୍ୟାଟରଙ୍କ ପ୍ରାଧାନ୍ୟ ସ୍ପଷ୍ଟ ପ୍ରମାଣିତ ହୋଇଛି। ବ୍ୟାଟରଙ୍କର ଆଉ ଏକ ପ୍ରାଧାନ୍ୟ ଥିବା ମ୍ୟାଚ୍ ଏଠାରେ ଦେଖିବାକୁ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍।

ଆଜି ଚତୁର୍ଥ ଟି-୨୦

ଭେନ୍ୟୁ: ଇଡେନ ପାର୍କ, ଅକ୍‌ଲାଣ୍ଡ
ଖେଳ ଆରମ୍ଭ: ଅପରାହ୍ଣ ୧୨.୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ସୋନି ଲିଭ୍

ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

ଚାଇନା ପରାସ୍ତ; ଭାରତର କ୍ରମାଗତ ବିଜୟ

କଲନ୍ଧର, ୨୯ ।୧୦ (ଏଜେନ୍ସି): ପଞ୍ଜାବରେ ଚାଲିଥିବା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ୯ମ ସଂସ୍କରଣରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ସୁରଜିତ୍ ହକି ଷ୍ଟାଡିୟମରେ ଅନୁଷ୍ଠିତ ରାଉଣ୍ଡ-ରବିନ ମ୍ୟାଚରେ ଘରୋଇ ଭାରତ ୫-୨ ଗୋଲରେ ଚାଇନାକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଉଦ୍‌ଘାଟନୀ ଦିବସରେ ଭାରତ ୧୩-୦ ଗୋଲ୍‌ରେ ବାଂଲାଦେଶକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ଜାପାନକୁ ଭେଟିବ। ଗୁରୁବାର ଅନୁଷ୍ଠିତ ଅନ୍ୟ ଦୁଇଟି ମ୍ୟାଚରେ ମାଲେସିଆ ୩-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ଏବଂ ଜାପାନ ୧-୦ ଗୋଲରେ ବାଂଲାଦେଶକୁ ପରାସ୍ତ କରିଛି। ଗୁରୁବାର ରାତିରେ ଅନୁଷ୍ଠିତ ମ୍ୟାଚରେ ଭାରତ ପ୍ରଥମାର୍ଦ୍ଧରେ ଦୁଇଟି ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ୍ ଦେଇଥିଲା। ସେଥିମଧ୍ୟରୁ ଅଧିନାୟକ ହରମନପ୍ରୀତ୍ ସିଂହ ଓ ସୁଖଜିତ୍ ସିଂହ ଡବଲ୍ ଗୋଲ୍‌ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୁଖଜିତ୍ ମ୍ୟାଚର ୧୨ତମ ଓ ୩୪ତମ ଏବଂ ହରମନପ୍ରୀତ୍ ୨୭ତମ ଓ ୩୧ତମ ମିନିଟରେ ଗୋଲ୍ ଦେଇଥିଲେ। ମ୍ୟାଚର ୪୭ତମ ମିନିଟରେ ଯୁଗରାଜ ସିଂହଙ୍କ ଷ୍ଟିକ୍‌ରୁ ଅନ୍ୟତମ ଗୋଲ୍‌ଟି ବାହାରିଥିଲା। ଅପରପକ୍ଷରେ ଚାଇନା ପାଇଁ ପେଙ୍ଗ ୟାଙ୍ଗ୍ ଓ ଚେନ୍ ଚୋଙ୍ଗକଙ୍ଗ ଗୋଟିଏ ଲେଖାଏ ଗୋଲ୍ ଶୁଝିଥିଲେ। ଦ୍ୱିତୀୟ ବିଜୟ ସହ ଭାରତ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ଚାଇନାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ ଥିଲା।

କଟକରେ ଆଜିଠାରୁ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

ଭୁବନେଶ୍ୱର,୨୯।୧୦(ସମିସ): କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଅକ୍ଟୋବର ୩୦ରୁ ନଭେମ୍ବର ୧ ତାରିଖଯାଏ ୩୯ତମ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଉଭୟ କ୍ୟୁରୋଗୀ ଓ ପୁମ୍‌ସାଏରେ ପ୍ରତିଯୋଗିତା ହେବ। ସୁପର ସବ୍ ଜୁନିଅର, କ୍ୟାଡେଟ, ସବ୍‌ଜୁନିଅର, ଜୁନିଅର ଓ ସିନିଅର କାଟାଗୋରୀରେ ଲଢ଼େଇ ହେବ। ଏହା ଛଡ଼ା ୩୦, ୪୦, ୫୦, ୬୦ ଓ ୭୦ ବର୍ଷରୁ କମ୍‌ବିଭାଗରେ ମଧ୍ୟ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମସ୍ଥାନ ଅଧିକାର କରିବେ, ସେମାନଙ୍କୁ କଟକରେ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ଜାତୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ସନ୍ତୋଷକୁମାର ମହାନ୍ତି ଜଣାଇଛନ୍ତି।

ୱେଷ୍ଟର୍ଣ୍ଣ ଏସିଆନ ୟୁଥ୍ ଓ ଜୁନିଅର ଚେସ୍

କ୍ଲାସିକାଲ ଓ ବ୍ଲିଜ୍‌ରେ ସାତ୍ତ୍ୱିକ ଚାମ୍ପିଅନ

ଭୁବନେଶ୍ୱର,୨୯।୧୦(ସମିସ): ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ ତାଙ୍କ ଖେଳ ଜୀବନରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିଦେଇଛନ୍ତି। ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ୱେଷ୍ଟର୍ଣ୍ଣ ଏସିଆନ ଚେସ୍‌ରେ ସାତ୍ତ୍ୱିକ ୧୦ ବର୍ଷରୁ କମ୍ ବୟସ ବିଭାଗରେ ଡବଲ ଚାମ୍ପିଅନ ହୋଇ ରାଜ୍ୟ ତଥା ଦେଶର ଗୌରବ ବଢ଼ାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର କ୍ଲାସିକାଲ ବିଭାଗରେ ୯ ରାଉଣ୍ଡରୁ ୮.୫ ଓ ବ୍ଲିଜ୍‌ରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିବା ସହ ଟାଇଟଲ ଜିତିନେଇଥିଲେ। ଆସନ୍ତାକାଲି ରାପିଡ ବିଭାଗରେ ପ୍ରତିଯୋଗିତା ହେବ। ଏଥିରେ ମଧ୍ୟ ସେ ସଫଳତା ପାଇବେ ବୋଲି ଆଶା କରାଯାଉଛି।

ଡବଲ ଟାଇଟଲ ଜିତି ସାତ୍ତ୍ୱିକ ଯେପରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି, ଠିକ୍ ସେହିପରି ରାଜ୍ୟ ଚେସ୍‌ରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। ସେ ପ୍ରଶିକ୍ଷଣ ନେଉଥିବା କିଙ୍ଗ ଚେସ୍ ସେଣ୍ଟରର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ଖେଳାଳିଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ଏହି ସଫଳତା ଲାଗି ଅଲ୍‌ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଟ୍ଟ ଓ କିଙ୍ଗ ଚେସ୍ ସେଣ୍ଟର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ୍ ବିଶ୍ୱଜିତ ରାୟ, ଟ୍ରିପଲ-ସି ଚେସ୍ କ୍ଲବ୍‌ରୁ ସମ୍ପାଦକ ବିରଞ୍ଚିନାରାୟଣ ସାହୁ, ଉପସଭାପତି ଅର୍ଘ୍ୟଅର୍ପଣ ପରିଡ଼ା ପ୍ରମୁଖ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଗୋଆ ବିପକ୍ଷ ସିକେ ନାଇଡୁ ଟ୍ରଫି

ଶ୍ରେୟାଂଶଙ୍କ ଶତକ, ଆଶୀର୍ବାଦ ଓ ସୁଜଲଙ୍କ ଅର୍ଦ୍ଧଶତକ

ଶ୍ରେୟାଂଶ ଭରଦ୍ୱାଜ

ଆଶୀର୍ବାଦ ସ୍ୱାଇଁ

ସୁଜଲ ସିଂ

ଭୁବନେଶ୍ୱର,୨୯।୧୦(ସମିସ): କ୍ରମାଗତ ବିଫଳତା ପରେ ଓଡ଼ିଶାର ୨୩ ବର୍ଷରୁ କମ୍ ବୟସର ବ୍ୟାଟର ଜାତୀୟସ୍ତରରେ କିଛିଟା ଭଲ ଖେଳିଛନ୍ତି। ସାଙ୍ଗୁଏମ୍‌ଠାରେ ଚାଲିଥିବା ଗୋଆ ବିପକ୍ଷ ମୁକାବିଲାରେ ପ୍ରଥମ ଇନିଂସ ପଛୁଆ ରହିବା ପରେ ଦମ୍‌ଦାର ବ୍ୟାଟିଂ କରି ୬ ୱିକେଟରେ ୩୭୪ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଛି। ଦଳ ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ଶତକ ସହ ସର୍ବାଧିକ ୧୦୩, ରଣଜୀ ଦଳରୁ ବାଦ୍ ପଡ଼ିଥିବା ଆଶୀର୍ବାଦ ସ୍ୱାଇଁ ୮୮ ଓ ଅଧିନାୟକ ସୁଜଲ ସିଂ ୬୯ ରନ୍ କରିଛନ୍ତି। ଏହା ଫଳରେ ଗୋଆ ଆଗରେ ୩୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଓଡ଼ିଶା। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଗୋଆ ଦ୍ୱିତୀୟ ଇନିଂସରେ ୩ରନ୍‌ରେ ୨ ୱିକେଟ ହରାଇଛି। ଆଶୁତୋଷ ମାରାଣ୍ଡି ଓ ଅଭିଷେକ ସିଂ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

ରଣଜୀ ଟ୍ରଫି ଲଢ଼େଇ

ପଏଣ୍ଟ ଖାତା ଖୋଲିଲେ ଓଡ଼ିଶା ଓ ସର୍ଭିସେସ୍

ଭୁବନେଶ୍ୱର,୨୯।୧୦(ସମିସ)

ବାତ୍ୟା ଅର୍ଣ୍ଣବର ପ୍ରଭାବ ଓ କ୍ରମାଗତ ବର୍ଷା ଯୋଗୁଁ ଓଡ଼ିଶା ଏବଂ ସର୍ଭିସେସ ମଧ୍ୟରେ ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ମ୍ୟାଚ ଶେଷ ହୋଇପାରି ନାହିଁ। ନିର୍ଦ୍ଧାରିତ ୪ ଦିନ ଖେଳରେ ଉଭୟ ଦଳ ଗୋଟିଏ ଲେଖାଏଁ ଇନିଂସ ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ଫଳରେ ମ୍ୟାଚ୍ ଡ୍ର ରହିଛି କିନ୍ତୁ ଗୋଟିଏ ଲେଖାଏଁ ଇନିଂସ ପୂରଣ କରିପାରି ନ ଥିବାରୁ ବିସିସିଆଇ ଘରୋଇ କ୍ରିକେଟର ନିୟମ ଅନୁଯାୟୀ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି। ଉଭୟ ଦଳ ପ୍ରଥମ ଦୁଇଟି ମୁକାବିଲାରେ ପରାଜିତ ହୋଇଥିବାରୁ କୌଣସି ପଏଣ୍ଟ ପାଇ ନ ଥିଲେ। କିନ୍ତୁ ବର୍ଷା ଓ ବାତ୍ୟା ଯୋଗୁଁ ଉଭୟ ଦଳ ପଏଣ୍ଟ ଖାତା ଖୋଲିବାରେ ସମର୍ଥ ହୋଇଛନ୍ତି। ପ୍ରଥମ ଦିନ ଖେଳ ସମ୍ଭବ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୧୯୪ ରନ୍ କରିଥିଲାବେଳେ ସର୍ଭିସେସ ବିନା ୱିକେଟରେ ୧୩ ରନ୍ କରିଥିଲା। ଆଜି ଚତୁର୍ଥ ଦିନ ଆଉ ୭ ଓଭର ଖେଳ ହୋଇଥିଲାବେଳେ ସର୍ଭିସେସ୍ ୧୨ ଓଭରରେ କୌଣସି ୱିକେଟ ନ ହରାଇ ୪୦ ରନ୍ କରିଥିଲା। ପରେ ପୁଣି ବର୍ଷା ହେବାରୁ ମ୍ୟାଚ୍‌କୁ ଡ୍ର ଘୋଷଣା କରାଯାଇଥିଲା।

ଝାଡ଼ଖଣ୍ଡ ବିପକ୍ଷ ରେ ବର୍ଷା ଆଶଙ୍କା

ଏହି ମୁକାବିଲା ପରେ ଓଡ଼ିଶା ଏଠାରେ ବା କିଟ୍ କ୍ରିକେଟ ଷ୍ଟାଡିୟମ୍‌ରେ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଝାଡ଼ଖଣ୍ଡ ସହ ଖେଳିବ। ଏହି ମ୍ୟାଚ୍‌ଟି ମଧ୍ୟ ବର୍ଷାରେ ଧୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆଣ୍ଡାମାନ ନିକଟରେ ଗତକାଲି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇସାରିଛି। ଏହାର ପ୍ରଭାବରେ ଅକ୍ଟୋବର ୩୧ କିମ୍ବା ନଭେମ୍ବର ୧ରୁ ଭୁବନେଶ୍ୱର ସମେତ ସମଗ୍ର ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ। ଲଘୁଚାପ ବାତ୍ୟାରେ ପରିଣତ ହୋଇ ଯଦି ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ କରେ ତେବେ ଅତ୍ୟଧିକ ବର୍ଷା ହେବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ମୋଟାମୋଟି କହିବାକୁ ଗଲେ ସର୍ଭିସେସ୍ ମୁକାବିଲା ଭଳି ଝାଡଖଣ୍ଡ ବିପକ୍ଷ ମ୍ୟାଚ୍ ମଧ୍ୟ ଆୟୋଜିତ ହୋଇ ନ ପାରିବାର ଆଶଙ୍କା ସୃଷ୍ଟି ହୋଇଛି।

ମୁମ୍ବଇ, ବିଦର୍ଭ ଓ ବେଙ୍ଗଲର ହ୍ୟାଟ୍ରିକ୍ ବିଜୟ

ମୁମ୍ବଇ, ୨୯ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ଗୁରୁବାର ଶେଷ ହୋଇଛି। ଯେଉଁଥିରେ ରେକର୍ଡ ୪୨ଥରର ବିଜେତା ମୁମ୍ବଇ, ବିଦର୍ଭ ଓ ବେଙ୍ଗଲ ହ୍ୟାଟ୍ରିକ ବିଜୟ ସ୍ୱାଦ ଚାଖିଛନ୍ତି। ସ୍ଥାନୀୟ ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଡି'ର ଏକ ମ୍ୟାଚରେ ମୁମ୍ବଇ ୧୦ ୱିକେଟରେ ହରିୟାଣାକୁ ମାତ୍ ଦେଇଛି। ମୁସିର ଖାନ ୧୦୯ ରନର ଶତକୀୟ ପାଳି ସହ ମୋଟ୍ ୭ଟି ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ନାଗପୁରରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ବିଦର୍ଭ ଏକ ପାଳି ଓ ୨୭ ରନରେ ଗୋଆକୁ ହରାଇଦେଇଛି। ଏହି ମ୍ୟାଚରେ ଗୋଆର ୨୨୦ ରନ ଜବାବରେ ବିଦର୍ଭ ଧ୍ରୁବ ସୋରେ (୧୬୮)ଙ୍କ ଶତକ ସହାୟତାରେ ୮ ୱିକେଟରେ ୪୪୨ ରନ କରି ପାଳି ଘୋଷଣା କରିଥିଲା। ୨୨୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଗୋଆ ଗୁରୁବାର ୧୯୫ ରନରେ ସୀମିତ ରହିଥିଲା। ପୂର୍ବରୁ ବିଦର୍ଭ ପ୍ରଥମ ଦୁଇଟି ମ୍ୟାଚରେ ପୁଡୁଚେରୀ ଓ ଜମ୍ମୁ-କାଶ୍ମୀରକୁ ହରାଇଥିଲା।

ଅପରପକ୍ଷରେ ଶାହବାଜ ଅହମ୍ମଦଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ବେଙ୍ଗଲ ୨୮୭ ରନର ବୃହତ୍ ବ୍ୟବଧାନରେ ଘରୋଇ କେରଳକୁ ହରାଇଦେଇଛି। ଥିରୁଅନନ୍ତପୁରମରେ ଅନୁଷ୍ଠିତ ଏହି ମ୍ୟାଚରେ ବେଙ୍ଗଲ ପ୍ରଦତ୍ତ ୪୦୮ ରନକୁ ପିଛା କରିଥିବା କେରଳ ୧୨୦ ରନରେ ଦ୍ୱିତୀୟ ପାଳି ଅଲ୍‌ଆଉଟ୍ ହୋଇଥିଲା। ଶାହବାଜ ମ୍ୟାଚରେ ମୋଟ୍ ୧୪୧ ରନ ସହ ୪ଟି ୱିକେଟ ନେଇଥିଲେ।

■ ସିନିଅର ମହିଳା ଟି-୨୦ରେ ମାଧୁରୀଙ୍କ ଅର୍ଦ୍ଧଶତକ

ଓଡ଼ିଶାର ହ୍ୟାଟ୍ରିକ୍ ପରାଜୟ

ଭୁବନେଶ୍ୱର,୨୯।୧୦(ସମିସ): ମୋହାଲିରେ ଚାଲିଥିବା ସିନିଅର ମହିଳା ଟି-୨୦ କ୍ରିକେଟରେ ଆଜି ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ମାତ୍ର ୬ ରନ୍‌ରେ ସୌରାଷ୍ଟ୍ର ନିକଟରୁ ପରାଜିତ ହୋଇଛି। ଏହା ଫଳରେ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ପୂର୍ବରୁ ଓଡ଼ିଶା ୯ୱିକେଟରେ ଆନ୍ଧ୍ର ପ୍ରଦେଶ ଓ ୪ ୱିକେଟରେ ହିମାଚଳ ପ୍ରଦେଶ ନିକଟରୁ ହାରିଥିଲା। ଆଜିର ଖେଳରେ ପ୍ରଥମେ ବ୍ୟାଟିଂ କରି ସୌରାଷ୍ଟ୍ର ୬ ୱିକେଟରେ ୧୩୮ ରନ୍ କରିଥିଲା। ଜବାବରେ ମାଧୁରୀ ମେହେଟାଙ୍କ ୫୨ ଏବଂ ଅଲିପ୍ସା ବିଶ୍ୱାଳଙ୍କ ୨୪ ରନ ସତ୍ତ୍ୱେ ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୩୨ରନ୍‌ରେ ଅଟକିଥିଲା। ବୋଲିଂରେ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଅନନ୍ୟା ମିଶ୍ର ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆନ୍ଧ୍ର ବିପକ୍ଷରେ ମାଧୁରୀ ମଧ୍ୟ ୫୬ରନ୍‌ର ଇନିଂସ ଖେଳିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY